# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୪/୨୦୨୩ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 24/2023 Page 14 ₹ 7.00 | BALASORE

୪୯ଶ ଭାଗ ୩୦୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 300 ମୂଲ୍ୟ₹୭/-


# ଆହୁରି ବିଗିଡ଼ିବ ସ୍କୁଲ ପଢ଼ା

## ୨୫ରୁ ଆନ୍ଦୋଳନକୁ ଓହ୍ଲାଇବେ ମାଧ୍ୟମିକ ଶିକ୍ଷକ

**୨ ସପ୍ତାହରୁ ଅଧିକ ସମୟ ଧରି ପ୍ରାଥମିକ ଶିକ୍ଷକ ମହାସଂଘର ଆନ୍ଦୋଳନ ଯୋଗୁ ସ୍କୁଲଗୁଡ଼ିକରେ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ତେବେ ମହାସଂଘରେ ଫାଟ ହୋଇ ୯ଟି ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଥିବା କହୁଥିବାବେଳେ ଆଉ ୬ ସଂଘ ବିକ୍ଷୋଭ ଜାରି ରଖିଛନ୍ତି। ଏଭଳିସ୍ଥଳେ ମାଧ୍ୟମିକ ସ୍କୁଲଗୁଡ଼ିକରେ ପାଠପଢ଼ା ବିଗିଡ଼ିବାକୁ ବସିଛି। କାରଣ ଆସନ୍ତା ୨୫ ତାରିଖ ସୋମବାରଠାରୁ ଆନ୍ଦୋଳନକୁ ଓହ୍ଲାଇବେ ୩୦ ହଜାରରୁ ଊର୍ଦ୍ଧ୍ୱ ହାଇସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ। ଏହାକୁ ନେଇ ଚିନ୍ତା ବଢ଼ିଛି।**

**ଭୁବନେଶ୍ୱର, ୨୩।୯ (ଅସମାପିକା ସାହୁ)**

ରାଜ୍ୟର ଶିକ୍ଷା କ୍ଷେତ୍ରରେ ଶିକ୍ଷକ ସଙ୍କଟ ଲାଗି ରହିଥିବାବେଳେ ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ପିଲାଙ୍କ ପାଠପଢ଼ା ଗୁରୁତର ପ୍ରଭାବିତ ହୋଇଛି। ପ୍ରାଥମିକ ଶିକ୍ଷକମାନେ କାର୍ଯ୍ୟ ବନ୍ଦ କରି ବିଇଓଙ୍କ ଅଫିସ୍ ଆଗରେ ଧାରଣାରେ ବସିଥିବାରୁ ୧୬ଦିନ ହେବ ଅଧିକାଂଶ ପ୍ରାଥମିକ ବିଦ୍ୟାଳୟରେ ତାଲା ଝୁଲୁଛି। ଏପରି ସ୍ଥିତିରେ ମାଧ୍ୟମିକ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଥିବାରୁ ସ୍ଥିତି ଆହୁରି ବିଗିଡ଼ିଯିବା ଆଶଙ୍କା ସୃଷ୍ଟି ହୋଇଛି। ୨୧ ଦଫା ଦାବି ନେଇ ରାଜ୍ୟର ପ୍ରାୟ ସାଢ଼େ ୩ ହଜାର ମାଧ୍ୟମିକ ସ୍କୁଲର ୩୦ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଆସନ୍ତା ୨୫ ତାରିଖରୁ ଅହୋରାତ୍ର ଆନ୍ଦୋଳନ କରିବେ ବୋଲି ଶନିବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ସୂଚନା ଦେଇଛି। ଆୟୋଜିତ ଖବରଦାତା ସମ୍ମିଳନୀରେ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି, ବିଭିନ୍ନ ସମସ୍ୟା ନେଇ ହଜାର ହଜାର ଶିକ୍ଷକ, ଅଭିଭାବକ, ପୁରାତନ ଛାତ୍ର ଓ ପରିଚାଳନା କମିଟି ସଦସ୍ୟଙ୍କୁ ନେଇ ଭୁବନେଶ୍ୱରଠାରେ ଏକ ମହାସମାବେଶ କରାଯିବ ଓ ଶିକ୍ଷକମାନେ ଅହୋରାତ୍ର ଧାରଣାରେ ବସିବେ। ଗତ ଅଗଷ୍ଟ ୧୬ ଶିକ୍ଷକ ଦାବି ଦିବସରେ ୩ ଦିନ ଧରି ଓ ସେପ୍ଟେମ୍ବର ୫ ପବିତ୍ର ଗୁରୁଦିବସରେ ଦୁଇଟି ପର୍ଯ୍ୟାୟରେ ଭୁବନେଶ୍ୱର ରାଜରାସ୍ତାରେ ଓଷ୍ଟାର ଆହ୍ୱାନରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ଅହୋରାତ୍ର ଧାରଣାରେ ବସି ରହିଥିଲେ। ଶିକ୍ଷକଙ୍କ ସମସ୍ୟା ସମାଧାନ ପାଇଁ ସନ୍ଧ୍ୟାରେ ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକ ବସିଥିଲା। ବୈଠକ ଶେଷ ହେବା ପରେ ଅର୍ଥମନ୍ତ୍ରୀ ଗଣମାଧ୍ୟମ ସମ୍ମୁଖରେ କହିଥିଲେ, ଶିକ୍ଷକଙ୍କ ସମସ୍ତ ଦାବିର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବିଭିନ୍ନ ସଙ୍ଗଠନର ନେତୃବୃନ୍ଦଙ୍କୁ ଡାକି ନିଜ ନିଜର ବିଭାଗର ସଚିବ ଓ ମନ୍ତ୍ରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ହେଲେ ଦୁଃଖ ଓ ପରିତାପର ବିଷୟ ଯେ, ଅଦ୍ୟାବଧି ଏଯାଏ କୌଣସି ଆଲୋଚନା କରାଗଲା ନାହିଁ। ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ଏହାକୁ ପାଳନ କରୁନାହାନ୍ତି। ନୂତନ ଅନୁଦାନପ୍ରାପ୍ତ ଓ ଅନ୍ୟାନ୍ୟ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ନ କରିବା, ଚାକିରି ସର୍ତ୍ତାବଳୀ ଓ ପେନ୍‌ସନ ନ ଦେଇ ଶିକ୍ଷକଙ୍କୁ ବାରମ୍ବାର ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ କରୁଛନ୍ତି। ଅବସର ପରେ ପେନ୍‌ସନ ପାଉ ନ ଥିବା ଶିକ୍ଷକଙ୍କୁ ପେନ୍‌ସନ ପ୍ରଦାନ, ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନୋସନାଲ ଇନ୍‌କ୍ରିମେଣ୍ଟ ଦେଇ ବରିଷ୍ଠତା ପ୍ରଦାନ, ଗ୍ରେଡ୍ ପେ'ରେ ଥିବା ଅସଙ୍ଗତି ଦୂରୀକରଣ ଭଳି ୨୧ ଦଫା ଦାବି ନେଇ ଆମେ ଆନ୍ଦୋଳନରେ ରହିବୁ। ତେବେ ଆନ୍ଦୋଳନ ସମୟରେ ସ୍କୁଲ ଖୋଲା ରହିବ। ଜଣେ ଲେଖାଏ ଶିକ୍ଷକ ସ୍କୁଲରେ ରହିବେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଓଷ୍ଟା ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି।

# ପ୍ରଭାତ, ସ୍ତ୍ରୀ ଲକ୍ଷ୍ମୀ ବିଳାସିନୀଙ୍କ ନାଁରେ ଚାର୍ଜଫ୍ରେମ୍

**ସିଶୋର ଚିଟ୍‌ଫଣ୍ଡ ଠକେଇ ମାମଲା**

**■ ନଭେମ୍ବରରୁ ଶୁଣାଣି ଚାଲିବ**

**ଭୁବନେଶ୍ୱର,୨୩।୯ (ସୂର୍ଯ୍ୟକାନ୍ତ ବେହେରା)**

ବହୁଚର୍ଚ୍ଚିତ ସିଶୋର ଚିଟ୍‌ଫଣ୍ଡ ଠକେଇ ମାମଲାର ୯ବର୍ଷ ପରେ ଭୁବନେଶ୍ୱର ସିବିଆଇ-୧ କୋର୍ଟରେ ଚାର୍ଜଫ୍ରେମ ହୋଇଛି। କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ଏବଂ


ପ୍ରଭାତ ବିଶ୍ୱାଳ


ଲକ୍ଷ୍ମୀ ବିଳାସିନୀ

ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ବିଳାସିନୀଙ୍କ ନାଁରେ ବେଆଇନ ଅର୍ଥ କାରବାର ଅଭିଯୋଗରେ ଚାର୍ଜଫ୍ରେମ ହୋଇଛି। ଉଭୟଙ୍କ ନାଁରେ ଆଇପିସି ଦଫା ୪୨୦, ୧୨୦ (ବି), ୪୦୯, ୪୬୭, ୪୬୮ ଏବଂ ୪୭୧ରେ ମାମଲା ଶୁଣାଣି ହେବ। ସିଶୋର ଚିଟଫଣ୍ଡ ଗ୍ରୁପ୍ ସହ ଏକ ଜମି କିଣାବିକାକୁ ନେଇ ପୂର୍ବତନ ବିଧାୟକ ବିଶ୍ୱାଳ ☞ପୃଷ୍ଠା-୪






# ପୋଲିସ ବସ୍ ପୋଡ଼ିଲେ ଗ୍ରାମବାସୀ

**କନ୍ୟାଶ୍ରମରେ ନାବାଳିକାଙ୍କୁ ବଳାତ୍କାର**

**ରାୟଗଡ଼ା/ଟିକିରି,୨୩।୯ (ଆଶିଷ ରଞ୍ଜନ ପଣ୍ଡା/ ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲ ଗ୍ରାମରେ ଥିବା ଏକ କନ୍ୟାଶ୍ରମରେ ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ଶନିବାର ପୋଲିସ ଅଭିଯୁକ୍ତ ପିଅନ ଶିବପ୍ରସାଦ ମିଶ୍ରଙ୍କୁ ଗିରଫ କରିଛି। ପରେ ଅଭିଯୁକ୍ତ ପିଅନଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବା ଖବର ମିଳିଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରି ଆମକୁ ହସ୍ତାନ୍ତର କର ଓ ଆମେ ଅଭିଯୁକ୍ତକୁ ଦଣ୍ଡଦେବୁ ବୋଲି ଗ୍ରାମବାସୀ ଓ ପୀଡ଼ିତାଙ୍କ ପରିବାର ଜିଦ୍ ଧରି ବସିଛନ୍ତି। ଉତ୍ତ୍ୟକ୍ତ ଲୋକେ ପୋଲିସର ୨ଟି ବୋଲେରୋ ଓ ଗୋଟିଏ ବସ୍‌କୁ ଭଙ୍ଗାରୁଜା କରିବା ସହ ଅନ୍ୟ ଏକ ବସ୍‌ରେ ନିଆଁ ଲଗାଇ ପୋଡିଦେଇଛନ୍ତି। ଏହି ଘଟଣାରେ ପୋଲିସ ବହୁ ଗ୍ରାମବାସୀଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ତଦନ୍ତ ସରିବା ପରେ ହିଂସାରେ ଜଡ଼ିତ ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ବିବେକାନନ୍ଦ ଶର୍ମା କହିଛନ୍ତି। ଅନ୍ୟପକ୍ଷରେ ନାବାଳିକା ବଳାତ୍କାର ଘଟଣାରେ ଏସ୍‌ଡିପିଓ ବିଦ୍ୟାଳୟ ଯାଇ ଘଟଣାର ତଦନ୍ତ କରିଥିବା ଜଣାପଡ଼ିଛି। ଅପରପକ୍ଷରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଘଟିଥିବା ଏବଂ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ଏନ୍‌କାଉଣ୍ଟର କାହିଁକି

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବିଧାନର ପୁନର୍ଲିଖନ ନ କରି ମଧ୍ୟ ଗଣତନ୍ତ୍ରକୁ ହତ୍ୟା କରିସାରିଲେଣି। ନୂଆ ସଂସଦ ଭବନକୁ 'ମୋଦି କମ୍ପ୍ଲେକ୍ସ' କୁହାଯିବା ଉଚିତ।

–ଜୟରାମ ରମେଶ, କଂଗ୍ରେସ ନେତା






କାନାଡା ଆତଙ୍କବାଦୀ ଗୁର୍‌ପତୱନ୍ତ ସିଂ ପନ୍ନୁଙ୍କର ପଞ୍ଜାବର ଅମୃତସର ଏବଂ ଚଣ୍ଡିଗଡ଼ରେ ଥିବା ଘର ଓ ଜମିକୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଜବତ କରିଛି। ପନ୍ନୁ ନିଜକୁ ବେଆଇନ ସଂଗଠନ ଶିଖ୍‌ସ୍ ଫର୍ ଜଷ୍ଟିସ୍ (ଏସ୍‌ଏଫ୍‌ଜେ)ର ଜେନେରାଲ କାଉନ୍‌ସେଲ ଭାବେ ପରିଚିତ କରାଇଥିଲା। ମୋହାଲିର ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି।

# ନିଜ୍ଜର ହତ୍ୟା ପ୍ରମାଣ ଭାରତକୁ ଦିଆଯାଇଛି: ଟ୍ରୁଡୋ

ଟରଣ୍ଟୋ,୨୩।୯ (ପି.ଟି.)

ବିଚ୍ଛିନ୍ନତାବାଦୀ ନେତା ହରଦୀପ୍ ସିଂ ନିଜ୍ଜର ହତ୍ୟା ସହ ଭାରତୀୟ ଏଜେଣ୍ଟ ସମ୍ପୃକ୍ତ ଥିବା ନେଇ ନିର୍ଭରଯୋଗ୍ୟ ଅଭିଯୋଗର ପ୍ରମାଣ ବହୁ ସପ୍ତାହ ପୂର୍ବରୁ ଭାରତକୁ ଦିଆଯାଇଥିବା କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ କହିଛନ୍ତି। ଏହି ସାଂଘାତିକ ଘଟଣାର ସତ୍ୟତା ବାହାର କରିବାରେ ନୂଆଦିଲ୍ଲୀ ଓଟାୱା ସହ ଗଠନମୂଳକ ଭାବେ କାର୍ଯ୍ୟ କରିବା ଆମେ ଚାହୁଁ ବୋଲି ଟ୍ରୁଡୋ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ମିଳିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଖଲିସ୍ତାନୀ ଆତଙ୍କବାଦୀ ନିଜ୍ଜରଙ୍କୁ ଗତ ଜୁନ୍ ୧୮ରେ ବ୍ରିଟିଶ କଲମ୍ବିଆରେ ହତ୍ୟା କରାଯାଇଥିଲା। ଏଥିରେ ଭାରତର ଗୋଇନ୍ଦା ସଂସ୍ଥାର ସମ୍ଭାବ୍ୟ ସମ୍ପୃକ୍ତି ଥିବାନେଇ ଟ୍ରୁଡୋ ବିସ୍ଫୋରକ ଅଭିଯୋଗ ଆଣିବା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବଢ଼ିଛି। କାନାଡ଼ା ଭାରତର କୂଟନୈତିକ ଅଧିକାରୀଙ୍କୁ ବହିଷ୍କାର କରିବା ପରେ ଯେସାକୁ ତେସା ନୀତିରେ ନୂଆଦିଲ୍ଲୀ ମଧ୍ୟ ସେମାନଙ୍କ କୂଟନୈତିକ ଅଧିକାରୀଙ୍କୁ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଫାଇଭ୍ ଆଇଜ୍ ଗୋଇନ୍ଦା ତଥ୍ୟ ଦେଇଥିଲା: ଆମେରିକା


ଜଷ୍ଟିନ୍ ଟ୍ରୁଡୋ

ଅଷ୍ଟ୍ରେଲିଆ, କାନାଡା, ନ୍ୟୁଜିଲାଣ୍ଡ, ବ୍ରିଟେନ୍ ଏବଂ ଆମେରିକାକୁ ନେଇ ଗଠିତ ଗୋଇନ୍ଦା ସଂସ୍ଥା ଫାଇଭ୍ ଆଇଜ୍ ଏହାର ସହଯୋଗୀ ଦେଶଗୁଡ଼ିକୁ ନିଜ୍ଜର ହତ୍ୟା ସମ୍ପର୍କରେ ଗୋଇନ୍ଦା ରିପୋର୍ଟ ଦେଇଥିଲା ବୋଲି ଆମେରିକା କୂଟନୀତିଜ୍ଞ ପ୍ରଥମ ଥର ପାଇଁ ସ୍ୱୀକାର କରିଛନ୍ତି। ଗୋଇନ୍ଦା ରିପୋର୍ଟ ପାଇବା ପରେ ହତ୍ୟାକାଣ୍ଡରେ ଭାରତୀୟ ଗୋଇନ୍ଦା ସଂସ୍ଥା ସମ୍ପୃକ୍ତ ଥିବା ଟ୍ରୁଡୋ ଅଭିଯୋଗ ଆଣିଥିଲେ ବୋଲି ଏକ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ହତ୍ୟାକାଣ୍ଡରେ ଭାରତର ସମ୍ପୃକ୍ତି ଅଭିଯୋଗକୁ ନେଇ ଆମେରିକା ଗଭୀର ଚିନ୍ତା ପ୍ରକଟ କରିଥିବା ଏହାର ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି। ତଦନ୍ତରେ ନୂଆଦିଲ୍ଲୀ ଓଟାୱା ସହ ଏକାଠି କାମ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ଦେଇଛନ୍ତି।

ଅନ୍ୟପକ୍ଷରେ ଭାରତର ପୂର୍ବତନ ରାଷ୍ଟ୍ରଦୂତ ବିକାଶ ସ୍ୱରୂପ କାନାଡା ପ୍ରଧାନମନ୍ତ୍ରୀଙ୍କ ଦାୟିତ୍ୱହୀନ ଅଭିଯୋଗକୁ ନିନ୍ଦା କରିଛନ୍ତି। ବିବାଦ ହ୍ରାସ କରିବା ସହ ସତ୍ୟ ପଦାକୁ ଆଣିବାରେ ଓଟାୱା କାର୍ଯ୍ୟ କରୁ ବୋଲି ସେ କହିଛନ୍ତି। ଦୋଷ ପ୍ରମାଣ ନ ହେବା ପର୍ଯ୍ୟନ୍ତ ଜଣେ ନିର୍ଦ୍ଦୋଷ। ଆଇନକୁ ତା' ବାଟରେ ଯିବାକୁ ଦିଆଯାଉ ବୋଲି ସ୍ୱରୂପ କାନାଡା ସରକାରଙ୍କୁ ଚେତାଇ ଦେଇଛନ୍ତି। ସ୍ୱରୂପ ୨୦୧୭ରୁ ୨୦୧୯ କାନାଡାରେ ଭାରତର ଉଚ୍ଚାୟୁକ୍ତ ଭାବେ କାର୍ଯ୍ୟ କରିଥିଲେ।

## ଆତଙ୍କବାଦୀ ତାଲିମ ଶିବିର ଚଳାଇଥିଲେ ନିଜ୍ଜର

ନୂଆଦିଲ୍ଲୀ,୨୩।୯ (ପି.ଟି.)


ହରଦୀପ୍ ସିଂ ନିଜ୍ଜର

ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ହରଦୀପ୍ ସିଂ ନିଜ୍ଜରଙ୍କ ହତ୍ୟାକୁ ନେଇ ଭାରତ ଓ କାନାଡା ମଧ୍ୟରେ ବିବାଦ ତୀବ୍ର ହୋଇଛି। ତେବେ ନିଜ୍ଜର ଧର୍ମୀୟ କିମ୍ବା ସାମାଜିକ ବ୍ୟକ୍ତିତ୍ୱ ନୁହନ୍ତି, ସେ ଆତଙ୍କବାଦୀମାନଙ୍କ ପାଇଁ ତାଲିମ ଶିବିର ଚଳାଇବା ସହ ଆତଙ୍କବାଦ କାର୍ଯ୍ୟ ପାଇଁ ପାଣ୍ଠି ଯୋଗାଉଥିଲେ ବୋଲି ଏକ ସୂତ୍ରରୁ କୁହାଯାଇଛି। ବେଆଇନ ଖଲିସ୍ତାନୀ କମାଣ୍ଡୋ ଫୋର୍ସର ଗୁର୍‌ଦୀପ ସିଂ ଓରଫ ଦୀପା ହେରାନ୍‌ୱାଲାଙ୍କ ଘନିଷ୍ଠ ସହଯୋଗୀ ଥିଲେ ନିଜ୍ଜର। ନିଶା ଚୋରା କାରବାର ଏବଂ ବଟି ଆଦାୟ ଆଦି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ନିଜ୍ଜର ଗିରଫ ଭୟରେ ୧୯୯୬ରେ କାନାଡ଼ା ପଳାଇଥିଲେ। କାନାଡାରେ ସେ ଆତଙ୍କବାଦୀ କାର୍ଯ୍ୟ ପାଇଁ ପାଣ୍ଠି ଯୋଗାଡ଼ କରୁଥିଲେ ଓ ଭାରତରେ ଆକ୍ରମଣ ପାଇଁ ବ୍ରିଟିଶ କଲମ୍ବିଆରେ ଏକ ଆତଙ୍କବାଦ ତାଲିମ ଶିବିର ଚଳାଇଥିଲେ। ସେ ଆତଙ୍କବାଦୀ ସଂଗଠନ ଖଲିସ୍ତାନ ଟାଇଗର ଫୋର୍ସର ଅପରେଶନ ମୁଖ୍ୟ ଭାବେ କାର୍ଯ୍ୟ କରିଆସୁଥିଲେ। ୨୦୧୨ରେ ସେ ପାକିସ୍ତାନରେ ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ୍‌ର ମୁଖ୍ୟ ଜଗତରସିଂ ତାରାଙ୍କୁ ଭେଟିଥିଲେ। ତାରା ତାଙ୍କୁ ଅସ୍ତ୍ର ଯୋଗାଇବା ସହ ଆଇଇଡି ପ୍ରସ୍ତୁତିର ତାଲିମ ଦେଇଥିଲେ। ତାରାଙ୍କ ନିର୍ଦ୍ଦେଶରେ ୨୦୧୪ରେ ନିଜ୍ଜର ହରିୟାଣାର ସିର୍ସାସ୍ଥିତ ଡେରା ସଚା ସୌଦା ମୁଖ୍ୟାଳୟ ଉପରେ ଆତଙ୍କବାଦୀ ଆକ୍ରମଣ ପାଇଁ ଯୋଜନା କରିଥିଲେ। ତେବେ ଭିଜା ନ ମିଳିବାରୁ ଯୋଜନା ସଫଳ ହୋଇ ନ ଥିଲା। ଏନ୍‌ଆଇଏ ତାଙ୍କ ବିରୋଧରେ ଅନେକ ମାମଲା ରୁଜୁ କରିବା ସହ ଇଣ୍ଟରପୋଲ୍ ରେଡ୍ କର୍ନର ନୋଟିସ୍ ଜାରି କରିଥିଲା। ନିଜ୍ଜର କାନାଡ଼ାରେ ଭାରତ ବିରୋଧୀ ବିକ୍ଷୋଭ ଚଳାଇବା ସହ ଭାରତୀୟ କୂଟନୀତିଜ୍ଞମାନଙ୍କୁ ଧମକ ଦେଇଥିଲେ।


ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ଏବିଭିପି ସଭାପତି ପ୍ରାର୍ଥୀ ତୁଷାର ଦେଢ଼ା, ସମ୍ପାଦକ ପ୍ରାର୍ଥୀ ଅପରାଜିତା ଏବଂ ଯୁଗ୍ମ ସମ୍ପାଦକ ପ୍ରାର୍ଥୀ ସଚିନ ବୈସଲା ବିଜୟୀ ହେବା ପରେ ଖୁସି ମନାଉଛନ୍ତି।

## କଂଗ୍ରେସ ଏମ୍‌ପିଙ୍କ ବିରୋଧରେ ମାନହାନି ମକଦ୍ଦମା

ଗୁଆହାଟୀ,୨୩।୯

କଂଗ୍ରେସ ଏମ୍‌ପି ଗୌରବ ଗୋଗଇଙ୍କ ବିରୋଧରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସ୍ତ୍ରୀ ରିଙ୍କି ଭୁୟାଁ ଶର୍ମା ୧୦ କୋଟି ଟଙ୍କାର ମାନହାନି ମାମଲା ରୁଜୁ କରିଛନ୍ତି। ଖାଦ୍ୟ ପ୍ରକ୍ରିୟାକରଣ ପ୍ରୋଜେକ୍ଟରେ ଅନିୟମିତତା ହୋଇଥିବା ନେଇ ସେ ମିଥ୍ୟା ଅଭିଯୋଗ କରିଥିବା ରିଙ୍କି କହିଛନ୍ତି। ରିଙ୍କିଙ୍କ ବିରୋଧରେ ଗୋଗଇ ଅପମାନଜନକ ଟୁଇଟ୍ କରିଥିଲେ।

## ସଂକ୍ଷେପରେ

### ହମ୍‌ସଫର ଏକ୍ସପ୍ରେସ୍‌ରେ ନିଆଁ



ଅହମଦାବାଦ,୨୩।୯: ଗୁଜରାଟର ଭାଲସାଦ ଷ୍ଟେଶନ ନିକଟରେ ତିରୁଚିରାପଲ୍ଲୀ- ଶ୍ରୀଗଙ୍ଗାନଗର ହମ୍‌ସଫର ଏକ୍ସପ୍ରେସ୍ ଟ୍ରେନ୍‌ରେ ନିଆଁ ଲାଗିଯାଇଥିଲା। ଶନିବାର ଅପରାହ୍ନରେ ଟ୍ରେନ୍‌ଟି ଭାଲସାଦ ଷ୍ଟେଶନ ଛାଡ଼ିବା ପରେ ଜେନେରେଟର କୋଚ୍‌ରୁ ନିଆଁ ବାହାରି ପାଖ ବଗିରେ ଲାଗିଯାଇଥିଲା। ଟ୍ରେନ୍‌କୁ ଅଟକାଯିବା ପରେ ସମସ୍ତ ଯାତ୍ରୀ ବାହାରିଯାଇଥିଲେ। କେହି ଆହତ ହୋଇନାହାନ୍ତି।

### ମଣିପୁରକୁ ଫେରିଲା ମୋବାଇଲ୍ ଇଣ୍ଟରନେଟ୍ ସେବା

ଗୁଆହାଟୀ,୨୩।୯ (ପି.ଟି.): ଦୀର୍ଘ ୧୪୦ ଦିନ ପରେ ହିଂସାପ୍ରଭାବିତ ମଣିପୁରକୁ ଶନିବାର ମୋବାଇଲ ଇଣ୍ଟରନେଟ୍ ସେବା ଫେରିଛି। ମେ' ୩ରେ ଉକ୍ତ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ମେଇତି ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସା ଦେଖାଦେବା ପରେ ଇଣ୍ଟରନେଟ ସେବାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା। ହିଂସା ସମ୍ପର୍କିତ ଗୁଜବ ପ୍ରଚାର, ଅନ୍ୟମାନଙ୍କୁ ଉସୁକାଇବା ଆଦି ରୋକିବା ନିମନ୍ତେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପ୍ରଶାସନକୁ ଏଭଳି ନିଷ୍ପତ୍ତି ନେବାକୁ ପଡ଼ିଥିଲା। ସ୍ଥିତିରେ ସାମାନ୍ୟ ସୁଧାର ଆସିବା ପରେ ଜୁଲାଇ ୨୫ରେ ବ୍ରଡ୍‌ବ୍ୟାଣ୍ଡ ଇଣ୍ଟରନେଟ୍ ସେବା ଉପରେ କଟକଣା ପ୍ରତ୍ୟାହାର କରିନିଆଯାଇଥିଲା। ଶନିବାରଠାରୁ ମୋବାଇଲ ଇଣ୍ଟରନେଟ୍ ସେବା କାର୍ଯ୍ୟକ୍ଷମ ହେଲା ବୋଲି ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଘୋଷଣା କରିଛନ୍ତି।

### ମଣିପୁରରୁ ସନ୍ଦିଗ୍ଧ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ,୨୩।୯ (ପି.ଟି.): ହିଂସାପ୍ରବଣ ମଣିପୁରରୁ ଜଣେ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଗିରଫ କରିଛି। ସେ ମ୍ୟାନ୍‌ମାରର ବିଦ୍ରୋହୀ ଗୋଷ୍ଠୀ ସହ ସମ୍ପୃକ୍ତ ଏବଂ ମଣିପୁର ହିଂସାର ଫାଇଦା ଉଠାଇ ସେ ଭାରତ ବିରୋଧରେ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର କରୁଥିଲେ ବୋଲି ଏନ୍‌ଆଇଏର ଜଣେ ଅଧିକାରୀ କହିଛନ୍ତି। ଗିରଫ ମୈରାଙ୍ଗଥେମ୍ ଆନନ୍ଦ ସିଂଙ୍କୁ ଜେରା ପାଇଁ ନୂଆଦିଲ୍ଲୀ ଅଣାଯାଇଛି। ପୋଲିସ ଅସ୍ତ୍ରାଗାରରୁ ଅସ୍ତ୍ରଶସ୍ତ୍ର ଲୁଟ୍ କରିବା ପ୍ରକ୍ରିୟାରେ ଗିରଫ ୫ ଜଣଙ୍କ ମଧ୍ୟରେ ମୈରାଙ୍ଗଥେମ୍ ଅନ୍ୟତମ।

## ଏକସଙ୍ଗେ ନିର୍ବାଚନ ଲାଗି କମିଟିର ପ୍ରଥମ ବୈଠକ

ନୂଆଦିଲ୍ଲୀ,୨୩।୯ (ପି.ଟି.)

ଦେଶରେ ଏକସଙ୍ଗେ ସମସ୍ତ ନିର୍ବାଚନ କରାଇବା ପାଇଁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟିର ପ୍ରଥମ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜନୈତିକ ଦଳଗୁଡ଼ିକୁ ଆମନ୍ତ୍ରଣ କରି ଏକସଙ୍ଗେ ନିର୍ବାଚନ ନେଇ ନ୍ୟାୟିକ ଆୟୋଗ ସେମାନଙ୍କ ମତାମତ ସଂଗ୍ରହ କରିବାକୁ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ, ରାଜ୍ୟ ସଭାର ପୂର୍ବତନ ପୂର୍ବତନ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ, ପୂର୍ବତନ ଅର୍ଥ କମିଶନ ଅଧକ୍ଷ ଏନ୍.କେ. ସିଂ, ଲୋକ ସଭାର ପୂର୍ବତନ ମହାସଚିବ ସୁଭାଷ ସି. କଶ୍ୟପ ଏବଂ ପୂର୍ବତନ ମୁଖ୍ୟ ଭିଜିଲାନ୍ସ କମିଶନର ସଞ୍ଜୟ କୋଠାରି ବୈଠକରେ ଯୋଗ ଦେଇଥିଲେ। ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ଭର୍ଚୁଆଲି ବୈଠକରେ ସାମିଲ ହୋଇଥିଲେ। ତେବେ ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ବୈଠକକୁ ଆସି ନ ଥିଲେ। ସ୍ୱୀକୃତିପ୍ରାପ୍ତ ଜାତୀୟ ଦଳ, ବିଭିନ୍ନ ରାଜ୍ୟରେ ସରକାରରେ ଥିବା ଦଳ, ପାର୍ଲାମେଣ୍ଟକୁ ସଦସ୍ୟ ପଠାଇଥିବା ଦଳ ଏବଂ ଅନ୍ୟ ସ୍ୱୀକୃତିପ୍ରାପ୍ତ ରାଜ୍ୟ ଦଳଗୁଡ଼ିକୁ ଆମନ୍ତ୍ରଣ କରାଯାଇ ଏକକାଳୀନ ନିର୍ବାଚନ ନେଇ ସେମାନଙ୍କ ପ୍ରସ୍ତାବ ଓ ମତାମତ ଲୋଡ଼ାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ଏକ ବିବୃତିରେ କୁହାଯାଇଛି। ଏଥିସହିତ ନ୍ୟାୟିକ ଆୟୋଗରୁ ମଧ୍ୟ ପ୍ରସ୍ତାବ ଓ ମତାମତ ନିଆଯିବ ବୋଲି ଆଇନ ମନ୍ତ୍ରଣାଳୟ କହିଛି।

### ରାଜନୈତିକ ଦଳଗୁଡ଼ିକର ମତାମତ ନେବେ

## ପ୍ରବଳ ବର୍ଷାରେ ନାଗପୁର ଜଳାର୍ଣ୍ଣବ

ନାଗପୁର,୨୩।୯

ମୁଷଳଧାରାରେ ବର୍ଷା ଯୋଗୁ ନାଗପୁରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସହର ମଧ୍ୟରେ ୩ ଫୁଟରୁ ଅଧିକ ପାଣି ଭରି ରହିଛି। ଶୁକ୍ରବାର ରାତିରୁ ଆରମ୍ଭ ହୋଇଥିବା ମୁଷଳଧାରା ବର୍ଷା ନାଗପୁରବାସୀଙ୍କ ନିଦ ହଜାଇ ଦେଇଛି। ବର୍ଷା ଯୋଗୁ ରାସ୍ତା ଉପରେ ପାଣି ବହିବା ସହ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ସେହିପରି ନାଗ ଓ ପିଲି ନଦୀ ସଂଲଗ୍ନ ଅଞ୍ଚଳରେ ଥିବା ଘରଗୁଡ଼ିକରେ ପାଣି ପଶିଯାଇଛି। ନାଗପୁର ମ୍ୟୁନିସିପାଲିଟିର ଅଗ୍ନିଶମ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ କର୍ମଚାରୀଙ୍କ ସହ ଏସ୍‌ଡିଆର୍‌ଏଫ୍ ଯବାନମାନେ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ପାଣିପାଗ ବିଭାଗର ସୂଚନାନୁସାରେ ନାଗପୁର ବିମାନବନ୍ଦରରେ ଶନିବାର ସକାଳ ୫.୩୦ ସୁଦ୍ଧା ୧୦୬.୭ ମିଲିମିଟର ବର୍ଷା ହୋଇଛି। ସକାଳୁ ବର୍ଷା ଲାଗି ରହିଥିବାରୁ ଟ୍ରାଫିକ୍ ସେବା ପ୍ରଭାବିତ ହୋଇଥିଲା। ସେହିପରି ବର୍ଷା ଯୋଗୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଟ୍ରେନ୍, ବସ୍ ଓ ବିମାନ ସେବା ପ୍ରଭାବିତ ହୋଇଛି।


ନାଗପୁର ସହରର ଏକ ରାସ୍ତାରେ ଆଣ୍ଠୁଏ ପାଣିରେ ଲୋକେ ଯାତାୟାତ କରୁଛନ୍ତି।

## ଫୁର୍‌ସତ୍

## ରଣବୀରଙ୍କ ସହ ରୋମାନ୍ସ କରିବେ ରଶ୍ମିକା



ମୁମ୍ବାଇ

ରଣବୀରଙ୍କ ସହ ରୋମାନ୍ସ କରିବେ ଅଭିନେତ୍ରୀ ରଶ୍ମିକା ମନ୍ଦାନା। ସୂଚନା ଅନୁଯାୟୀ, ସାଉଥ ଅଭିନେତ୍ରୀ ରଶ୍ମିକା ଖୁବ୍ ଶୀଘ୍ର ଏକ ବଲିଉଡ ମୁଭିରେ ନଜର ଆସିବେ। ଏଥର ରଶ୍ମିକା ବଲିଉଡ ଅଭିନେତା ରଣବୀର କପୁରଙ୍କ ସହ ସ୍କ୍ରିନ୍ ଶେୟାର କରିବାକୁ ଯାଉଛନ୍ତି। ସେ ହେଉଛନ୍ତି ଆଗାମୀ ମୁଭି 'ଆନିମଲ'ର ମୁଖ୍ୟ ନାୟିକା। ସେ ଏହି ମୁଭିରେ ଗୀତାଞ୍ଜଳି ଭୂମିକାରେ ନଜର ଆସିବେ। ଶନିବାର ଆନିମଲରୁ ରଶ୍ମିକାଙ୍କର ଫାଷ୍ଟ ଲୁକ୍ ରିଲିଜ ହୋଇଛି। ଏହି ଅଭିନେତ୍ରୀ ଏକ ସିଲ୍କ ଶାଢି ପିନ୍ଧି ବହୁତ ସଂସ୍କାରି ଅବତାରରେ ନଜର ଆସିଛନ୍ତି। ରଶ୍ମିକାଙ୍କ ଏହି ଲୁକ୍ ଦେଖି ପ୍ରଶଂସକମାନେ ଖୁବ ଇମ୍ପ୍ରେସ ହୋଇଛନ୍ତି। ଗତ କିଛିଦିନ ହେବ ନିର୍ମାତାମାନେ 'ଆନିମଲ'ର ପୋଷ୍ଟର ଜାରି କରିଛନ୍ତି। ରଣବୀର କପୁରଙ୍କ ଲୁକ୍ ପ୍ରଥମେ ସାମ୍ନାକୁ ଆସିଥିଲା। ଏହା ପରେ ଭେଟେରାନ ଅଭିନେତା ଅନିଲ କପୁରଙ୍କ ଫାଷ୍ଟ ଲୁକ୍ ଦେଖିବାକୁ ମିଳିଥିଲା। ଅନିଲ କପୁରଙ୍କ ପରେ ଏବେ ଫିଲ୍ମରୁ ରଶ୍ମିକାଙ୍କ ଲୁକ୍ ପ୍ରଦର୍ଶନ କରାଯାଇଛି। ଅଭିନେତ୍ରୀ ଖୁବ୍ ଟ୍ରାଡିଶନାଲ ଦେଖାଯାଉଛନ୍ତି। ମେରୁନ ସିଲ୍କ ଶାଢି ସହ ନଜର ଝୁକାଇଁ ଏକଦମ୍ ଭାରତୀୟ ନାରୀ ଲୁକ୍‌ରେ ରଶ୍ମିକା ସ୍ପଷ୍ଟ ବାରି ହୋଇ ଯାଉଛନ୍ତି। ରଣବୀର କପୁରଙ୍କ ସହ ରଶ୍ମିକାଙ୍କ ଯୋଡି ଦେଖିବାକୁ ପ୍ରଶଂସକମାନେ ମଧ୍ୟ ବହୁତ ଉତ୍ସାହିତ ଅଛନ୍ତି। ଏହି ମୁଭିର ନିର୍ଦ୍ଦେଶନା ଦେଇଛନ୍ତି କବୀର ସିଂ ଫେମ୍ ସନ୍ଦୀପ ରେଡ୍ଡୀ ଭାଙ୍ଗା। ନିର୍ମାତାମାନେ ଅନିଲ କପୁରଙ୍କୁ ବଲବୀର ସିଂଙ୍କ ଚରିତ୍ରରେ ଫାଷ୍ଟ ଲୁକ୍ ପୋଷ୍ଟର ସହିତ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ଅନିଲ କପୁରଙ୍କୁ ମଧ ବହୁତ ରଫ-ଟଫ ଲୁକ୍‌ରେ ଦେଖିବାକୁ ମିଳିଥିଲା। ଫିଲ୍ମର କାହାଣୀକୁ ନେଇ ନିର୍ମାତା ସସପେନ୍ସ ବଜାୟ ରଖିଛନ୍ତି। ପୂର୍ବରୁ 'ଆନିମଲ' ସେପ୍ଟେମ୍ବରରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାର ଥିଲା, କିନ୍ତୁ 'ଯବାନ' ସହିତ ଟକ୍କର ହେତୁ ଏହାକୁ ସ୍ଥଗିତ ରଖାଯାଇଥିଲା। ବର୍ତ୍ତମାନ ଏହା ଡିସେମ୍ବର ୧ରେ ରିଲିଜ ହେବ। ଏହି ମୁଭିରେ ଅନିଲ କପୁର, ରଶ୍ମିକା ମନ୍ଦାନା, ବବି ଦେଓଲ ଏବଂ ତୃପ୍ତି ଡିମରି ମଧ ଅଭିନୟ କରିଛନ୍ତି।

## ବାଟବଣା କଲା ଗୁଗଲ ମ୍ୟାପ୍

ୱାଶିଂଟନ



ଆଜିକାଲି ଟେକ୍ନୋଲୋଜି ବହୁତ ଆଗେଇଛି। ଲୋକେ ଆଗେ ଅଜଣା ସ୍ଥାନ ବିଷୟରେ ଲୋକଙ୍କୁ ପଚାରିବା ସହ ଅଯଥା ସମୟ ନଷ୍ଟ କରୁଥିଲେ। ମାତ୍ର ଗୁଗଲ ମ୍ୟାପ ଯୋଗୁ କାହାକୁ ନ ପଚାରି ସିଧା ଯାଇ ଠିକଣା ସ୍ଥାନରେ ପହଞ୍ଚି ଯାଉଛନ୍ତି। ମାତ୍ର ଏହି ମ୍ୟାପ ଯୋଗୁ ଏକ ପରିବାର କିପରି ଅଡୁଆରେ ପଡ଼ି ମାମଲା ଦାଏର କରିଛନ୍ତି ତାହା ସାମ୍ନାକୁ ଆସିଛି। ଗୁଗଲ ମ୍ୟାପ୍ ଫଲୋ କରି ଯିବା ସମୟରେ ଭୁଶୁଡ଼ି ପଡ଼ିଥିବା ବ୍ରିଜ୍‌କୁ ଗାଡ଼ି ଚଢ଼ାଇଦେବାରୁ ଦୁର୍ଘଟଣାରେ ଜୀବନ ହରାଇଥିବା ବ୍ୟକ୍ତିଙ୍କ ପରିବାର ଅବହେଳା ଅଭିଯୋଗ କରି ଟେକ୍ କମ୍ପାନୀ ବିରୋଧରେ ମକଦ୍ଦମା ଦାଏର କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବ୍ରିଜଟି ୫ ବର୍ଷ ପୂର୍ବେ ଧୋଇଯାଇଥିବା କଥା ଗୁଗଲ ଜାଣିଥିଲା। କିନ୍ତୁ ନାଭିଗେଶନ ସିଷ୍ଟମ ଅପଡେଟ କରି ନ ଥିଲା। ମକଦ୍ଦମା ଅନୁଯାୟୀ, ଗତବର୍ଷ ସେପ୍ଟେମ୍ବରରେ ମେଡିକାଲ ଉପକରଣ ବିକ୍ରେତା ଫିଲିପ ପାକ୍ସସନଙ୍କ ଜିପ୍ ଗ୍ଲାଡିଏଟର ଉତ୍ତର କାରୋଲିନାର ହିକୋରୀରେ ବରଫ ଭିତରେ ପଶିଯିବା ପରେ ବୁଡ଼ି ଯାଇଥିଲେ। ତାଙ୍କ ଝିଅର ନବମ ଜନ୍ମୋତ୍ସବ ପାଳନ ପାଇଁ ଘରକୁ ଫେରୁଥିବା ବେଳେ ସେ ଏକ ଅଜଣା ସ୍ଥାନ ଦେଇ ଯାଉଥିଲେ। ଏହି ସମୟରେ ଗୁଗଲ ମ୍ୟାପ ତାଙ୍କୁ ଭୁଶୁଡି ପଡ଼ିଥିବା ବ୍ରିଜ ପାର ହେବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଗୁଗଲର ମାନବ ଜୀବନ ପ୍ରତି ସାମାନ୍ୟ ସମ୍ମାନ ନାହିଁ ବୋଲି ଫିଲିପଙ୍କ ସ୍ତ୍ରୀ ଆଲିସିଆ ପାକ୍ସସନ କହିଛନ୍ତି।

## ୯ମ ଶ୍ରେଣୀରୁ ଐଶ୍ୱର୍ଯ୍ୟାଙ୍କୁ ଆସିଥିଲା ଫିଲ୍ମ ଅଫର



ମୁମ୍ବାଇ

ପୂର୍ବତନ ବିଶ୍ୱସୁନ୍ଦରୀ ତଥା ନୀଳନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଖାଲି ଦେଶରେ ନୁହେଁ, ବିଦେଶରେ ମଧ ଲୋକପ୍ରିୟ। ସେ ତାଙ୍କର ବଳିଷ୍ଠ ଅଭିନୟ ମାଧ୍ୟମରେ ସମସ୍ତଙ୍କ ହୃଦୟ ଜିଣିଥାନ୍ତି। ଆଜି ବି ଐଶ୍ୱର୍ଯ୍ୟାଙ୍କର କ୍ରେଜ୍ କମିନାହିଁ। ଜାଣି ଆଶ୍ଚର୍ଯ୍ୟ ହେବେ ଐଶ୍ୱର୍ଯ୍ୟାଙ୍କୁ ଖୁବ କମ ବୟସରୁ ଫିଲ୍ମ ଅଫର ମିଳିଥିଲା। ଐଶ୍ୱର୍ଯ୍ୟା ଯେତେବେଳେ ନବମ ଶ୍ରେଣୀରେ ପଢୁଥିଲେ ତାଙ୍କୁ ପ୍ରଥମଥର କ୍ୟାମେଲିନ ପେନ୍ସିଲ ବିଜ୍ଞାପନ ଫିଲ୍ମରେ ଅଫର ଆସିଥିଲା। ସେ ମୁମ୍ବାଇରେ ଆର୍କିଟେକ୍ଚରରେ ପାଠପଢ଼ା ଆରମ୍ଭ କରିଥିଲେ। ମାତ୍ର ମଡେଲିଂରେ କ୍ୟାରିୟର ଆରମ୍ଭ କରିବାରୁ ଅଧାରୁ ପାଠପଢ଼ା ଛାଡ଼ି ଦେଇଥିଲେ। ୧୯୯୩ରେ ପେପ୍ସି ବିଜ୍ଞାପନରେ ତାଙ୍କୁ ସ୍ୱତନ୍ତ୍ର ପରିଚୟ ମିଳିଥିଲା। ୧୯୯୪ରେ ସେ ମିସ୍ ୱାର୍ଲ୍ଡ ହୋଇଥିଲେ।

# ହୋଟେଲରେ ଗଣବଳାତ୍କାର ବିଷ ପିଇଲେ ନାବାଳିକା

## ମ୍ୟାନେଜର, ପ୍ରେମିକଙ୍କ ସମେତ ୪ ଗିରଫ

ବାଲେଶ୍ୱର, ୨୩।୯(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ଚାନ୍ଦିପୁର ବେଳାଭୂମିକୁ ପ୍ରେମିକଙ୍କ ସହ ବୁଲିଯାଇଥିବା ଜଣେ ନାବାଳିକା ହୋଟେଲରେ ଗଣବଳାତ୍କାର ଶିକାର ହୋଇଛନ୍ତି। ଏପରିକି ବଳାତ୍କାର ସମୟରେ ମୋବାଇଲରେ ଫଟୋ ସହ ଭିଡିଓ ଉତ୍ତୋଳନ ହୋଇଥିଲା। ଏସବୁ ଘଟଣା ପରେ ନାବାଳିକାଜଣକ ଘରକୁ ଆସି ମାନସିକ ସନ୍ତୁଳନ ହରାଇ ବିଷ ପିଇଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସମସ୍ତ ଘଟଣା ଜାଣିବା ପରେ ପରିବାର ଲୋକେ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନାରେ ପୋକ୍ସୋ ଆକ୍ଟରେ ମାମଲା (ନଂ. ୨୮୩/୨୩) ରୁଜୁ କରାଯାଇଛି। ଏହାର ତଦନ୍ତ କରାଯାଇ ନାବାଳିକାଙ୍କ ପ୍ରେମିକ, ପ୍ରେମିକଙ୍କ ଦୁଇ ସାଙ୍ଗ ଓ ହୋଟେଲ ମ୍ୟାନେଜରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଶନିବାର ଅପରାହ୍ନରେ ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।


ପ୍ରକାଶ ଯେ, ଗତ ଶୁକ୍ରବାର ନାବାଳିକା ନିଜ ପ୍ରେମିକଙ୍କ ସହ ଚାନ୍ଦିପୁର ବେଳାଭୂମି ବୁଲିବା ପାଇଁ ଆସିଥିଲେ। ବେଳାଭୂମିରେ ଥିବା ହୋଟେଲ ଗୋଲ୍ଡେନ୍ ପ୍ଲାଜାରେ ଏକ ରୁମ୍ ବୁକ୍ କରି ରହିଥିଲେ। ପ୍ରେମିକ ଜଣକ ନାବାଳିକାଙ୍କୁ ବଳାତ୍କାର କରିବା ସହ ତାଙ୍କ ସାଙ୍ଗରେ ଆସିଥିବା ଦୁଇ ବନ୍ଧୁ ମଧ୍ୟ ବଳାତ୍କାର କରିଥିଲେ। ବଳାତ୍କାର ସମୟରେ ଫଟୋ ଓ ଭିଡିଓ ଉତ୍ତୋଳନ କରାଯାଇଥିଲା। ଏଥିରେ ସମ୍ପୃକ୍ତ ନାବାଳିକା ମାନସିକ ଭାରସାମ୍ୟ ହରାଇ ବିଷ ପିଇବା ପରେ ଘଟଣା ପଦାକୁ ଆସିଥିଲା। ସଦର ଥାନା ପୋଲିସ ପକ୍ଷରୁ ତଦନ୍ତ କରାଯାଇ ୪ଜଣଙ୍କୁ ଗିରଫ କରାଯିବା ପରେ ସେମାନେ ବ୍ୟବହାର କରିଥିବା ୨ଟି ମୋଟର ସାଇକେଲ ଓ ୩ଟି ମୋବାଇଲ ଫୋନ ଜବତ କରାଯାଇଛି। କେଉଁ ପରିସ୍ଥିତିରେ ହୋଟେଲର ମ୍ୟାନେଜର ଏମାନଙ୍କୁ ରୁମ୍ ଦେଇଥିଲେ ତାହାର ସବିଶେଷ ତଦନ୍ତ ପୂର୍ବକ ହୋଟେଲ ରେଜିଷ୍ଟରକୁ ମଧ୍ୟ ପୋଲିସ ଜବତ କରିଛି।



ଗିରଫ ଅଭିଯୁକ୍ତ

# ୧୪ରେ ଦୃଶ୍ୟମାନ ହେବ 'ଅଗ୍ନିଚକ୍ର'

ଆସନ୍ତା ମାସ ୧୪ ତାରିଖରେ ସୂର୍ଯ୍ୟୋପରାଗ ହେବ। ଚଳିତଥର ସୂର୍ଯ୍ୟୋପରାଗ ସମୟରେ ଆକାଶରେ ଏକ 'ଅଗ୍ନିଚକ୍ର' ଦୃଶ୍ୟମାନ ହେବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଭାରତରେ ଏହା ଦୃଶ୍ୟମାନ ହେବ ନାହିଁ। ଏହା ଆମେରିକା ସମେତ ୟୁରୋପର କିଛି ଦେଶରେ ଦୃଶ୍ୟମାନ ହେବ। ଅପରପକ୍ଷେ ସୂର୍ଯ୍ୟୋପରାଗ ସମୟରେ ଦୃଶ୍ୟମାନ ହେବାକୁ ଥିବା ଏହି 'ଅଗ୍ନିଚକ୍ର'କୁ ନେଇ ଏବେ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ବୈଜ୍ଞାନିକମାନଙ୍କ କହିବା ଅନୁସାରେ ସୂର୍ଯ୍ୟୋପରାଗବେଳେ ଚନ୍ଦ୍ର ଓ ସୂର୍ଯ୍ୟ ଏକ ସରଳରେଖାରେ ରହିବେ। କିନ୍ତୁ ସୂର୍ଯ୍ୟଙ୍କୁ ଚନ୍ଦ୍ର ସମ୍ପୂର୍ଣ୍ଣ ଭାବେ ଆଚ୍ଛାଦିତ କରିପାରିବେ ନାହିଁ। ଫଳରେ ସୂର୍ଯ୍ୟ ଉପରେ ଚନ୍ଦ୍ରର ଗୋଲାକାର ବଳୟ ସୃଷ୍ଟି କରିବ। ଏହା ଆକାଶରେ ଅଗ୍ନିଚକ୍ର ବା ମୁଦି ଆକାରରେ ଦୃଶ୍ୟମାନ ହେବ। ତେବେ ଅକ୍ଟୋବର ୧୪ ସକାଳ ୯.୧୩ରେ ଏହି ଦୃଶ୍ୟ ପ୍ରଥମେ ଓରେଗନ୍‌ବାସୀ ଦେଖିବାକୁ ପାଇବେ। ଏହାପରେ ଅପରାହ୍ନ ୧୨.୦୩ ମିନିଟ୍‌ରେ ଏହାକୁ ଟେକ୍ସାସ୍ ଦେଶବାସୀ ଦେଖିବେ।



ଏହି ଦୁଇ ଦେଶ ବ୍ୟତୀତ ମେକ୍ସିକୋ, କଲୋରାଡ଼ୋ, ନେଭଡା ଦେଶବାସୀ ମଧ୍ୟ ନିଜ ନିଜ ଦେଶର ସମୟ ଅନୁସାରେ ଏହାକୁ ଦେଖିପାରିବେ। ତେବେ ଏହି ଦୃଶ୍ୟକୁ ସ୍ୱତନ୍ତ୍ର ସରଞ୍ଜାମ ବ୍ୟତୀତ ଖାଲି ଆଖିରେ ନ ଦେଖିବା ପାଇଁ ନାସା ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିପାଇଁ ନାସା ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ଗାଇଡ୍‌ଲାଇନ୍ ପ୍ରସ୍ତୁତ କରାଯାଇଛି। ଏହି ଦୃଶ୍ୟ କେତେ ସମୟ ଲାଗି ଆକାଶରେ ଦୃଶ୍ୟମାନ ହେବ ସେନେଇ ବୈଜ୍ଞାନିକମାନେ ଆକଳନ କରିଛନ୍ତି। ବୈଜ୍ଞାନିକମାନଙ୍କ କହିବା ହେଲା ଯେ ଦେଶର ସ୍ଥିତି ଅନୁଯାୟୀ 'ଅଗ୍ନଚକ୍ର' ଦେଖାଯିବ। ମେରୁ ଅଞ୍ଚଳରେ ବାସ କରୁଥିବାଲୋକେ ଏହି ଦୃଶ୍ୟକୁ ଦୀର୍ଘ ସମୟ ଧରି ଦେଖିବାପାରିବେ। ଆମେରିକାରେ ଏହି ଦୃଶ୍ୟ ୧ ମିନିଟ୍ ୨୪ ସେକେଣ୍ଡ୍, କୋରଭାଲିସ୍ ତଥା ଓରେଗନ୍‌ରେ ଏହା ୪ ମିନିଟ୍ ୫୨ ସେକେଣ୍ଡ୍ ଲାଗି ଦୃଶ୍ୟମାନ ହେବ। ଅପରପକ୍ଷେ ନିକାରାଗୁଆରେ ଏହି ଦୃଶ୍ୟ ସବୁଠୁ ଅଧିକ ସମୟ ଅର୍ଥାତ୍ ୫ ମିନିଟ୍ ୧୭ ସେକେଣ୍ଡ୍ ଲାଗି ଦୃଶ୍ୟମାନ ହେବ ବୋଲି କୁହାଯାଇଛି।

# ଅପହୃତ ଛାତ୍ର ତାଳସାରୀ ବେଳାଭୂମିରୁ ଉଦ୍ଧାର

## ଟିଆଇ ପରେଡ୍‌ରେ ୧୨ ଅପହରଣକାରୀ

ଭୋଗରାଇ, ୨୩।୯(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ସୀମାନ୍ତ ତାଳସାରୀ ବେଳାଭୂମିରେ ଶନିବାର ଓଡ଼ିଶା ଓ ପଶ୍ଚିମବଙ୍ଗ ପୋଲିସ ମିଳିତ ଭାବେ ଚଢ଼ାଉ କରି ଅପହରଣକାରୀଙ୍କଠାରୁ ମ୍ୟାନ୍‌ମାରର ଜଣେ ଛାତ୍ରଙ୍କୁ ଉଦ୍ଧାର କରିଛନ୍ତି। ଅପହୃତ ଛାତ୍ର ହେଲେ ପାନକୁରା (୩୧)। ପଶ୍ଚିମବଙ୍ଗ ପୋଲିସ ୧୨ ଅପହରଣକାରୀଙ୍କୁ କାବୁ କରିବା ସହିତ ଦୁଇଟି ସୌଖୀନ ଗାଡ଼ି ଜବତ କରିଛି। ଅପରାଧୀଙ୍କୁ ବୀରଭୂମି ବେଲପୁରା ଥାନାରେ ପୋଲିସ ପକ୍ଷରୁ ଟିଆଇ ପରେଡ୍ କରାଯାଇ ଅଧିକ ପଚରାଉଚରା କରାଯାଉଛି।

ମ୍ୟାନ୍‌ମାରର ପାନକୁରା ପଶ୍ଚିମବଙ୍ଗ ବୀରଭୂମି ଜିଲା ଶାନ୍ତି ନିକେତନ ବିଶ୍ୱବିଦ୍ୟାଳୟର ପିଜି ଛାତ୍ର। ସେଠାରେ ରହି ପଶ୍ଚିମବଙ୍ଗ ଛାତ୍ର ଓ ଯୁବକଙ୍କ ସହିତ ବନ୍ଧୁତା ସ୍ଥାପନ କରି ଚୁଟିକଟା ବ୍ୟବସାୟ କରୁଥିଲେ। ଏ ବାବଦରେ ଯୁବକମାନେ ପାନକୁରାଙ୍କଠାରୁ ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନ ପାଇବାରୁ ସେଠାରୁ ୧୨ଜଣ ଅପହରଣକାରୀ ଦୁଇଟି ସୌଖୀନ ଗାଡ଼ିରେ ଏହି ଛାତ୍ରଙ୍କୁ ଅପହରଣ କରି ଗତ ଗୁରୁବାରଠାରୁ ପ୍ରଥମେ ପୂର୍ବମେଦିନୀପୁର ଜିଲା ଚଣ୍ଡୀପୁର, ଭଗବାନପୁର ଓ ପରେ ତାଳସାରୀ ବେଳାଭୂମିର ଏକ ସ୍ଥାନରେ ମୁଣ୍ଡ ଜାମିନ ରଖିଥିଲେ। ଏହି ଘଟଣାରେ ମ୍ୟାନମାର ରାଷ୍ଟ୍ରଦୂତ ଭାରତ ସରକାରଙ୍କୁ ଜଣାଇବା ପରେ ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର ଉପାଚାର୍ଯ୍ୟ ସେଠାକାର ଥାନାରେ ଅଭିଯୋଗ କରିଥିଲେ। ପରେ ଅପହରଣକାରୀଙ୍କ ମୋବାଇଲ ଟ୍ରାକ୍ କରାଯାଇ ତାଳସାରୀ ବେଳାଭୂମିରେ ଅବସ୍ଥାନ କରୁଥିବା ସୁରାକ ପୋଲିସକୁ ମିଳିଥିଲା। ପୂର୍ବମେଦିନୀପୁର ଜିଲା ଏସ୍‌ପି ବାଲେଶ୍ୱର ଏସ୍‌ପି ସାଗରିକା ନାଥଙ୍କୁ ଜଣାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ଏସ୍‌ଡିପିଓ ଦିଲୀପ କୁମାର ସାହୁ ତାଳସାରୀ ମେରାଇନ୍ ଥାନାକୁ ସୂଚନା ଦେଇଥିଲେ। ପଶ୍ଚିମବଙ୍ଗ ପୋଲିସ, ଜଳେଶ୍ୱର ଥାନା ଆଇଆଇସି ଏବଂ ତାଳସାରୀ ମେରାଇନ୍ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନଙ୍କ ନେତୃତ୍ୱରେ ଦୁଇ ରାଜ୍ୟର ପୋଲିସ ମିଳିତ ଚଢ଼ାଉ କରି ମ୍ୟାନ୍‌ମାର୍ ଛାତ୍ରଙ୍କୁ ତାଳସାରୀ ବେଳାଭୂମିରୁ ଉଦ୍ଧାର କରିଛନ୍ତି। ବିଦେଶୀ ଛାତ୍ର ଅପହରଣ ଘଟଣାରେ ପଶ୍ଚିମବଙ୍ଗ ବୀରଭୂମି ଜିଲା ବେଲପୁରା ଥାନାରେ ମାମଲା (ନଂ.୩୩୫ /୨୩) ରୁଜୁ ହୋଇଥିବା ସୂଚନା ମିଳିଛି।

# ପୋଖରୀ, କେନାଲରେ ବୁଡ଼ି ୨ ମୃତ


ପୁରୁଷୋତ୍ତମପୁର, ୨୩।୯(ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ସମା ଓ ଆଙ୍ଗୁଠାରେ ଶନିବାର ପାଣିରେ ବୁଡ଼ି ୨ଜଣଙ୍କ ମୃତ୍ୟୁ ଘଟିଛି। ସମା ଗ୍ରାମର ରୁଦ୍ର ପ୍ରସାଦ ବାରିକ (୧୫) ଖତାଡି ସାହି ପୁରୁଣା ବନ୍ଧକୁ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ି ଯାଇଥିଲେ। ପୋଖରୀରେ ସେ ଭାସୁଥିବା ଦେଖି ଲୋକେ ତାଙ୍କୁ ଉଦ୍ଧାର କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଡାକ୍ତର ନ ଥିବାରୁ ଆମ୍ବୁଲାନ୍ସରେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ସେଠାରେ ରୁଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଆଙ୍ଗୁ ଗ୍ରାମର ସୁଷମା ନାହାକ (୫୦) ନିକଟସ୍ଥ କେନାଲକୁ ଗାଧୋଇବାକୁ ଯାଇଥିବା ବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ପୋଲିସ ୨ଟି ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଆମ୍ବୁଲାନ୍ସ ନ ଆସିବାରୁ ଅଟୋରେ ପ୍ରସବ

ଘଣ୍ଟାପଡ଼ା, ୨୩।୯(ପ୍ରଭାତ କୁମାର ସାହୁ)

ଆମ୍ବୁଲାନ୍ସ ନ ଆସିବାରୁ ଜଣେ ଗର୍ଭବତୀ ମହିଳାଙ୍କୁ ଅଟୋରେ ଡାକ୍ତରଖାନା ନିଆଯିବା ବେଳେ ସେ ସେହି ଅଟୋରେ ସନ୍ତାନ ପ୍ରସବ କରିଛନ୍ତି। ଏଭଳି ଅଭାବନୀୟ ଘଟଣା ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖଲିଆପାଲି ଗ୍ରାମରେ ଦେଖିବାକୁ ମିଳିଛି। ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ରାତିରେ ଖଲିଆପାଲି ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କ ପ୍ରସବ ଯନ୍ତ୍ରଣା ଆରମ୍ଭ ହେବା ମାତ୍ରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ହେଲେ ଆମ୍ବୁଲାନ୍ସ ଆସିବାରେ ଅହେତୁକ ବିଳମ୍ବ ହେବାରୁ ପରିବାର ଲୋକେ ବାଧ ହୋଇ ଏକ ଅଟୋରେ ମହିଳାଙ୍କୁ କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଉଥିଲେ। କିନ୍ତୁ ବାଟରେ ଅଟୋ ମଧ୍ୟରେ ମହିଳା ଜଣକ ଏକ ଶିଶୁ ପୁତ୍ର ଜନ୍ମ ଦେଇଥିଲେ। ପରେ ମହିଳା ଓ ଶିଶୁଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଉଭୟ ମା' ଓ ଶିଶୁ ସୁସ୍ଥ ଥିବା ଜାଣିବାକୁ ମିଳିଛି। ସୂଚନାଯୋଗ୍ୟ, କଣ୍ଟାମାଳ ଏକ ଉପାନ୍ତ ଅଞ୍ଚଳ ହୋଇଥିବା ବେଳେ ଗତ ୧ବର୍ଷରୁ ଊର୍ଦ୍ଧ୍ୱ ହେବ କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ୧୦୮ ଆମ୍ବୁଲାନ୍ସ ଅଚଳ ହୋଇ ପଡ଼ି ରହିଛି। ଫୋନ କଲେ ଆଖପାଖ ଡାକ୍ତରଖାନାରୁ ଆମ୍ବୁଲାନ୍ସ ଠିକ ସମୟରେ ଆସି ପାରୁନାହିଁ। ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରୁଥିବା ବେଳେ ଏପରି ବାସ୍ତବ ଚିତ୍ର ସାମ୍ନାକୁ ଆସୁଛି। ବିଭିନ୍ନ ସମୟରେ ଏଭଳି ଘଟଣା ପାଇଁ ଲୋକେ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଅପାରଗତାକୁ ଦାୟୀ କରିଛନ୍ତି। ୨-୩ଟି ଆମ୍ବୁଲାନ୍ସ ଦରକାର ପଡୁଥିବାରୁ ଏ ଦିଗରେ ପଦକ୍ଷେପ ନେବା ପାଇଁ ଦାବି ହେଉଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଲୋ ବିଲେଇ କାହିଁକି ରୁଷ୍ଟ ?**
**ସେଇ ଭାଡ଼ି ତଳେ ପୁଣି ପଶୁ !**


ରାଗ, ରୁଷା ତଥା ଅଭିମାନର ମାତ୍ରା ଯେତେ କମ୍ ରହେ, ସମ୍ପର୍କର ସେତୁ ସେତେ ଦୃଢ଼ ଓ ମଧୁମୟ ହୋଇଥାଏ। ତେବେ ପରିସ୍ଥିତିରେ ପଡ଼ି ଯେଉଁଠି ଜଣେ ରୋଷ ଅଭିମାନରେ ପଳେଇ ଆସେ, ସେଇଠିକୁ ପୁଣି ପ୍ରତ୍ୟାବର୍ତ୍ତନ କରିବା ଉକ୍ତ ବ୍ୟକ୍ତି ପକ୍ଷେ ଗ୍ରହଣୀୟ ହୋଇ ନ ଥାଏ। ସେପରି ସ୍ଥଳେ ଅନ୍ୟମାନଙ୍କର ଚକ୍ଷୁଶୀଳ ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛନକା ପଶିଲା ଛାତିରେ**
**ମୁଁ ତ ଅନ୍ଧୁଣୀ, ପୁଅ ମୋ ବିଦେଶୀ**
**ବୋହୂ ବାହାରକୁ ଉଠେ ରାତିରେ।**

କେହି ପୁରୁଷ ସଦସ୍ୟ ଘରେ ନ ଥିଲେ ଘରଟା ନିରାପଦ ଲାଗି ନ ଥାଏ। ଏକ ଅଜଣା ଭୟ ମନକୁ ଶଙ୍କାଗ୍ରସ୍ତ କରିଦେଇଥାଏ। ବିଦେଶୀ ପୁଅର ଯୁବତୀ ସ୍ତ୍ରୀ ରାତିରେ ବାହାରକୁ ପାଦ କାଢ଼ିବା ଅନ୍ଧୁଣୀ ଶାଶୁ ପକ୍ଷେ ଦୁଶ୍ଚିନ୍ତାର କାରଣ ପାଲଟି ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆର୍‌ପିଏଫ୍ କନ୍‌ଷ୍ଟେବଲ ସୁବ୍ରତଙ୍କୁ ଜୀବନ ରକ୍ଷା ପଦକ



**ଖଣ୍ଡପଡ଼ା ବ୍ଲକ୍‌ରେ ଖୁସିର ଲହରି**

ଖଣ୍ଡପଡ଼ା, ୨୩।୯ (ଅଜୟ କୁମାର ମହାରଣା)

ଶନିବାର ଭାରତୀୟ ରେଳ ବିଭାଗର ପ୍ରତିଷ୍ଠା ଦିବସ। ଏହି ଅବସରରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ସର୍ବଭାରତୀୟସ୍ତରରେ ୪୨ ଜଣଙ୍କୁ ସାହସିକତା ପାଇଁ ଜୀବନ ରକ୍ଷା ପଦକ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ସେମାନଙ୍କ ମଧ୍ୟରେ ଓଡ଼ିଶାର ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ହାଟମୁଣ୍ଡପାଟଣା ଗ୍ରାମର ରେଲୱେ ସୁରକ୍ଷା ବଳ(ପ୍ରୋଟେକ୍ସନ ଫୋର୍ସ)ର ଖୋର୍ଦ୍ଧା ପୂର୍ବତଟ ରେଳ ବିଭାଗରେ କାର୍ଯ୍ୟରତ ସୁବ୍ରତ କୁମାର ମହାରଣାଙ୍କୁ ଜୀବନ ରକ୍ଷା ପଦକ ପ୍ରଦାନ କରାଯାଇଛି। ସିକନ୍ଦରାବାଦ ମୌଲା ଅଲ୍ଲିଠାରେ ଆୟୋଜିତ ଏକ ସମାରୋହରେ ମୁଖ୍ୟଅତିଥି ଭାବେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ରାୟସାହେବ ପାଟିଲ ଦନଭେ ଯୋଗଦେଇ ମହାରଣାଙ୍କୁ ଏହି ପଦକ ପ୍ରଦାନ କରିବା ସହ ସମ୍ବର୍ଦ୍ଧିତ କରିଛନ୍ତି। ଏ କଥା ଜଣାପଡ଼ିବା ପରେ ଖଣ୍ଡପଡ଼ା ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

ସୂଚନାଯୋଗ୍ୟ, ୨୦୨୦ ଫେବୃୟାରୀ ୧୫ ସନ୍ଧ୍ୟାରେ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଆଇଟି ଅଧ୍ୟାପିକା ନିବେଦିତା ସାହୁ(୨୭) ଓ ତାଙ୍କ ସାନଭାଇ ଢେଙ୍କାନାଳ ଜିଲା ମେରାମଣ୍ଡଳୀ ଯିବା ପାଇଁ ଭୁବନେଶ୍ୱର ରେଳ ଷ୍ଟେଶନରେ ପହଞ୍ଚି ଥିଲେ। ଠିକ୍ ସେତିକିବେଳେ ପୁରୀ-ସମ୍ବଲପୁର ଏକ୍ସପ୍ରେସ୍ ଟ୍ରେନ୍‌ଟି ପ୍ଲାଟଫର୍ମ ଛାଡୁଥିଲା। ନିବେଦିତାଙ୍କ ସେଦିନ ଏନ୍‌ଗେଜମେଣ୍ଟ ଥିବାରୁ ସେ ଓ ତାଙ୍କ ଭାଇ ବ୍ୟସ୍ତତା ମଧ୍ୟରେ ଚଳନ୍ତା ଟ୍ରେନରେ ଚଢ଼ି ଯାଇଥିଲେ। ହେଲେ ଟ୍ରେନରୁ ନିବେଦିତାଙ୍କ ଗୋଡ଼ ହଠାତ୍ ଖସି ଯାଇଥିଲା। ସେ ଚଳନ୍ତା ଟ୍ରେନରେ କିଛି ବାଟ ଘୁଷୁରି ଯାଇଥିଲେ। ଏହା ଦେଖି ଭୁବନେଶ୍ୱର ପ୍ଲାଟଫର୍ମରେ କାର୍ଯ୍ୟରତ କନ୍‌ଷ୍ଟେବଲ ସୁବ୍ରତ ଦୌଡିଯାଇ ଓହଳି ରହିଥିବା ନିବେଦିତାଙ୍କୁ ପ୍ଲାଟଫର୍ମ ଆଡକୁ ଟାଣି ଆଣିଥିଲେ। ଫଳରେ ତାଙ୍କର ତ୍ୱରିତ ପଦକ୍ଷେପ ଯୋଗୁ ନିବେଦିତା ନିଶ୍ଚିତ ମୃତ୍ୟୁମୁଖରୁ ସେଦିନ ବର୍ତ୍ତିଯାଇଥିଲେ। ଏହି ଘଟଣା ପରେ ସୁବ୍ରତଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଥିଲା। ଭୁବନେଶ୍ୱରଠାରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ଉପସ୍ଥିତିରେ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ତାଙ୍କୁ ସାକ୍ଷାତ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଶନିବାର ରେଳ ମନ୍ତ୍ରଣାଳୟ ପକ୍ଷରୁ ୨୦୨୦-୨୧ ବର୍ଷ ପାଇଁ ତାଙ୍କୁ ଜୀବନ ରକ୍ଷା ପଦକ ସହ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି । କଣ୍ଟିଲୋର ବିଶିଷ୍ଟ ସମବାୟବିତ୍ ଶରତ ଚନ୍ଦ୍ର ମହାରଣା ନିଜ କନିଷ୍ଠ ପୁଅ ସୁବ୍ରତ ଜୀବନ ରକ୍ଷା ପଦକ ପାଇବା ପରେ ଖୁସିବ୍ୟକ୍ତ କରିଛନ୍ତି।

# ଜଙ୍ଗଲରେ ମାଓବାଦୀ ମେଳି

**■ ଛତିଶଗଡ଼ରେ ବଡ଼ ଆକ୍ରମଣ ନେଇ ତାଲିମ ଦେଉଥିଲେ ଚୈତନ୍ୟ**

ମାଲକାନଗିରି, ୨୩।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡାର ଡିଆର୍‌ଜି ଏବଂ ବସ୍ତର ଫାଇଟର୍ସ ଫୋର୍ସ ଜିଲାର କାକାଡି ଜଙ୍ଗଲରେ ଗତ ୨ଦିନ ତଳେ ସର୍ଚ୍ଚ ଅପରେଶନ ବେଳେ ମାଓବାଦୀ-ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୨ଜଣ ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ଗୁଳି ବିନିମୟ ପରେ ଯବାନମାନେ ଘଟଣାସ୍ଥଳ ସର୍ଚ୍ଚ ଅପରେଶନ କରୁଥିବା ବେଳେ ସେମାନେ ଏଠାରେ ମାଓବାଦୀମାନଙ୍କ ଏକ ତାଲିମ ଶିବିର ରହିଥିବା ଜାଣିବାକୁ ପାଇଥିଲେ। ଯେଉଁଥିରେ ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାର ଅନେକ ଟପ୍ କ୍ୟାଡର ମାଓବାଦୀ ନେତା ସାମିଲହୋଇ ପ୍ରାୟ ୨ମାସ ଧରି କ୍ୟାମ୍ପ ପକାଇଥିବା ଜଣାପଡ଼ିଥିଲା। ବିଶେଷକରି ଦାନ୍ତେୱାଡା, ବିଜାପୁର ଏବଂ ସୁକ୍‌ମା ଜିଲାର ସୀମାନ୍ତ ଅଞ୍ଚଳରେ ନୂତନ ଯୁବକଙ୍କୁ ମାଓବାଦୀ ସଙ୍ଗଠନରେ ସାମିଲ କରାଇବା ସହ ବଡ଼ ଆକ୍ରମଣ ଘଟଣା ଘଟାଇବା ଲାଗି ଏଠାରେ ଯୋଜନା କରାଯାଉଥିଲା। ୪୦ ଲକ୍ଷ ଟଙ୍କା ପୁରସ୍କାର ଥିବା ମାଓବାଦୀ କମାଣ୍ଡର ଚୈତନ୍ୟଙ୍କ ନେତୃତ୍ୱରେ ଡିଭିସିଏମ୍‌ର ସଶସ୍ତ୍ର ମାଓବାଦୀ, ଏସିଏମ୍ କ୍ୟାଡରମାନେ ଏଥିରେ ସାମିଲ ହୋଇଥିଲେ। ଚୈତନ୍ୟଙ୍କ ନେତୃତ୍ୱରେ ସଙ୍ଗଠନରେ ଯୋଗଦେଇଥିବା ନୂତନ ଯୁବକମାନଙ୍କୁ ତାଲିମ ପ୍ରଦାନ କରିବା ସହ କିଛି ବଡ ଧରଣର ଘଟଣା ଓ ଆସନ୍ତା ନିର୍ବାଚନରେ ଅଘଟଣ ଘଟାଇବାକୁ ଯୋଜନା କରାଯାଉଥିବା ସର୍ଚ୍ଚ ଅପରେଶନ ବେଳେ ପୋଲିସ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ଏତେ ସଂଖ୍ୟାରେ ମାଓବାଦୀ ଦୀର୍ଘଦିନ ଧରି ଜଙ୍ଗଲରେ ଉପସ୍ଥିତ ରହିବା ଓ ତାଲିମ ନେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ସୂଚନାଯୋଗ୍ୟ, ଆଖପାଖ ନାହରି, ହିଡମା ଏବଂ ଛୋଟ ହିଡମା ଜଙ୍ଗଲରେ ମାଓବାଦୀମାନେ ସେମାନଙ୍କ କାର୍ଯ୍ୟକଳାପ ଜାରି ରଖିଥିବା ଜଣାପଡ଼ିଛି।

## ସିଶୋର ଚିଟ୍‌ଫଣ୍ଡ ମାମଲାର ଚାର୍ଜଫ୍ରେମ




# ପ୍ରାଥମିକ ଶିକ୍ଷକଙ୍କ ସହ ସରକାରଙ୍କ ଆଲୋଚନା

ଭୁବନେଶ୍ୱର, ୨୩।୯ (ଅସମାପିକା ସାହୁ)

ପ୍ରାଥମିକ ଶିକ୍ଷକଙ୍କ ସମସ୍ୟା ନେଇ ଶନିବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଲୋଚନା ହୋଇଥିଲା। ଏହାପରେ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଗିତ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଆଲୋଚନା ପରେ ପୂର୍ବରୁ ଆନ୍ଦୋଳନରୁ ଓହରି ଯାଇଥିବା ଶିକ୍ଷକ ସଂଘ ଆନ୍ଦୋଳନ ସ୍ଥଗିତ ରହିଲା ବୋଲି ସୂଚନା ଦେଇଥିବାବେଳେ ଏନେଇ କୌଣସି ନିଷ୍ପତ୍ତି ହୋଇ ନ ଥିବା ଆନ୍ଦୋଳନରତ ଶିକ୍ଷକ ସଂଘଗୁଡିକ ପକ୍ଷରୁ କୁହାଯାଇଛି। ସରକାର ସେମାନଙ୍କ ସହ କୌଣସି ଆଲୋଚନା କରିନାହାନ୍ତି। ତେଣୁ ଆନ୍ଦୋଳନ ଜାରି ରହିବ ବୋଲି ସୂଚନା ଦିଆଯାଇଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ଆହ୍ୱାନରେ ଗତ ୮ ତାରିଖରୁ ଠିକା ନିଯୁକ୍ତି ଉଚ୍ଛେଦ, ପୁରୁଣା ପେନ୍‌ସନ ଓ କେନ୍ଦ୍ରୀୟ ହାରରେ ଦରମା ଅନୁସାରେ ୪୨୦୦ ଟଙ୍କା ଗ୍ରେଡ୍ ପେ' ଲାଗୁ ଆଦି ୩ ଦଫା ଦାବି ନେଇ ପ୍ରାଥମିକ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏଥିରେ ବିଭିନ୍ନ ସଂଘ ସାମିଲ ହୋଇଥିଲେ। କିନ୍ତୁ ଗତ ୧୮ ତାରିଖରେ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ସହ ଆଲୋଚନା ପରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା। ଏଥିରେ ୯ଟି ସଂଘ ସହମତି ପ୍ରକାଶ କରି ଆନ୍ଦୋଳନରୁ ଓହରି ଯାଇଥିଲେ। କିନ୍ତୁ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ନେତୃତ୍ୱରେ ୬ଟି ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏପରିସ୍ଥିତିରେ ଶନିବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉକରାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶିକ୍ଷକଙ୍କ ୩ ଦଫା ଦାବି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ ପାଣ୍ଡିଆନ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଏହି ଆଲୋଚନାରେ ଉପସ୍ଥିତ ଥିଲେ। ଏଥିରେ ପୂର୍ବରୁ ଆନ୍ଦୋଳନରୁ ଓହରିଯାଇଥିବା ୯ଟି ସଂଘର ୮୦ଜଣ ଶିକ୍ଷକ ଭାଗ ନେଇଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ମହାସଚିବ ଚାରୁଲତା ମହାପାତ୍ର ଦାବିଗୁଡିକୁ ଉପସ୍ଥାପନ କରିଥିଲେ। ଦାବି ପୂରଣ ସହ ସମସ୍ୟାଗୁଡ଼ିକର ସମାଧାନ ଲାଗି ରାଜେଶ ମହାନ୍ତି ମତ ରଖିଥିଲେ। ୫-ଟି ସଚିବ ଶିକ୍ଷକଙ୍କ ଦାବିଗୁଡ଼ିକୁ ସକରାତ୍ମକ ଭାବେ ଗ୍ରହଣ କରିବା ସହ ଡିସେମ୍ବର ଶେଷ ସୁଦ୍ଧା ଶିକ୍ଷକମାନେ ନିଶ୍ଚିତ ସୁଫଳ ପାଇବେ ବୋଲି କହିଥିବା ଚାରୁଲତା ସୂଚନା ଦେଇଛନ୍ତି। ସେପଟେ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ନେତୃତ୍ୱରେ ଚାଲୁଥିବା ଆନ୍ଦୋଳନ ସ୍ଥଗିତ କରିବାର କୌଣସି ନିଷ୍ପତ୍ତି ହୋଇ ନ ଥିବା ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି। ସେ କହିଛନ୍ତି, ସରକାର ଆମକୁ ଆଲୋଚନାକୁ ନେଲେ ନାହିଁ। ସେଥିପାଇଁ ଆନ୍ଦୋଳନ ଆମେ ସ୍ଥଗିତ ରଖିବା ପାଇଁ ଚିନ୍ତା କରିନାହୁଁ। ରବିବାର ଆମର ରାଜ୍ୟସ୍ତରୀୟ ସମ୍ମିଳନୀ ରହିଛି। ଏଥିରେ ଆମେ ଆଲୋଚନା କରି ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନେବୁ ବୋଲି ବ୍ରହ୍ମାନନ୍ଦ କହିଛନ୍ତି।

# ସ୍ତ୍ରୀଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ଅପରାଧ ନୁହେଁ: ହାଇକୋର୍ଟ

ଭୋପାଳ, ୨୩।୯

ସ୍ତ୍ରୀଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ପାଇଁ ସ୍ୱାମୀଙ୍କ ବିରୋଧରେ ଆଇପିସିର ଦଫା ୩୭୭ରେ ମାମଲା ରୁଜୁ କରାଯାଇପାରିବ ନାହିଁ ବୋଲି ମଧ୍ୟପ୍ରଦେଶ ହାଇକୋର୍ଟ କହିଛନ୍ତି। କାରଣ ସ୍ୱାମୀ-ସ୍ତ୍ରୀ ପାରମ୍ପରିକ ଯୌନ ସମ୍ପର୍କର ସୀମା ବାହାରକୁ ଯିବାରେ କୌଣସି ପ୍ରତିବନ୍ଧକ ନ ଥିବା କହିବା ସହ କଂଗ୍ରେସ ବିଧାୟକ ଉମଙ୍ଗ ସିଂଘାରଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ଦାଏର କରିଥିବା ମାମଲାକୁ ଖାରଜ କରିଦେଇଛନ୍ତି। ବିଧାୟକଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ଅପ୍ରାକୃତ ଯୌନ ସମ୍ପର୍କ ଅଭିଯୋଗ ଆଣିଥିଲେ। ଆଇନ ଅନୁଯାୟୀ ବିବାହିତ ଦମ୍ପତିଙ୍କ ମଧ୍ୟରେ ଯୌନ ସମ୍ପର୍କ ପାଇଁ ସହମତିର ଆବଶ୍ୟକ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ମଧ୍ୟପ୍ରଦେଶର ଧର୍ ଜିଲା ନାଓଗାଁ ପୋଲିସ ଆଇପିସିର ଧାରା ଅନୁଯାୟୀ ୨୦୨୨ ନଭେମ୍ବରରେ ସିଂଘାରଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ତାଙ୍କ ବିରୋଧରେ ସ୍ତ୍ରୀ ବଳାତ୍କାର, ଅପ୍ରାକୃତ ଯୌନ ସମ୍ପର୍କ, ଅଶ୍ଳୀଳ ଶବ୍ଦରେ ଗାଳିଦେବା, ଆଘାତ ଦେବା, ନିଷ୍ଠୁରତା ଆଦି ଅଭିଯୋଗ ଆଣିଥିଲେ। ବିଧାୟକ ଆଗୁଆ ଜାମିନ ପାଇଁ ଇନ୍ଦୋରର ଏମ୍‌ପି/ବିଧାୟକ କୋର୍ଟରେ ଆବେଦନ କରିଥିଲେ ହେଁ ତାହା ଖାରଜ ହୋଇଯାଇଥିଲା। ଫଳରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ମାର୍ଚ୍ଚରେ ହାଇକୋର୍ଟ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ଏବେ ଏତଲା ଖାରଜ କରିଦେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଏବଂ ଅଭିଯୁକ୍ତ ସ୍ୱାମୀ-ସ୍ତ୍ରୀ ବୋଲି ମହିଳା ଜଣକ ସ୍ୱୀକାର କରିଥିବା ବିଚାରପତି ସଞ୍ଜୟ ଦ୍ୱିବେଦୀ କହିଛନ୍ତି। ଯୌନ ସନ୍ତୁଷ୍ଟି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କର ବନ୍ଧନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ତେଣୁ ମୋ ମତରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଯୌନ ସମ୍ପର୍କରେ କୌଣସି ପ୍ରତିବନ୍ଧକ ରହିବା ଉଚିତ ନୁହେଁ ବୋଲି ବିଚାରପତି କହିଥିଲେ। ଧାରା ୩୭୫ର ସଂଶୋଧିତ ସଂଜ୍ଞା ଅନୁଯାୟୀ ଦମ୍ପତିଙ୍କ ମଧ୍ୟରେ ୩୭୭ ଦଫାରେ ଅପରାଧର ସ୍ଥାନ ନାହିଁ ଏବଂ ତାହା କରାଯିବା ଆବଶ୍ୟକ ନାହିଁ ବୋଲି ଜଷ୍ଟିସ୍ ଦ୍ୱିବେଦୀ ତାଙ୍କ ରାୟରେ କହିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ପୋଲିସ ବସ୍ ...

କଡ଼ା ସୁରକ୍ଷା ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ଚିକିତ୍ସା କରାଯାଉଥିବା ଏସ୍‌ପି କହିଛନ୍ତି। ଡଙ୍ଗାସିଲ ଗାଁରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ପୋଲିସ ଛାଉଣୀ ମାରିଛି । ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପାତ୍ର ଏବଂ ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତିଙ୍କ ନେତୃତ୍ୱରେ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ନିଜ ଜିଲାରେ ଆଦିବାସୀ ଛାତ୍ରୀ ଅସୁରକ୍ଷିତ ଘଟଣାକୁ କଂଗ୍ରେସ ଓ ଭାଜପା



ଉତ୍ତ୍ୟକ୍ତ ଲୋକେ ପୋଡ଼ି ଦେଇଥିବା ପୋଲିସ ବସ୍।

**ଅଭିଯୁକ୍ତ ପିଅନ ଗିରଫ: ଗାଁ ଲୋକ କହିଲେ ଆମେ ଦଣ୍ଡ ଦେବୁ**

ତୀବ୍ର ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଓଡ଼ିଶା ନ୍ୟାୟ ଲଢ଼େଇ ପରିବାର ସଭାପତି ସୁବ୍ରତ କୁମାର ଦାସ ଜାତୀୟ ମାନବଧିକାର କମିଶନଙ୍କ ନିକଟରେ ଶନିବାର ମାମଲା ରୁଜୁ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପିଡ଼ିତାଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ପ୍ରକାଶ ଥାଉକି, ତୃତୀୟ ଶ୍ରେଣୀରେ ପଢୁଥିବା ନାବାଳିକା ଜଣକ ଶୁକ୍ରବାର ମଧ୍ୟାହ୍ନଭୋଜନ ପରେ ବିଦ୍ୟାଳୟରେ ପହଞ୍ଚିଥିଲେ। ଏହି ସମୟରେ ପିଅନ ତାଙ୍କୁ ଏକ ରୁମ୍‌କୁ ନେଇ ବଳାତ୍କାର କରିଥିଲେ। ଏହା ଜଣାପଡିବା ପରେ ନାବାଳିକାଙ୍କ ପରିବାର ଲୋକେ ଡଙ୍ଗାସିଲ ଫାଣ୍ଡିରେ ଅଭିଯୋଗ କରିବା ପାଇଁ ଯିବାରୁ ପୋଲିସ ଶୁଣି ନ ଥିବା ପୀଡ଼ିତାଙ୍କ ବାପା ଗ୍ରାମବାସୀଙ୍କୁ ଜଣାଇବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ସେହି ସମୟରେ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ବଚସା ହେବାରୁ ପୋଲିସ ପକ୍ଷରୁ ମୃଦୁ ଲାଠିଚାଳନା କରାଯାଇଥିଲା।

## ପ୍ରଭାତ, ସ୍ତ୍ରୀ ଲକ୍ଷ୍ମୀ ...

ଓ ତାଙ୍କ ସ୍ତ୍ରୀ ଟଙ୍କା କାରବାର କରିଥିବା ଅଭିଯୋଗ ହୋଇଥିଲା। ମାମଲାର ଶୁଣାଣି ଆରମ୍ଭ ଆସନ୍ତା ନଭେମ୍ବରରେ ହେବ ବୋଲି ଜଣାପଡ଼ିଛି। ଶନିବାର ସିବିଆଇ କୋର୍ଟରେ ଉଭୟ ପ୍ରଭାତ ବିଶ୍ୱାଳ ଏବଂ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ବିଳାସିନୀ କୋର୍ଟରେ ଉପସ୍ଥିତ ଥିଲେ। ଉଭୟଙ୍କ ଉପସ୍ଥିତିରେ କୋର୍ଟ ଚାର୍ଜ ଫ୍ରେମ୍ କରିଥିଲେ। ପରେ କୋର୍ଟ ଉଭୟଙ୍କୁ ସେମାନଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ସ୍ୱୀକାର କରିବେ କି ଶୁଣାଣିର ସମ୍ମୁଖୀନ ହେବେ ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ବିଶ୍ୱାଳ ମାମଲା ଲଢ଼ିବାକୁ କହିବା ସହ ବିନା ବିଳମ୍ବରେ ଶୁଣାଣି କରିବାକୁ କହିଥିଲେ।

ସୂଚନାଯୋଗ୍ୟ, ରାଜ୍ୟରେ ସିଶୋର ଚିଟ୍‌ଫଣ୍ଡ କମ୍ପାନୀ ବିଭିନ୍ନ ସ୍କିମ୍ ମାଧ୍ୟମରେ ଅଧିକ ଲାଭ ଦେବାର ପ୍ରଲୋଭନ ଦେଖାଇ ଲୋକଙ୍କଠୁ ପ୍ରାୟ ୫୦୦କୋଟି ଟଙ୍କା ସଂଗ୍ରହ କରିଥିଲା। ହେଲେ ପରବର୍ତ୍ତୀ ସମୟରେ ଜମାକାରୀମାନେ ଠକେଇର ଶିକାର ହୋଇଥିବା ଜଣାପଡ଼ିଥିଲା। ଅଭିଯୋଗ ପରେ ସିଶୋର ଚିଟ୍‌ଫଣ୍ଡ ସ୍କାମ୍‌ର ତଦନ୍ତ ପ୍ରଥମେ ଓଡିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଆପରାଧିକ ଶାଖା କରୁଥିଲା। ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ଏହି ମାମଲା ହସ୍ତାନ୍ତର ହୋଇଥିଲା। ୨୦୧୪ ଡିସେମ୍ବରରେ ଆଇପିଏସ୍ ଅଫିସର ରାଜେଶ କୁମାର, କେନ୍ଦ୍ରାପଡାର ତତ୍କାଳୀନ ଏସ୍‌ପି ସତିଶ ଗଜଭିୟେ ଓ ଆର.ପି. କୋଚେଙ୍କୁ ସିବିଆଇ ଜେରା କରିଥିଲା। ମଧ୍ୟସ୍ଥ କୁହାଯାଉଥିବା ଶୁଭଙ୍କର ନାୟକଙ୍କ ଡାଏରିରେ ଏମାନଙ୍କ ନାଁ ଥିବାରୁ ଏମାନଙ୍କୁ ଜେରା କରାଯାଇଥିଲା । ହେଲେ ସେମାନଙ୍କର ଏଥିରେ ସଂପୃକ୍ତ ଅଛି କି ନାହିଁ ତାହା ଏଯାବତ ମଧ କୌଣସି ଖୁଲାସ କରାଯାଇ ନାହିଁ । ପରବର୍ତ୍ତୀ ସମୟରେ ପ୍ରଭାତ ବିଶ୍ୱାଳଙ୍କୁ ୨୦୧୭ ସେପ୍ଟେମ୍ବର ୧୯ତାରିଖରେ ସିବିଆଇ ଗିରଫ କରିଥିଲା। ତାଙ୍କ ବିରୋଧରେ ମନି ଲଣ୍ଡରିଂ ଆକ୍ଟରେ ମାମଲା ରୁଜୁ କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୨୦୨୨ ଜୁଲାଇରେ ତାଙ୍କର ପ୍ରାୟ ୩କୋଟି ୯୨ଲକ୍ଷ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି କରିଥିଲେ। ଏଥିରେ କଟକସ୍ଥିତ ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଥିବା ୨୫ଲକ୍ଷ ଟଙ୍କା ସାମିଲ ଅଛି। ବିଶ୍ୱାଳ ଏବେ ଜାମିନରେ ଅଛନ୍ତି। ଚିଟ୍‌ଫଣ୍ଡ ମାମଲାରେ ନିଜକୁ ନିର୍ଦ୍ଦୋଷ ବୋଲି ଦାବି କରିବା ସହ ତାଙ୍କ ନାଁ ଚାର୍ଜଶିଟରୁ ବାଦ୍ ଦେବା ଓ ଏଫ୍‌ଆଇଆର ଖାରଜ କରିବା ପାଇଁ ବିଧାୟକ ବିଶ୍ୱାଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଗତ ଏପ୍ରିଲରେ ସିବିଆଇ କୋର୍ଟକୁ ୨ମାସ ମଧ୍ୟରେ ବିଶ୍ୱାଳଙ୍କ ବିରୋଧରେ ଚାର୍ଜ ଫ୍ରେମ କରିବା ସହ ବର୍ଷକ ମଧ୍ୟରେ ମାମଲାର ଶୁଣାଣି ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏହି ମାମଲାରେ ଏକାଧିକ ରାଜନେତା ଏବଂ ବଡବଡ଼ିଆ ବ୍ୟକ୍ତିଙ୍କ ସମ୍ପୃକ୍ତ ରହିଥିବା ଅଭିଯୋଗ ହୋଇଥିଲା। ଇତିମଧ୍ୟରେ ଏହି ମାମଲାରେ ସିଶୋର ଚିଟଫଣ୍ଡର ମୁଖ୍ୟ ପ୍ରଶାନ୍ତ ଦାସଙ୍କ ସମେତ ଏକାଧିକ ବ୍ୟକ୍ତି ଗିରଫ ହୋଇଛନ୍ତି। ସାଧାରଣ ନିର୍ବାଚନକୁ କିଛି ମାସ ଥିବାବେଳେ ବିଶ୍ୱାଳଙ୍କ ବିରୋଧରେ ସିବିଆଇ କୋର୍ଟ ଚାର୍ଜଫ୍ରେମ କରିଛି। ପ୍ରିଭେନ୍‌ସନ ଅଫ୍ ମନି ଲଣ୍ଡରିଂ ଆକ୍ଟ ,୨୦୦୨ ଅଧୀନରେ ୨୦୧୪ ଡିସେମ୍ବର ୩ରେ ସିଶୋର ଚିଟ୍ ଫଣ୍ଡ କମ୍ପାନୀର ୧୫୭ କୋଟି ଓ ୨୦୧୫ ରେ ୮୪ କୋଟି ଟଙ୍କାର ସମ୍ପତ୍ତି ଆଟାଚମେଣ୍ଟ ହୋଇଥିଲା। ପୂର୍ବତନ ବିଧାୟକ ବିଶ୍ୱାଳ ୫୦୦କୋଟି ଟଙ୍କା ଚିଟ୍ ଫଣ୍ଡ ସ୍କାମ୍‌ରେ ଅଭିଯୁକ୍ତଙ୍କ ସହ ସନ୍ଦେହଜନକ ଜମି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ବିଳାସିନୀ ଏବଂ ମୁଖ୍ୟ ଅଭିଯୁକ୍ତ ସିଶୋର ଗ୍ରୁପ ମୁଖ୍ୟ ପ୍ରଶାନ୍ତ ଦାସଙ୍କ ମଧ୍ୟରେ ଯାଜପୁର ଜିଲାରେ ୨୫ଲକ୍ଷ ଟଙ୍କାରେ ଏକ ଜମି କାରବାର ଚୁକ୍ତି ହୋଇଥିବାରୁ ସେ ସିବିଆଇ ସ୍କାନରରେ ରହିଥିଲେ। ୨୦୧୪ ନଭେମ୍ବର ୨୧ରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ବିଶ୍ୱାଳ ଏବଂ ତାଙ୍କ ସ୍ତ୍ରୀଙ୍କୁ ସିବିଆଇ ପଚରାଉଚରା କରିଥିଲା। ଏହାପୂର୍ବରୁ ଜାନୁୟାରୀ ମାସରେ ଭୁବନେଶ୍ୱର ଏବଂ କଟକସ୍ଥିତ ବିଶ୍ୱାଳଙ୍କ ବାସଭବନରେ ସିବିଆଇ ଏକକାଳୀନ ଚଢ଼ାଉ କରିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ହସି ହସି କଥା କହି କାମ ହାସଲ କରିପାରିବେ। ଘରର କେତେକ ରହିଯାଇଥିବା କାମକୁ ଶେଷ କରିବା ସକାଶେ ଚିନ୍ତା କରି ପାରନ୍ତି। ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ହୋଇଯିବ। ଅଫିସରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। ଦୂରବନ୍ଧୁ ଆଗମନ ସମ୍ଭାବନା।

**ବୃଷ**
ବନ୍ଧୁଙ୍କଠାରୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଅର୍ଥ ପାଇ ଖୁସି ହେବେ। ଯେ କୌଣସି କ୍ଷେତ୍ରରେ ବିନା ସମସ୍ୟାରେ କାର୍ଯ୍ୟ ହାସଲ କରିପାରିବେ। ବ୍ୟବସାୟରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ମିଥୁନ**
ଆଜି ପୂର୍ବାହ୍ନରେ ଘର କାମରେ କିମ୍ବା ନୂତନ କର୍ମାରମ୍ଭରେ ଉତ୍ସାହିତ ହେବେ। ଉଦ୍ୟମ ସଫଳ ଦିଗରେ ମଧ୍ୟ କେତେକ ସମସ୍ୟା ଦେଖାଦେଇପାରେ। କର୍ମକ୍ଷେତ୍ରରେ, ରାଜନୀତିରେ, ସଭାସମିତିରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ଆତ୍ମୀୟମାନଙ୍କ ପରୋକ୍ଷ ଶତ୍ରୁତା ଦୁଶ୍ଚିନ୍ତାର କାରଣ ହେବ।

**କର୍କଟ**
କାମଗୁଡ଼ିକ ପୂର୍ଣ୍ଣାଙ୍ଗ ନ ହୋଇଥିବା କାରଣରୁ ଅଧିକାଂଶ ସମୟ କର୍ମକ୍ଷେତ୍ରରେ ଅସ୍ଥିରତା ଲାଗି ରହିବ। ସଭାସମିତିରେ କିମ୍ବା ଅଫିସରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ, କିନ୍ତୁ କୌଣସି କୁପ୍ରଭାବ ପଡ଼ିବ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ।

**ସିଂହ**
ପରିସ୍ଥିତିରେ ପଡ଼ି ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରିବାକୁ ପଡ଼ିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନ ତଥା ନିର୍ମାଣ ପାଇଁ ମନ୍ଦ ନୁହେଁ। ଆଜି ମଧ୍ୟାହ୍ନ ପରେ ପରେ ଅଫିସରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା**
ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବା କାରଣରୁ ମନରେ ଭାବପ୍ରବଣତା ସୃଷ୍ଟି ହେବ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ତୁଳା**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ, ଅତଏବ କେତେକାଂଶରେ ମନ ହାଲୁକା ରହିବ। ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରିବେ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**ବିଛା**
ବନ୍ଧୁଙ୍କ ସାହାଯ୍ୟରୁ ଆର୍ଥିକ ସମସ୍ୟା ଦୂର ହୋଇଯିବା ସାଙ୍ଗକୁ ଯାତ୍ରାରେ ସଫଳତା ଅବଶ୍ୟ ମିଳିବ। ସତର୍କରେ ଚଳନ୍ତୁ, ଅନ୍ୟଥା ନିଜର ପାଖ ଲୋକମାନେ ଅପପ୍ରଚାର କରିପାରନ୍ତି। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ନଚେତ୍ ସମାଲୋଚନାର ପାତ୍ର ହେବାକୁ ପଡ଼ିବ। ପ୍ରତିଦ୍ୱନ୍ଦ୍ୱିତା ଓ କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
ସମସ୍ୟା ବିଜଡ଼ିତ ରହିବା ହେତୁ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେଇପାରେ। ବିଚାର ନ କରି ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବ। ସଭାସମିତି ଓ ସଙ୍ଗଠନ କ୍ଷେତ୍ରରେ ପ୍ରଭୂତ ସଫଳତା ହାସଲ କରିବେ।

**ମକର**
ଆଜି ସତର୍କତାର ସହ କାମ କରନ୍ତୁ, ନଚେତ୍ ଆକସ୍ମିକ ଭାବେ ନିଜ ଲୋକମାନେ ଶତ୍ରୁତା କରି ବସିବେ। ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିବେ।

**କୁମ୍ଭ**
ପ୍ରଥମରୁ ଭଲ ସମ୍ପର୍କ ଥିବା ବନ୍ଧୁମାନେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଦୂରେଇ ଯାଇପାରନ୍ତି। ସାଧାରଣ ପାଟିତୁଣ୍ଡ କରିବା ପରେ ଯାଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ସମ୍ଭାବନା ରହିଛି। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

**ମୀନ**
ସଫଳତା ଅବଶ୍ୟ ପାଇବେ, କିନ୍ତୁ ଏଥିପାଇଁ ବହୁତ ମେହନତ କରିବାକୁ ପଡ଼ିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରନ୍ତୁ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣେ ପାଇ ଖୁସି ହୋଇପାରନ୍ତି।

ଆଜି ଭାଦ୍ରବ ଶୁକ୍ଳ ନବମୀଯୁକ୍ତ ଦଶମୀ ରବିବାର, ଶ୍ରୀମନ୍ଦିରରେ କୃଷ୍ଣଲୀଳା, କଂସବଧ ପ୍ରସ୍ତାବ, ଲବଣିଖିଆ ଓ ମଥୁରାହାଟ ଜୁର, ଖୁଦୁରୁକୁଣୀ ଓଷା ଶେଷପାଳି, ସେପ୍ଟେମ୍ବର ୨୪ ତାରିଖ, ବିଶ୍ୱ ମୂକବଧିର ଦିବସ ଏବଂ ବିଶ୍ୱ ନଦୀ ଦିବସ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୭ ଗତେ ଘ.୦୮।୫୧ ମଧ୍ୟେ, ଘ.୦୧।୦୮ ଗତେ ଘ.୦୩।୧୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୩୮ ଗତେ ଘ.୦୧।୦୮ ମଧ୍ୟେ ରାହୁକାଳ।

## ୨ଦିନ ପଡ଼ିରହିଲା ମୃତଦେହ କାନ୍ଧ ଦେବାକୁ ଆସିଲେନି ପଡ଼ୋଶୀ

ବେତନଟୀ,୨୩।୯(ଧରଣୀଧର ମହାନ୍ତି)

ପୂର୍ବ ବିବାଦକୁ କେନ୍ଦ୍ର କରି ମୃତଦେହକୁ କାନ୍ଧ ଦେବା ପାଇଁ ଆସିଲେନି ପଡ଼ୋଶୀ। ଫଳରେ ଦୁଇଦିନ ଧରି ମୃତଦେହ ପଡ଼ିରହିଲା। ଶେଷରେ ପୋଲିସ ହସ୍ତକ୍ଷେପ କରିବା ପରେ ଶବ ସତ୍କାର କରାଯାଇଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ସୁରେଇଡିହ ଗ୍ରାମରେ। ମୃତକ ହେଲେ ଗ୍ରାମର କନ୍ଦା ମୁର୍ମୁ(୭୫)। ଗୁରୁବାର ବୟସ ଅଧିକ ପାଇଁ ତାଙ୍କର ମୃତ୍ୟୁ ହୋଇଥିଲା।

କନ୍ଦା ମୁର୍ମୁଙ୍କ ସ୍ତ୍ରୀ, ଦୁଇ ପୁଅ ରାଜୀବ ଓ ସଞ୍ଜୟଙ୍କୁ ନେଇ ତାଙ୍କ ପରିବାର। ରାଜୀବ ଦାଦନ ଖଟିବା ପାଇଁ ବାହାରକୁ ଯାଇଛନ୍ତି। କନ୍ଦାଙ୍କ ପଡୋଶୀଙ୍କ ସହିତ ବିବାଦ ହୋଇ ଗ୍ରାମ ମୁଣ୍ଡରେ ବାସନ୍ଦ ହୋଇ ଦୀର୍ଘବର୍ଷ ରହିଆସୁଥିଲେ। ଗ୍ରାମ୍ୟ ଜାହିରା ପୂଜାରେ କୌଣସି ଦାୟିତ୍ୱ ନେଇ ନ ଥିଲେ ଓ ଅଂଶଗ୍ରହଣ ମଧ୍ୟ କରୁ ନ ଥିଲେ। ଫଳରେ ନିଜ ପଡୋଶୀ ତଥା ନିଜ ସମ୍ପ୍ରଦାୟର ଲୋକମାନେ ତାଙ୍କ ଘରକୁ ଚଳପ୍ରଚଳ ବନ୍ଦ କରିଦେଇଥିଲେ। ଏଭଳି ସ୍ଥିତିରେ କନ୍ଦାଙ୍କ ବୟସ ଅଧିକ ହେତୁ ମୃତ୍ୟୁବରଣ କରିବା ପରେ ପଡୋଶୀ କାନ୍ଧଦେବା ପାଇଁ ଆସି ନ ଥିଲେ। ଫଳରେ ମୃତଦେହ ଦୁର୍ଗନ୍ଧ ହୋଇଥିଲା। ଖବରପାଇ ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତଙ୍କ ନିର୍ଦ୍ଦେଶରେ ଏସ୍ଆଇ ନିରଞ୍ଜନ ସେଠୀ ସହିତ ପୋଲିସ ଟିମ୍‌ଙ୍କ ସହାୟତାରେ ଶନିବାର କନ୍ଦାଙ୍କ ମୃତଦେହ ସତ୍କାର କରାଯାଇଥିଲା।

# ଭସାଣି ବେଳେ ପୋଲିସଙ୍କୁ ଆକ୍ରମଣ

- ୪ ପୋଲିସ ଆହତ, ୧୬ ଗିରଫ
- ୩୦ରୁ ଅଧିକଙ୍କ ନାମରେ ମାମଲା

ଢେଙ୍କାନାଳ,୨୩।୯(ରତନ ନାୟାର)


ଢେଙ୍କାନାଳ ସହର କୋରିଆଁ ଅଞ୍ଚଳରେ ଶୁକ୍ରବାର ରାତିରେ ଗଣେଶ ପୂଜା ଭସାଣି ବେଳେ ପୋଲିସ ଉପରେ ଆକ୍ରମଣ ହୋଇଛି। କେତେଜଣ ଯୁବକ ଟାଉନ ଥାନାର ଜଣେ ଏସ୍ଆଇ, ଜଣେ ଏଏସ୍ଆଇ ଓ ୨ଜଣ କନଷ୍ଟେବଲଙ୍କୁ ପଥରମାଡ କରିବାରୁ ସେମାନେ ଆହତ ହୋଇଛନ୍ତି। ଆହତ ପୋଲିସ କର୍ମଚାରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରିସ୍ଥିତି ଚାପା ଉତ୍ତେଜନାପୂର୍ଣ୍ଣ ଥିବାବେଳେ ପୋଲିସ ନଂ. ୬୩୫/୨୩ରେ ଏକ ମାମଲା ରୁଜୁ କରି ୧୬ ଜଣଙ୍କୁ ଗିରଫ କରିଛି। ୩୦ରୁ ଅଧିକ ଲୋକଙ୍କ ନାମରେ ମାମଲା ରୁଜୁ କରାଯାଇଛି।

ପ୍ରକାଶ ଯେ, କୋରିଆଁ ଗଣେଶ ପୂଜା କମିଟି (ଦଳିତ ସାହି)ର ଗଣେଶ ମେଢ ବିସର୍ଜନ ସନ୍ଧ୍ୟା ୭ଟା ମଧ୍ୟରେ ଶେଷ ହେବାର ଥିଲା। କିନ୍ତୁ ନିର୍ଦ୍ଧାରିତ ସମୟ ପରେ ବି ଭସାଣି ସରି ନ ଥିବା ଖବରପାଇ ଟାଉନ ଥାନା ପୋଲିସ ସେଠାକୁ ଯାଇଥିଲା। ସମୟ ଅତିକ୍ରାନ୍ତ କରିଥିବାରୁ ବାଜା ବନ୍ଦ କରି ତୁରନ୍ତ ଭସାଣି କରିବା ପାଇଁ ପୂଜା କମିଟି କର୍ମକର୍ତ୍ତାମାନଙ୍କୁ ପୋଲିସ କହିଥିଲା। ଫଳରେ ପୂଜା କମିଟି ପକ୍ଷରୁ ବାଜା ବନ୍ଦ କରାଯାଇଥିଲା। ଏହାପରେ ପୋଲିସ ଫେରିଆସିଥିଲା। କିଛି ସମୟ ପରେ ପୋଲିସ ପୁଣି ସେଠାକୁ ଯାଇ ଡିଜେ ସାଉଣ୍ଡରେ ନାଚଗୀତ ଚାଲିଥିବା ଦେଖି ତାହାକୁ ବନ୍ଦ କରାଇଥିଲା। ଏହାକୁ ନେଇ କେତେଜଣ ଯୁବକ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ସେମାନେ ଟାଉନ ଥାନା ଏସ୍ଆଇ ସୌଭାଗ୍ୟ ପାଣିଙ୍କୁ ପଥରରେ ଆକ୍ରମଣ କରିଥିଲେ। ଏଏସ୍ଆଇ କେ.ସି. ନାୟକ, କନଷ୍ଟେବଲ ଦୁର୍ଯ୍ୟୋଧନ ମୁଣ୍ଡା ଓ ରତ୍ନପ୍ରଭା ପ୍ରଧାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଖବରପାଇ ରାତି ପ୍ରାୟ ୧୦ଟାରେ ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ଫୋର୍ସ ସହ ପହଞ୍ଚି ଆହତ ପୋଲିସ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ଏହାପରେ ଚଢାଉ କରାଯାଇ ପୂଜା କମିଟି ସଭାପତି ଓ ସମ୍ପାଦକଙ୍କ ସମେତ ୧୬ଜଣଙ୍କୁ ଗିରଫ କରାଯାଇଥିଲା। ଶନିବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ସୂଚନା ଦେଇଛନ୍ତି।

## ପୋଲିସ ମାଡ଼ରେ ଯୁବକ ଗୁରୁତର

ବାରିପଦା,୨୩।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପିଆର୍‌ଏମ୍ ହସ୍ପିଟାଲରେ ଭର୍ତ୍ତି



ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ ଜନୈକ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ହସ୍ପିଟାଲରେ ଶନିବାର ଭର୍ତ୍ତି କରାଯାଇଛି। ଏ ନେଇ ଯୁବକଙ୍କ ପିତା ଜୟରାମ ବିନ୍ଧାଣି ଓ ମାତା ମିନୁ ବିନ୍ଧାଣି ଖାରପୋଖରିଆ ଥାନାରେ ଅଭିଯୋଗ କରିଛନ୍ତି।

ଗହଳାମୁଣ୍ଡା ଗ୍ରାମର ବାବଲୁ ବିନ୍ଧାଣୀ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କଳହ ହୋଇଥିଲା। ବାବଲୁ ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରିଥିବା ନେଇ ସ୍ଥାନୀୟ ଥାନାରେ ସ୍ତ୍ରୀ ଅଭିଯୋଗ କରିଥିଲେ। ପୋଲିସ ଗାଁକୁ ତଦନ୍ତ କରିବାକୁ ଯାଇ ବାବଲୁ ବିନ୍ଧାଣୀକୁ ମାଡ଼ମାରି ଲହୁଲୁହାଣ କରିବା ସହିତ ଗୁରୁତର ଅବସ୍ଥାରେ ଘରେ ଛାଡ଼ି ପଳାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଗୁରୁତର ଅବସ୍ଥାରେ ବାବଲୁଙ୍କୁ ପ୍ରଥମେ ସ୍ଥାନୀୟ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି ପରେ ଚିକିତ୍ସାଧୀନ ଅଛନ୍ତି। ପୋଲିସର ଏପରି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିବାର ଲୋକେ ଦାବି କରିଛନ୍ତି। ଏସ୍‌ପି ବି.ଗଙ୍ଗାଧର କହିଛନ୍ତି, ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗ ପରେ ତଦନ୍ତ କରିବାକୁ ପୋଲିସ ଗାଁକୁ ଯାଇଥିଲା। ପାରିବାରିକ କଳହରେ ଉଭୟଙ୍କ ମଧ୍ୟରେ ମାର୍‌ପିଟ ହୋଇଥିଲା। ତେବେ ପୋଲିସ ମାର୍‌ପିଟ କରିନାହିଁ। ସଦର ଏସ୍‌ଡିପିଓଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଦର୍ଶକଙ୍କ ଭାବାବେଗକୁ ଛୁଇଁଲା ‘ବିୟଣ୍ଡ୍ ଦ ବ୍ଲୁଜ୍’

## ଚତୁର୍ଥ ଇଣ୍ଡିଆନ ଡକ୍ୟୁମେଣ୍ଟାରି ଫିଲ୍ମ ଫେଷ୍ଟିଭାଲ

ଭୁବନେଶ୍ୱର,୨୩।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଫିଲ୍ମ ସୋସାଇଟି ଭୁବନେଶ୍ୱର ପକ୍ଷରୁ ୩ଦିନିଆ ଚତୁର୍ଥ ଇଣ୍ଡିଆନ ଡକ୍ୟୁମେଣ୍ଟାରି ଫିଲ୍ମ ଫେଷ୍ଟିଭାଲ(ଆଇଏଫ୍ଏଫ୍‌ବି) ଗୁରୁ କେଲୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ ହୋଇଛି। ଚଳିତବର୍ଷ ଅସମାନତା, ଜାତି, ଶ୍ରେଣୀ, ଲିଙ୍ଗ, ପରିବେଶ ବିଜ୍ଞାନ ସମସ୍ୟା ଉପରେ ନିର୍ମିତ ଇଣ୍ଡିଆନ୍ ନନ୍-ଫିକ୍ସନାଲ୍ ଚଳଚ୍ଚିତ୍ର ପ୍ରଦର୍ଶିତ ହେଉଛି। ଏହି ଉତ୍ସବରେ ୨୫ଟି ଚଳଚ୍ଚିତ୍ରର ପ୍ରଦର୍ଶନ ହେବାକୁଥିବାବେଳେ ସୁବାଶ୍ରୀ କ୍ରୀଷ୍ଣନ୍‌ଙ୍କ ‘ହ୍ୱାଟ୍ ଦି ଫିଲ୍ଡସ୍ ରିମେମ୍ବର’ରୁ ଶନିବାର ଦ୍ୱିତୀୟ ଦିବସର ପ୍ରଦର୍ଶନ ଆରମ୍ଭ ହୋଇଥିଲା। ବଙ୍ଗଳା ଓ ଇଂଲିଶ ଭାଷାରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ର ୧୯୮୩ ଆସାମ ନିଲେ ଗଣହତ୍ୟା ଉପରେ ଆଧାରିତ। ଏଥିରେ ୩ରୁ ୪ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା। ସେହି ସ୍ମୃତି ଓ ସେମାନଙ୍କ ପରିବାର ଆଜି ବି କିଭଳି ନ୍ୟାୟ ପାଇଁ ଅପେକ୍ଷା କରିଛନ୍ତି ତାହା ଏହି ଚଳଚ୍ଚିତ୍ର ମାଧ୍ୟମରେ ଦେଖିବାକୁ ମିଳିଛି। ଭାରତର ଏକ ଐତିହାସିକ ବିବାଦକୁ ଚଳଚ୍ଚିତ୍ରରେ ଦେଖି ଦର୍ଶକଙ୍କ ଲୋମ ଟାଙ୍କୁରି ଉଠିଥିଲା। ଏହା ପରେ ଦେବଲିନା ମଜୁମଦାର୍‌ଙ୍କ ଚଳଚ୍ଚିତ୍ର ‘ବିୟଣ୍ଡ୍ ଦ ବ୍ଲୁଜ୍’ ଦର୍ଶକଙ୍କୁ



ଦେବଲିନା ମଜୁମଦାର୍ ଓ ନିଲ୍ ଘୋଷ୍‌ଙ୍କ ସହ ଲିପିକା ସିଂହ ଦୋରାଇ ଫିଲ୍ମ ‘ବିୟଣ୍ଡ୍ ଦ ବ୍ଲୁଜ୍’ ସମ୍ପର୍କରେ ଆଲୋଚନା କରୁଛନ୍ତି।

ଆଉଏକ ସାମାଜିକ କାହାଣୀ କହିଥିଲା। ବଙ୍ଗଳା ଭାଷାରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର ବିଷୟବସ୍ତୁ ହେଉଛି- ନିଲ୍ ବୋଲି ଜଣେ ପିଲା ଥିଲା। ଯିଏ ନିଜର ଲିଙ୍ଗଗତ ସମସ୍ୟା ପାଇଁ ଅନେକ ସମସ୍ୟାର ସାମ୍ନା କରୁଥିଲା। ଶେଷରେ ତାକୁ ଘରୁ ମଧ୍ୟ ବାହାରି ଯିବାକୁ ପଡ଼ିଲା। ହେଲେ ବାହାରେ ସେ କିପରି ମୁଣ୍ଡଗୁଞ୍ଜିବାକୁ ସଂଘର୍ଷ କରିଥିଲା ତାହା ଥିଲା କାହଣୀର ପୃଷ୍ଠଭୂମି। ଏହି ଫିଲ୍ମ ଦର୍ଶକଙ୍କ ଭାବାବେଗକୁ ଖୁବ୍ ଛୁଇଁଥିଲା। ପରବର୍ତ୍ତୀ ପ୍ରଦର୍ଶନରେ ନୌସିନ ଖାନ୍‌ଙ୍କ ଫିଲ୍ମ ‘ଲ୍ୟାଣ୍ଡ ଅଫ୍ ମାଇଁ ଡ୍ରିମସ୍’ ହିନ୍ଦୁସ୍ଥାନୀ ଭାଷାରେ ପ୍ରଦର୍ଶିତ ହୋଇଥିଲା। ୨୦୧୯ରେ ସିଟିଜେନ୍‌ସିପ୍ ଆମେଣ୍ଡମେଣ୍ଟ ଆକ୍ଟକୁ ଶାହିନ ବାଗ୍‌ରେ ବିରୋଧ କରିଥିବା ମହିଳାଙ୍କୁ ନେଇ ଏହି ଚଳଚ୍ଚିତ୍ର ପ୍ରସ୍ତୁତ। ଏହା ପରେ ଆରୟାଙ୍କ ଦ୍ୱାରା ପ୍ରସ୍ତୁତ ‘ଏ ରାଇଫଲ୍ ଆଣ୍ଡ୍ ବ୍ୟାଗ୍’ ଓ ଶେଷରେ ପ୍ରିୟଙ୍କା ଛାବ୍ରାଙ୍କ ‘ଇକ୍ରାନାମ’ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଉତ୍ସବର ନିର୍ଦ୍ଦେଶକ ତଥା ଭୁବନେଶ୍ୱର ଫିଲ୍ମ ସୋସାଇଟିର ସଭାପତି ସୁବ୍ରତ ବେଉରା ଇଣ୍ଡିପେଣ୍ଡେଣ୍ଟ ନନ୍-ଫିକ୍ସନ ଚଳଚ୍ଚିତ୍ରରେ ଏକ୍ସପେରିମେଣ୍ଟାଲ ଓ ନ୍ୟାରେଟିଭ୍ ଷ୍ଟୋରୀର ଗୁରୁତ୍ୱ ସମ୍ପର୍କରେ ମତ ଦେଇଥିଲେ।

## ‘ବାନ୍ଧବୀ ହିଁ କହିପାରିବେ ମୃତ୍ୟୁର କାରଣ’

### ଡାକ୍ତରୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା

ବାରିପଦା,୨୩।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ପିଆର୍‌ଏମ୍ (ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ) କଲେଜ ଓ ହସ୍ପିଟାଲର ହଷ୍ଟେଲ ରୁମ୍‌ରୁ ଡାକ୍ତରୀ ଛାତ୍ରଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ ଘଟଣାରେ ତାଙ୍କ ବାପା ମୁହଁ ଖୋଲିଛନ୍ତି। ପୁଅର ବାନ୍ଧବୀ ମୃତ୍ୟୁର ପ୍ରକୃତ କାରଣ ଦର୍ଶାଇପାରିବେ ବୋଲି ବାପା ଜ୍ଞାନେନ୍ଦ୍ର କୁମାର ସାହୁ କହିଛନ୍ତି। ତାଙ୍କ ବୟାନ ଆଧାରରେ ଟାଉନ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ବାନ୍ଧବୀଙ୍କୁ ପଚରାଉଚରା କରିଥିବା ଜଣାପଡ଼ିଛି।

କେନ୍ଦୁଝର ଜିଲାର ଡାକ୍ତରୀ ଛାତ୍ର ସଚିନ ସାହୁ ବାରିପଦାର ରଙ୍ଗାମାଟିଆସ୍ଥିତ ପିଆର୍‌ଏମ୍ ମେଡିକାଲ କଲେଜର ହାଉସ ସର୍ଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ସେ ଶେଷବର୍ଷ ଛାତ୍ର (ହାଉସ ସର୍ଜନ) ଭାବେ ଆଉ ୬ ମାସ ପରେ ଡାକ୍ତରୀ ଶିକ୍ଷା ଶେଷ କରି ସିଏଚ୍‌ସିରେ ଡାକ୍ତର ଭାବେ ନିଯୁକ୍ତି ପାଇଥାନ୍ତେ। ସଚିନ ଶୁକ୍ରବାର ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ନିଜ କାର୍ଯ୍ୟ ସାରି ନିଜ ରୁମ୍‌କୁ ଫେରିଥିଲେ। କବାଟ ନ ଖୋଲିବାରୁ ଅନ୍ୟ ଛାତ୍ରମାନେ ଛାତ୍ରାବାସ ୩୧୧ ନମ୍ବର କୋଠରିର କବାଟ ଭାଙ୍ଗି ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାରକରି ପିଆର୍‌ଏମ୍ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବାରିପଦା ସଦର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪୮/୨୩) ରୁଜୁ ହୋଇଛି। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ତଦନ୍ତ ପ୍ରକ୍ରିୟା ଜାରି ରହିଥିବା ବାରିପଦା ସଦର ପୋଲିସ ଏସ୍‌ଡିପିଓ ସୁଜିତ କୁମାର ପ୍ରଧାନ କହିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ୨ ଯୁବକ ମୃତ

ଧର୍ମଶାଳା/ଚଣ୍ଡିଖୋଲ,୨୩।୯
(ବଟକୃଷ୍ଣ ପରିଡ଼ା/ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ଚଣ୍ଡିଖୋଲ ନିକଟସ୍ଥ ଗାନ୍ଧୀ ଛକଠାରେ ଶନିବାର ସନ୍ଧ୍ୟାରେ ଏକ ଅଜଣା ଗାଡ଼ି ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମହାଦେଇପୁର ଗ୍ରାମର ଚିତ୍ତରଞ୍ଜନ ଦଳେଇଙ୍କ ପୁଅ ଅଶୋକ କୁମାର ଦଳେଇ(୧୯) ଓ ସେହି ଗ୍ରାମର ଗୋବିନ୍ଦ ଦଳେଇଙ୍କ ପୁଅ ରାଜେଶ ଦଳେଇ(୧୮)। ଉଭୟ ଚଣ୍ଡିଖୋଲରୁ ମାଛ ବେପାର ସାରି ଏକ ବାଇକ୍‌ରେ ୫୩ ନମ୍ବର ଜାତୀୟ ରାଜପଥ ଦେଇ ନିଜ ଘରକୁ ଫେରୁଥିଲେ। ହଠାତ୍ ଗାନ୍ଧୀ ଛକ ନିକଟରେ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟ ଗୁରୁତର ହୋଇଥିଲେ। ଚଣ୍ଡିଖୋଲ ଫାଣ୍ଡି ପୋଲିସ ଉଭୟଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ସ୍ଥାନଟି ଧର୍ମଶାଳା ଥାନା ଅଧୀନରେ ଯାଉଥିବାରୁ ଚଣ୍ଡିଖୋଲ ଫାଣ୍ଡି ପୋଲିସଠାରୁ ଖବର ପାଇବା ପରେ ଧର୍ମଶାଳା ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଏହି ଦୁର୍ଘଟଣା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ୨୯ରେ ଲଘୁଚାପ: ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୩।୯(ଅନିଲ ଦାସ)

ଦକ୍ଷିଣ ଚାଇନା ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟିହୋଇଛି। ଏହା ଆସନ୍ତା ୨୯ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ମ୍ୟାନ୍‌ମାର ନିକଟରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଲଘୁଚାପ ସେପ୍ଟେମ୍ବର ୩୦ ତାରିଖରେ ଅଧିକ ଘନୀଭୂତ ହୋଇ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗ ଦେଇ ଓଡ଼ିଶା ଉପକୂଳ ଏବଂ ପଶ୍ଚିମବଙ୍ଗ ଉପକୂଳ କିମ୍ବା ଆନ୍ଧ୍ରପ୍ରଦେଶ ଉପକୂଳ ଦେଇ ସ୍ଥଳଭାଗ ଅତିକ୍ରମ କରିବା ସମ୍ଭାବନା ରହିଛି। ସ୍ଥଳଭାଗ ଅତିକ୍ରମ କରିବା ବେଳେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିମ୍ବା ବେଳେ ବେଳେ ୬୦ରୁ ୭୦ କି.ମି. ରହିବ ବୋଲି ଅନୁମାନ କରାଯାଉଛି। ଏହାର ପ୍ରଭାବରେ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି କଟକ, ପୁରୀ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଆଦି ଜିଲାରେ ଅକ୍ଟୋବର ୨ ତାରିଖ ଯାଏ ପ୍ରବଳ ବର୍ଷା ହେବ। ତେବେ ଲଘୁଚାପ ବାତ୍ୟାରେ ପରିଣତ ହେବ କି ନାହିଁ ସେ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ସୂଚନା ନାହିଁ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ଶରତ ସାହୁ କହିଛନ୍ତି।

ଅନ୍ୟପକ୍ଷରେ ସେପ୍ଟେମ୍ବରରେ ସ୍ୱାଭାବିକଠାରୁ ୩୦ ପ୍ରତିଶତ ଅଧିକ ବର୍ଷା ହୋଇଛି। ଜୁଲାଇ ଓ ଅଗଷ୍ଟରେ ରାଜ୍ୟରେ ହୋଇଥିବା ନିଅଣ୍ଟିଆ ବର୍ଷା ଭରଣା ହୋଇଛି। ଭାରତୀୟ ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜୁନ୍ ପହିଲାରୁ ସେପ୍ଟେମ୍ବର ୨୩ ତାରିଖ ଯାଏ ରାଜ୍ୟରେ ସ୍ୱାଭାବିକ ଭାବେ ୧୧୧୪.୫ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୧୦୮୧ ମିଲିମିଟର । ରାଜ୍ୟର ୩୦ ଜିଲାରୁ ୨୮ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୨ଟି ଜିଲା କେନ୍ଦ୍ରାପଡା ଓ ନବରଙ୍ଗପୁରରେ ସ୍ୱାଭାବିକଠାରୁ କମ ବର୍ଷା ହୋଇଛି। ତେବେ ଆସନ୍ତା ଲଘୁଚାପ ବର୍ଷା ଏହାକୁ ଭରଣା କରିବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି।

ଓଡ଼ିଶା ଏବଂ ଝାଡ଼ଖଣ୍ଡରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ମାଲକାନଗିରି, କୋରାପୁଟ ଏବଂ ରାୟଗଡ଼ାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ୟେଲୋୱାର୍ନିଂ ଜାରି କରାଯାଇଛି।

## ବିଶ୍ୱ ଦକ୍ଷତା କେନ୍ଦ୍ରର ୨୪ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି



ଭୁବନେଶ୍ୱର,୨୩।୯(ଅସମାପିକା ସାହୁ)

ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ତାଲିମ ପାଠ୍ୟକ୍ରମ ଶେଷ କରିଥିବା ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ କମ୍ପାନୀରେ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଉଛି। ଏହି କ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଶୁକ୍ରବାର ଟାଟା ଷ୍ଟିଲ ପକ୍ଷରୁ ହୋଇଥିବା ଦ୍ୱିତୀୟ ପ୍ଲେସ୍‌ମେଣ୍ଟ ଇଣ୍ଟରଭ୍ୟୁ କାର୍ଯ୍ୟକ୍ରମରେ ୨୦୨୧-୨୨ ବ୍ୟାଚର ୨୪ଜଣ ଛାତ୍ରୀଛାତ୍ର ନିଯୁକ୍ତି ପାଇଛନ୍ତି। ଟାଟା ଷ୍ଟିଲରେ ନିଯୁକ୍ତି ପାଇଥିବା ଛାତ୍ରୀଛାତ୍ର ଓଡ଼ିଶାର ବିଭିନ୍ନ ସ୍ଥାନରେ କାମ କରିବାର ସୁଯୋଗ ପାଇବେ। ଏହି ଅବସରରେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧ୍ୟକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ନିଯୁକ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଶ୍ୱ ଦକ୍ଷତା କେନ୍ଦ୍ରର ‘ସ୍କୁଲ ଅଫ୍ ଇଞ୍ଜିନିୟରିଂ’ ଏବଂ ‘ସ୍କୁଲ ଅଫ୍ ସର୍ଭିସେସ୍’ ବିଭାଗ ଅଧୀନରେ ଚଳିତବର୍ଷ ତାଲିମ ଶେଷ କରିଥିବା ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ସୁଯୋଗ ଦେବା ପାଇଁ ପ୍ଲେସ୍‌ମେଣ୍ଟ କାର୍ଯ୍ୟକ୍ରମ ଚାଲୁ ରହିଛି। ଏହି ବ୍ୟାଚ୍‌ରେ ୯୦ ପ୍ରତିଶତ ଛାତ୍ରୀଛାତ୍ର ବିଭିନ୍ନ କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୫ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ଅନ୍ତର୍ଜାତୀୟ ସ୍ତରରେ ନିଯୁକ୍ତି ମିଳିଥିବା ସୂଚନା ଦିଆଯାଇଛି।

## ସ୍ୱାଭିମାନ ସହ ଚାଲିବା ପାଇଁ ପରିଚୟ ଦରକାର

‘ଅ ଓଡ଼ିଶା ଲିଟେରାରି ଫେଷ୍ଟିଭାଲ-୨୦୨୩’

ଭୁବନେଶ୍ୱର,୨୩।୯(ଶର୍ମିଷ୍ଠା ପାଣିଗ୍ରାହୀ)



କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଦ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସ୍‌ର ଏଡିଟୋରିଆଲ୍ ଡାଇରେକ୍ଟର ପ୍ରଭୁ ଚାୱ୍ଲା।

ଗୋଟିଏ ମଣିଷ, ସଭ୍ୟତା, ଭୌଗୋଳିକ ଅଞ୍ଚଳ କିମ୍ବା ବର୍ଗ ବିଶେଷର ଏକ ସ୍ୱତନ୍ତ୍ର ପରିଚୟ ରହିଥାଏ। ଭାଷା, ସଂଜ୍ଞା, ଆରାଧ୍ୟ ଦେବତାକୁ ନେଇ ପରିଚୟ ତିଆରି ହୋଇଥାଏ ଏବଂ ସ୍ଥାନ, କାଳ, ପାତ୍ର ନେଇ ପରିଚୟ ମଧ୍ୟ ପରିବର୍ତ୍ତିତ ହୋଇଥାଏ। କୌଣସି ନା କୌଣସି ବିଷୟକୁ ନେଇ ସ୍ୱାଭିମାନ ସହ ଚାଲିବା ପାଇଁ ପରିଚୟ ଦରକାର। ଓଡ଼ିଆ ସମାଜର ଆଜିର ଅବସ୍ଥା କ’ଣ ଏବଂ ମୋ ସମାଜକୁ ଆଗକୁ ନେବା ପାଇଁ ମୋର ଦାୟିତ୍ୱ କ’ଣ ? ମୋର କାମ କ’ଣ, ମୋର ଭବିଷ୍ୟତ କ’ଣ ? ଏହା ହିଁ ‘ପରିଚୟର କଳ୍ପନା’ର ଗୋଟିଏ କାମ ବୋଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶନିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ‘ଦ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସ’ର ଏକାଦଶ ‘ଅ ଓଡ଼ିଶା ଲିଟେରାରି ଫେଷ୍ଟିଭାଲ-୨୦୨୩’ (ଓଏଲ୍ଏଫ)ର ଉଦ୍‌ଘାଟନ ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏହା କହିବା ସହ ଚଳିତବର୍ଷର ବିଷୟ ବସ୍ତୁ ‘ଦ ଆଇଡିଆଜ୍ ଅଫ୍ ଆଇଡେଣ୍ଟିଟି’ ବା ‘ପରିଚୟର କଳ୍ପନା’ ଉପରେ ମତ ରଖିଛନ୍ତି। ସେ କହିଛନ୍ତି, ଜାତୀୟ ଶିକ୍ଷା ନୀତି ସବୁ ଭାରତୀୟ ଭାଷାକୁ ପ୍ରାଥମିକତା ଦେଉଛି। ସବୁ ଭାଷାକୁ ଆମେ ସମ୍ମାନ ଦେବା ଦରକାର। ଶିଶୁଙ୍କୁ ପ୍ରାରମ୍ଭିକ ଅବସ୍ଥାରେ ମାତୃଭାଷାରେ ପଢାଇବା ପାଇଁ ବାଲ୍‌ବାଟିକାର ବ୍ୟବସ୍ଥା ହୋଇଛି। ପ୍ରଥମରୁ ମାତୃଭାଷାରେ ପାଠ ପଢିଲେ ହିଁ ଶିଶୁଙ୍କର ଅନୁସନ୍ଧାନ, ତର୍କ ଶକ୍ତି ଓ ବୁଝିବାର କ୍ଷମତାରେ ସ୍ୱଚ୍ଛତା ଆସିବ। ମାତୃଭାଷାକୁ ପ୍ରାଥମିକତା ନୂଆ ଶିକ୍ଷା ନୀତିର ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଏଡିଟୋରିଆଲ୍ ଡାଇରେକ୍ଟର ପ୍ରଭୁ ଚାୱାଲା ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରସଙ୍ଗ ଉପରେ ଏକାଧିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା।

## ଶିକ୍ଷା, ଦକ୍ଷତା ସମାଜର ହିତ ପାଇଁ ଆବଶ୍ୟକ: ଧର୍ମେନ୍ଦ୍ର

ସମ୍ବଲପୁର,୨୩।୯(ଶୁଭାଶିଷ ପାଢ଼ୀ)

ଶିକ୍ଷା ଓ ଦକ୍ଷତା କେବଳ ବ୍ୟକ୍ତିଗତ ଲାଭ ନୁହେଁ, ସମାଜର ଉନ୍ନତି ପାଇଁ ମଧ୍ୟ ଆବଶ୍ୟକ। ଆମେ ଆଗକୁ ବଢୁଥିବା ବେଳେ ସମାଜ ପ୍ରତି ଆମର ଗୁରୁଦାୟିତ୍ୱକୁ ସ୍ୱୀକାର କରିବା ନିହାତି ଜରୁରୀ। ସମାଜ ପ୍ରତି କର୍ତ୍ତବ୍ୟବୋଧ ମନୋଭାବକୁ ଛାତ୍ରୀଛାତ୍ର ଗ୍ରହଣ କରିବା ଆବଶ୍ୟକ। ଛାତ୍ରୀଛାତ୍ର ହେଉଛନ୍ତି ୱେଲ୍‌ଥ କ୍ରିଏଟର। ସେମାନଙ୍କଠାରେ ରୋଜଗାର ସୃଷ୍ଟି କରିବାର ଶକ୍ତି ରହିଛି। କେବଳ ସୁଯୋଗ ଅନ୍ୱେଷଣ କରିବା ନାହିଁ ବରଂ ଅନ୍ୟମାନଙ୍କ ପାଇଁ ଚାକିରି ସୃଷ୍ଟି କରିବା ଦରକାର। ଏହାଦ୍ୱାରା ଆମେ ରାଷ୍ଟ୍ରର ବିକାଶ କରିପାରିବା ବୋଲି ଶନିବାର ଆଇଆଇଏମ୍ ସମ୍ବଲପୁରର ନବମ ପ୍ରତିଷ୍ଠା ଦିବସ ଅବସରରେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଭିଡିଓ ବାର୍ତ୍ତାରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ।

ଧର୍ମେନ୍ଦ୍ର ଆହୁରି କହିଥିଲେ, ଦେଶର ସାମ୍ପ୍ରତିକ ଇତିହାସର କିଛି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବିଷୟରେ ବର୍ତ୍ତମାନ ଚିନ୍ତା କରିବାର ଅବସର। ମହିଳା ସଂରକ୍ଷଣ ବିଲ୍-ନାରୀ ଶକ୍ତି ବନ୍ଦନ ଅଧିନିୟମ ଗୃହୀତ ହୋଇଛି। ଲିଙ୍ଗଗତ ସମାନତା ହାସଲ ପାଇଁ ଏହା ଏକ ଐତିହାସିକ ଅଧିନିୟମ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତ ଆଗକୁ ବଢୁଛି। ଅର୍ଥ ବ୍ୟବସ୍ଥାରେ ମଧ୍ୟ ଏକ ଆଦର୍ଶ ପାଲଟିଛି। ଜି-୨୦ ଶିଖର ସମ୍ମିଳନୀ ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ। ଜାତୀୟ ଶିକ୍ଷାନୀତି ପରିବର୍ତ୍ତନଶୀଳ ସମ୍ଭାବନାକୁ ସ୍ୱୀକାର କରିଛି। ଉଦ୍ୟୋଗୀ ମନୋଭାବକୁ ପ୍ରୋତ୍ସାହିତ କରିବା ସହ ନୂଆ ଚିନ୍ତାଧାରାକୁ ପାଠ୍ୟକ୍ରମରେ ସାମିଲ କରାଯାଉଛି। ରିସର୍ଚ୍ଚ ପାର୍କ, ଇନୋଭେସନ ହବ୍ ଏବଂ ଇନ୍‌କ୍ୟୁବେଶନ ସେଣ୍ଟର ପ୍ରତିଷ୍ଠା କରିବା ଉପରେ ଧ୍ୟାନ ଦିଆଯାଉଛି। ଆଇଆଇଏମ୍ ସମ୍ବଲପୁର ଇଣ୍ଡିଆ ଆକ୍ସିଲରେଟର, ସିଡ୍‌ବି, ଓଏନ୍‌ଡିସି ଏବଂ ଫ୍ଲିପ୍‌କାର୍ଟ ଭଳି ସଂସ୍ଥା ସହ ଭାଗୀଦାରି ହୋଇଛି। ଏହା ସ୍ଥାନୀୟ ଅଞ୍ଚଳର ବୁଣାକାର ଓ କାରିଗରଙ୍କ ବ୍ୟବସାୟକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ମୂଲ୍ୟବୋଧ-ଇନୋଭେଶନ, ଇନ୍‌କ୍ଲୁସିଭନେସ୍ ଓ ଇଣ୍ଟିଗ୍ରିଟି, ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶକ ସାଜିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉ। ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଅତିଥି ଭାବେ ପାର୍ଟନର ଇଣ୍ଡିଆ ଆକ୍ସିଲରେଟର ଅରବିନ୍ଦମ ମୁଖୋପାଧ୍ୟାୟ, ହବ୍ ଗୁଜରାତ ସିଇଓ ହିରନ୍ମୟ ମହନ୍ତ, ସୁଶାନ୍ତ କୁମାର ଯୋଗ ଦେଇଥିଲେ। ଆଇଆଇଏମ୍ ଭାରପ୍ରାପ୍ତ ସିଏଓ ଅମୃତ ପି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଇଆଇଏମ୍‌ର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ ଉପସ୍ଥିତ ଥିଲେ। ପରେ ଇଣ୍ଡିଆ ଆକ୍ସିଲରେଟର କମ୍ପାନୀ ସହ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା।

ଆଇଆଇଏମ୍‌ର ୯ମ ପ୍ରତିଷ୍ଠା ଦିବସ



ସମ୍ବଲପୁର ଆଇଆଇଏମ୍ ପ୍ରତିଷ୍ଠା ଦିବସରେ ଅତିଥିମାନେ।

ଗୋଟିଏ ମୁହୂର୍ତ୍ତ ଲାଗି ମଧ୍ୟ ଭୁଲିଯାଅନା ଯେ, ଏସବୁ କିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି– ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି– ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ– ତେବେ ତୁମେ ସବୁ କିଛି ହରାଇ ବସିବ। –ଶ୍ରୀଅରବିନ୍ଦ

# ଏନ୍‌କାଉଣ୍ଟର କାହିଁକି



ଆକାର ପଟେଲ

ନ୍ୟାୟିକ ବ୍ୟବସ୍ଥାର ଅନୁମତି ବିନା ହତ୍ୟା(ଏକ୍ସଟ୍ରା ଜୁଡିସିଆଲ କିଲିଂ) ବା ଏନ୍‌କାଉଣ୍ଟର ଭାରତରେ ଏକ ସାଧାରଣ ଘଟଣା। ବହୁ ସମୟରେ ଅଭିଯୁକ୍ତମାନେ ନ୍ୟାୟିକ ହେପାଜତରେ ଥିଲେ ବି ସେମାନଙ୍କୁ ହତ୍ୟା କରାଯାଏ। ଏମିତିକି ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଅଭିଯୁକ୍ତ ସୁରକ୍ଷା ଲାଗି ସୁପ୍ରିମ କୋର୍ଟରେ ପିଟିଶନ ଦାଏର କରିଥିଲେ ମଧ୍ୟ ତାଙ୍କୁ ହତ୍ୟା କରାଯାଉଛି। ଅଭିଯୁକ୍ତମାନଙ୍କୁ ସ୍ଥାନାନ୍ତର କରାଯାଉଥିବାବେଳେ ସେମାନଙ୍କ ହତ୍ୟା ଘଟଣାକୁ ଶୁଟିଂ କରାଯାଉଛି। ଏନ୍‌କାଉଣ୍ଟରକୁ ଯୁକ୍ତିଯୁକ୍ତ ମନେକରାଯାଉଥିବାରୁ ଏଭଳି କରାଯାଉଛି। ନ୍ୟାୟିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି ଏବଂ ଦଣ୍ଡାଦେଶ ପାଇଁ ଅପେକ୍ଷା କରାଯାଇପାରିବ ନାହିଁ– ଏଭଳି ସିଦ୍ଧାନ୍ତ ଏନ୍‌କାଉଣ୍ଟର ପାଇଁ ପ୍ରୟୋଗ କରାଯାଉଛି। ଖରାପ ଦଣ୍ଡ ପାଇବା ପୂର୍ବରୁ ଦୋଷୀ ସାବ୍ୟସ୍ତ ହେବାର ଆବଶ୍ୟକତା ନାହିଁ ଏବଂ ଆଇନ ବ୍ୟବସ୍ଥା ବାହାରୁ ସେମାନଙ୍କୁ ଗୁଳିକରି ହତ୍ୟା କରାଯିବା ବିଚାରରୁ ବି ଏନ୍‌କାଉଣ୍ଟର ଆସିଥାଇପାରେ। ୨୭ ଅଗଷ୍ଟ ୨୦୧୩ରେ ଲୋକ ସଭା ସଦସ୍ୟ ଗୁରୁଦାସ ଦାସଗୁପ୍ତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ କିଛି ପ୍ରଶ୍ନ ପଚାରିଥିଲେ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଜଷ୍ଟିସ ଏନ୍. ସନ୍ତୋଷ ହେଗ୍‌ଡେଙ୍କ ନେତୃତ୍ୱରେ ଗଠିତ ଆୟୋଗର ନିଷ୍କର୍ଷରେ ମଣିପୁରର ୬ଟି ପୃଥକ୍ ଘଟଣାରେ ୭ଜଣଙ୍କ ଏନ୍‌କାଉଣ୍ଟର ନକଲି ଥିବା ବିଷୟ ଭାରତ ସରକାର ଅବଗତ ଅଛନ୍ତି କି ନାହିଁ ସେ ପ୍ରଶ୍ନ ଉତ୍‌ଥାପନ କରିଥିଲେ। ଆଉ ଏକ ପ୍ରଶ୍ନ ଥିଲା, ମଣିପୁରରେ ସମସ୍ତ ଏନ୍‌କାଉଣ୍ଟରର ତଦନ୍ତ ପାଇଁ ଜାତୀୟ ମାନବାଧିକାର କମିଶନ ଦାବି କରିଛନ୍ତି କି ନାହିଁ। ସରକାର ଉତ୍ତର ଦେଇଥିଲେ ଯେ, ହେଗ୍‌ଡେ କମିଶନଙ୍କ ନିଷ୍କର୍ଷ ବିଷୟରେ ସରକାର ଅବଗତ ଅଛନ୍ତି, କିନ୍ତୁ ଏନ୍‌ଏଚ୍‌ଆର୍‌ସି ତଦନ୍ତ ଦାବି କରି ନ ଥିବାରୁ ସରକାର ଏହା ଉପରେ କିଛି କରିପାରିଲେ ନାହିଁ। ୨୪ ନଭେମ୍ବର ୨୦୧୨ରେ ପୂର୍ବତନ ବିଚାରପତି ହେଗ୍‌ଡେ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଜେ.ଏମ୍. ଲିଙ୍ଗ୍‌ଡୋ ଏବଂ କର୍ନାଟକର ପୂର୍ବତନ ଡିଜିପି ଅଜୟ କୁମାର ସିଂଙ୍କୁ ନେଇ ସୁପ୍ରିମକୋର୍ଟ ଏକ ୩ ଜଣିଆ କମିଶନ ଗଠନ କରିଥିଲେ। ୧୯୭୯ ରୁ ୨୦୧୨ ମଧ୍ୟରେ ମଣିପୁରରେ ମଣିପୁର ପୋଲିସ ଓ ସୁରକ୍ଷା ବଳ ଦ୍ୱାରା କରାଯାଇଥିବା ୧୫୨୮ ଏନ୍‌କାଉଣ୍ଟର ଉପରେ ଅନୁଧ୍ୟାନ କରିବାର ଦାୟିତ୍ୱ ଏହି କମିଶନ ନେଇଥିଲେ। ଏନ୍‌କାଉଣ୍ଟରରେ ହତ୍ୟା କରାଯାଇଥିବା ପୀଡ଼ିତ ପରିବାର ସଂଘ (ଇଇଭିଏଫ୍‌ଏଏମ୍) ଏକ ପିଟିଶନ ଦାଏର କରିବା ପରେ ସମ୍ପୂର୍ଣ୍ଣ ବିଷୟ ସାମ୍ନାକୁ ଆସିଥିଲା। କମିଶନ ୧୫୨୮ଟି ହତ୍ୟାକାଣ୍ଡରୁ ପ୍ରଥମ ୬ଟିକୁ ତଦନ୍ତ ପରିସରକୁ ନେଇଥିଲା ଏବଂ ୨୦୧୩ ସୁଦ୍ଧା ସମସ୍ତ ଏନ୍‌କାଉଣ୍ଟର ନକଲି ବୋଲି ଜଣାପଡ଼ିଥିଲା। ହତ୍ୟାକାରୀମାନେ ଆର୍ମଡ ଫୋର୍ସେସ୍ ସ୍ପେଶିଆଲ ପାୱାର ଆକ୍ଟ (ଏଏଫ୍‌ଏସ୍‌ପିଏ) ଦ୍ୱାରା ସୁରକ୍ଷିତ ଥିବାରୁ ଅଭିଯୁକ୍ତଙ୍କୁ ହତ୍ୟା କରିଥିଲେ। କେବଳ ଉତ୍ତରପୂର୍ବାଞ୍ଚଳ ଏବଂ କଶ୍ମୀର ନୁହେଁ ଅନ୍ୟ ସ୍ଥାନରେ ବି ଏନ୍‌କାଉଣ୍ଟର ହେଉଛି।

ମଣିପୁର ଏବେ ଅନ୍ୟ କାରଣ ପାଇଁ ପୁଣିଥରେ ବିଶ୍ୱସ୍ତରରେ ଖବର ପାଲଟିଛି। ଏଠାରେ ଏନ୍‌କାଉଣ୍ଟର ହତ୍ୟା ଘଟଣା ଘଟୁଛି, ଯେଉଁଥିରୁ ଆମ ଭଳି ନାଗରିକମାନେ ଦୂରେଇ ରହିଛୁ। ବିଶେଷକରି ମଣିପୁରରେ ଏକ ଭୟଙ୍କର ଘଟଣା ସାମ୍ନାକୁ ଆସିବା ପରେ ପ୍ରଧାନମନ୍ତ୍ରୀ ମୁହଁ ଖୋଲିବାକୁ ବାଧ୍ୟ ହୋଇଛନ୍ତି। ଏ ପ୍ରକାର ହତ୍ୟାର ବାସ୍ତବତା ରହିଛି ବୋଲି ସରକାର ଲୋକ ସଭାରେ ସ୍ୱୀକାର କରିବା ପରେ ଭାରତରେ ବ୍ୟବସ୍ଥାରେ କ'ଣ ଘଟୁଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ଦୁର୍ଭାଗ୍ୟବଶତଃ, ଦେଶରେ ଏନ୍‌କାଉଣ୍ଟର ପୂର୍ବଭଳି ଚାଲିଛି। ସାମାଜିକ ସ୍ତରରେ ଏଭଳି ହତ୍ୟାକାଣ୍ଡ ବିରୋଧରେ ଅଧିକ ନକାରାତ୍ମକ ପ୍ରତିକ୍ରିୟା ପ୍ରକାଶ ପାଉନାହିଁ। ଦେଖାଯାଏ, ସାମାଜିକ ସ୍ତରରେ 'ଭଲ' ଏବଂ 'ଖରାପ' ଲୋକ ଧାରଣା ଥିବାରୁ ଓ ଏହା ଗ୍ରହଣୀୟ ହେଉଥିବାରୁ ଏପରି ପଦ୍ଧତିର ବ୍ୟବହାରକୁ ଅନୁମତି ମିଳୁଛି। ଏନ୍‌କାଉଣ୍ଟର ଘଟଣାଗୁଡ଼ିକ ବି ଗଣମାଧ୍ୟମରେ ପ୍ରକାଶ ପାଇଥାଏ, ଯେଉଁଠାରେ ହତ୍ୟା ପାଇଁ ବ୍ୟବସ୍ଥାକୁ ଦାୟୀ କରିବା ମୁଖ୍ୟ ପ୍ରସଙ୍ଗ ହୁଏ ନାହିଁ କି ଏ ବିଷୟରେ ଦୃଢ଼ ସ୍ୱର ଉଠେନାହିଁ। ନାଗରିକ ସମାଜ ପକ୍ଷରୁ ସେଭଳି ନକାରାତ୍ମକ ପ୍ରତିକ୍ରିୟା ପ୍ରକାଶ ପାଉନାହିଁ। ଏଣୁ ଏହିସବୁ କାରଣରୁ ସରକାର ଯାହା କରୁଛନ୍ତି ତାହା ଆଗକୁ ଜାରି ରଖିବେ। ଏହି ପ୍ରସଙ୍ଗରେ ନ୍ୟାୟପାଳିକା କିଛି ଆଗ୍ରହ ଦେଖାଇଥିଲେ ମଧ୍ୟ ଅତୀତ କିମ୍ବା ଏବକାର ଏନ୍‌କାଉଣ୍ଟର ଘଟଣା ଉପରେ ସରକାରଙ୍କୁ ଦାୟୀ କରିନାହିଁ। ଏଥିରୁ ବୁଝାପଡ଼ିଛି, ଭାରତରେ ଏନ୍‌କାଉଣ୍ଟର ଏକ ସାଧାରଣ ଘଟଣା ହୋଇଯାଇଛି। ଯେ ପର୍ଯ୍ୟନ୍ତ ଏହାକୁ ନେଇ ଅନ୍ୟମାନେ ଚିନ୍ତାପ୍ରକଟ କରିନାହାନ୍ତି, ସେଯାଏ ଏହା ଏକ ସମସ୍ୟା ଭାବେ ବିବେଚିତ ହୋଇପାରିବ ନାହିଁ। ତେବେ ଚଳିତ ମାସରେ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଏଭଳି ଘଟଣା କଥା ଉଠିଛି। ଅନ୍ୟ ଦେଶରେ ଏକ ଏନ୍‌କାଉଣ୍ଟର ଅଭିଯୋଗ ଭାରତ ସରକାରଙ୍କ ବିରୋଧରେ ଆସିଛି। ଏଯାବତ୍ ଏହା ଉପରେ କୌଣସି ପ୍ରମାଣ ସାମ୍ନାକୁ ଆସିନାହିଁ। ତେବେ ସବୁବେଳେ ଆମେ ଯେଭଳି ନିର୍ଦ୍ଦୋଷର ଆଭିମୁଖ୍ୟ ଗ୍ରହଣ କରୁ ଏବେ ସେଭଳି କରିବାକୁ ପଡ଼ିବ ଏବଂ ଆଶା କରିବା, ସବୁ ଅଭିଯୋଗ ଅସତ୍ୟ ହେଉ। କିନ୍ତୁ ଆମ ଦେଶ ଭିତରେ ସ୍ଥିତି କ'ଣ ତାହା ଉପରେ ବିଚାର କରିବା ଦରକାର। ଏହି ସମସ୍ୟା ଏବେ ଦେଶରେ ବୃଦ୍ଧିପାଇଛି ଓ ନିୟମିତ ଦେଖାଯାଉଛି। ଏକ ଔପଚାରିକ ବ୍ୟବସ୍ଥା ଥିବାବେଳେ ସମାନ୍ତରାଳ ଭାବେ ଏକ ଅନୌପଚାରିକ ତଥା ନିଷ୍ଠୁର ନ୍ୟାୟ ବ୍ୟବସ୍ଥା ଚାଲିଛି ଏବଂ ଔପଚାରିକ ଭାବେ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦେବା ତୁଳନାରେ ଏହା ଅଭିଯୁକ୍ତଙ୍କୁ ଅନେକ ଗୁଣ ଅଧିକ ମୃତ୍ୟୁଦଣ୍ଡ ଦେଉଛି। ଗତ ବର୍ଷ ଦି ହିନ୍ଦୁ ଫ୍ରଣ୍ଟଲାଇନ ପତ୍ରିକାର ଏକ ରିପୋର୍ଟରେ ପ୍ରକାଶ ପାଇଥିଲା ଯେ, ୨୦୧୬ରୁ ୨୦୨୨ ମଧ୍ୟରେ ୮୦୦ରୁ ଅଧିକ ଏନ୍‌କାଉଣ୍ଟର ହତ୍ୟା ରେକର୍ଡ କରାଯାଇଛି। ଏହି ସମାନ ଅବଧିରେ ଔପଚାରିକ ଭାବେ ଦୋଷୀ ସାବ୍ୟସ୍ତ ହେବା ପରେ ଫାଶୀ ପାଇଥିବା ଲୋକଙ୍କ ସଂଖ୍ୟା ୫ ଥିଲା।

ଆମକୁ ଆମ କଥା ବୁଝିବା ବା ପାଖରୁ ନିରୀକ୍ଷଣ କରିବା ଲାଗି ବାହ୍ୟ ଚାପକୁ ଗ୍ରହଣ କରାଯିବା ଉଚିତ ନୁହେଁ। କିନ୍ତୁ ଭାରତରେ ବିଷୟଗୁଡ଼ିକ ବହୁ ସମୟରେ ସେହିପରି ଚାଲିଥିବା ମନେହେଉଛି। ମଣିପୁରରେ ମୃତ୍ୟୁଦଣ୍ଡ ଦିଆଯାଇଥିବା ବ୍ୟକ୍ତିଙ୍କ ତାଲିକା ପ୍ରସ୍ତୁତ କରାଯାଇ ମାର୍ଚ୍ଚ ୨୦୧୨ରେ ଭାରତ ଗସ୍ତରେ ଆସିଥିବା ଜାତିସଂଘର ସ୍ୱତନ୍ତ୍ର ରିପୋର୍ଟର ଖ୍ରୀଷ୍ଟୋଫ ହେନ୍ସଙ୍କୁ ଦିଆଯାଇଥିଲା। ଆମକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ଏହାର ଆବଶ୍ୟକତା ଥିଲା କି?

Email:aakar.patel@gmail.com

# ହିଲିୟମ ୩: ଚନ୍ଦ୍ରପୃଷ୍ଠର ସୁନା



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଭାରତୀୟ ମହାକାଶଯାନ ଚନ୍ଦ୍ରୟାନ-୧ ଏବଂ ଚନ୍ଦ୍ରୟାନ-୩ ସଫଳତାର ସହ ଚନ୍ଦ୍ରପୃଷ୍ଠରେ ଲ୍ୟାଣ୍ଡରମାନ ଅବତରଣ କରାଇ ସେଠାର ଭୌଗୋଳିକ ତଥା ଭୂତାତ୍ତ୍ୱିକ ଅନୁସନ୍ଧାନ କରିବା ଫଳରେ ଏହାର ଶିଳା ଏବଂ ମୃତ୍ତିକାରେ ବିବିଧ ଖଣିଜ ସମ୍ପଦ ତଥା ଜଳ ଓ ଅମ୍ଳଜାନ ଇତ୍ୟାଦିର ସନ୍ଧାନ ମିଳିପାରିଛି। ଏଥିପୂର୍ବରୁ ଚାଇନାର ଚିଂଗ୍‌ଇ-୪ (୨୦୧୮) ଏବଂ ଚିଂଗ୍‌ଇ-୫ (୨୦୨୦)ରୁ ଏବଂ ତା' ଆଗରୁ ଆମେରିକାର ମାନବବାହୀ ଆପୋଲୋ ଯାନଗୁଡ଼ିକ (୧୯୬୯ରୁ ୧୯୭୨) ମଧ୍ୟ ତହିଁରୁ ଅନେକଙ୍କ ସମ୍ପର୍କରେ ସୂଚନାମାନ ପ୍ରଦାନ କରିଥିଲେ। ତେବେ ତନ୍ମଧ୍ୟରୁ ଏବେ ସର୍ବାଧିକ ଦୃଷ୍ଟି ଆକର୍ଷଣକାରୀ ପାଲଟିଛି ହିଲିୟମ୍-୩। ଆଗାମୀ ଭବିଷ୍ୟତ ପାଇଁ ଅସରନ୍ତି ଶକ୍ତିର ଉତ୍ସ ରୂପେ ପରିଗଣିତ ଏହି ଉପାଦାନଟିକୁ 'ଚନ୍ଦ୍ରପୃଷ୍ଠର ସୁନା' ରୂପେ ଅଭିହିତ କରାଗଲାଣି।

ହିଲିୟମ୍‌କୁ ମୌଳିକ ପଦାର୍ଥମାନଙ୍କ ତାଲିକା ବା 'ପିରିୟଡିକ୍ ଟେବୁଲ୍'ର ଦ୍ୱିତୀୟ ସ୍ଥାନରେ ସ୍ଥାନିତ କରାଯାଏ, ଠିକ୍ ଉଦ୍‌ଜାନର ପରେ ପରେ। କାରଣ ଏହା ୨ଟି ନିଉଟ୍ରନ୍ ଓ ୨ଟି ପ୍ରୋଟନ୍‌ରେ ଗଢ଼ା ଏବଂ ସେଥିପାଇଁ ଏହାର ପାରମାଣବିକ ରାଶି ୨ ଏବଂ ପାରମାଣବିକ ବସ୍ତୁତ୍ୱ ୪ (ଉଦ୍‌ଜାନର ଏ ଉଭୟ ୧, ଯେହେତୁ ଏହା ଗୋଟିଏ ମାତ୍ର ପ୍ରୋଟନ୍‌ରେ ଗଢ଼ା)। ତେବେ ଏହାର ଅନ୍ୟ ଏକ ୩ ପରମାଣୁ ବସ୍ତୁତ୍ୱ ବିଶିଷ୍ଟ ସୁସ୍ଥିର ସମସ୍ଥାନିକ ରହିଛି। ଏହା ୨ଟି ପ୍ରୋଟନ୍ ଏବଂ ଗୋଟିଏ ନିଉଟ୍ରନ୍‌ରେ ଗଢ଼ା। ସେଥିପାଇଁ ଏହାକୁ ନାମିତ କରାଯାଏ ହିଲିୟମ୍-୩ ରୂପେ। ପ୍ରାକୃତିକ ନମୁନାରେ ଏହା ଅତି ସ୍ୱଳ୍ପମାତ୍ରାରେ ଥାଏ।

ଅଷ୍ଟ୍ରେଲିଆର ନାଭିକୀୟ ପଦାର୍ଥବିଜ୍ଞାନୀ ମାର୍କ ଓଲିଫଣ୍ଟ ୧୯୩୪ ରେ ଏହା (ହିଲିୟମ-୩) ଆବିଷ୍କାର କରିଥିଲେ। ଅଣ-ତେଜସ୍କ୍ରିୟ ହୋଇଥିବାରୁ ଏହାକୁ ଭାରିଉଦ୍‌ଜାନ ବା ଡିଉଟେରିୟମ୍ ସହିତ ସଂଯୋଜନ ରିଆକ୍ଟରରେ ଇନ୍ଧନ ରୂପେ ବ୍ୟବହାର କରିବା ଅଧିକ ନିରାପଦ ହେବ ବୋଲି ମନେକରାଯାଉଛି। ପୁନଶ୍ଚ ଏଥିରୁ ଡିଉଟେରିୟମ୍-ଟ୍ରିଟିୟମ୍ ଇନ୍ଧନ ଭଳି ଉଚ୍ଚଶକ୍ତି ସମ୍ପନ୍ନ ନିଉଟ୍ରନ୍ ମଧ୍ୟ ନିର୍ଗତ ହେବ ନାହିଁ।

ବର୍ତ୍ତମାନ ବ୍ୟବହୃତ ସମସ୍ତ ପରମାଣବିକ ଶକ୍ତି ଉତ୍ପାଦନ କେନ୍ଦ୍ର ନାଭିକୀୟ ବିଭାଜନ ପଦ୍ଧତି ଅନୁସରଣ କରୁଥିବା ରିଆକ୍ଟରମାନ ଉପଯୋଗ କରୁଛନ୍ତି। ଏଥିରୁ ସାଧାରଣତଃ ୟୁରାନିୟମ୍-୨୩୫ର ନାଭିକକୁ ଶକ୍ତିଶାଳୀ ନିଉଟ୍ରନ୍ ସଂଘାତ ଦ୍ୱାରା ବିଭାଜିତ କରି ଶକ୍ତି ଉତ୍ପନ୍ନ କରାଯାଏ। ତେବେ ତହିଁରୁ ନିର୍ଗତ ହୁଏ ତେଜସ୍କ୍ରିୟ ଆବର୍ଜନା, ଯାହାକି ପରିବେଶ ପାଇଁ ବିପଜ୍ଜନକ ଏବଂ ତାହାର ସୁପରିଚାଳନା ମଧ୍ୟ ଦୁଃସାଧ୍ୟ। ଅନ୍ୟପକ୍ଷରେ ଡିଉଟେରିୟମ୍ (ଭାରିଉଦ୍‌ଜାନ) ଏବଂ ଟ୍ରିଟିୟମ୍ (ଅତିଭାରି ଉଦ୍‌ଜାନ)କୁ ଇନ୍ଧନ ରୂପେ ବ୍ୟବହାର କରାଯାଉଥିବା ସଂଯୋଜନ ରିଆକ୍ଟରରେ ଏହି ପରମାଣୁମାନଙ୍କ ନାଭିକଗୁଡ଼ିକର ସଂଯୋଜନ ପାଇଁ ପ୍ରାୟ ୧୫୦ ନିୟୁତ କେଲଭିନ୍ ତାପମାତ୍ରା ଆବଶ୍ୟକ ହୁଏ ଏବଂ ଏଥିରୁ ହିଲିୟମ ସହିତ ଉଚ୍ଚ ଶକ୍ତିସମ୍ପନ୍ନ ନିଉଟ୍ରନ୍ ମଧ୍ୟ ନିର୍ଗତ ହୁଏ, ଯାହାକି ଏ ବ୍ୟବସ୍ଥାର ପ୍ରାଚୀରରେ ଆଘାତ ଦେଇ ତାହାକୁ କ୍ଷତି ପହଞ୍ଚାଏ। ତେବେ ଏ ପ୍ରକାର ରିଆକ୍ଟର ଆଜିସୁଦ୍ଧା ବ୍ୟବସାୟିକ ଭିତ୍ତିରେ ଶକ୍ତି ଉତ୍ପାଦନ ଲାଗି ବ୍ୟବହୃତ ହୋଇ ପାରିନାହିଁ। ଆଗାମୀ ୨୦୩୦ରୁ ୨୦୫୦ ମଧ୍ୟରେ ତାହା ସମ୍ଭବ ହୋଇପାରେ ବୋଲି ମନେକରାଯାଏ।

ଅନ୍ୟପକ୍ଷରେ ସଂଯୋଜନ ରିଆକ୍ଟରରେ ହିଲିୟମ-୩କୁ ଇନ୍ଧନ ରୂପେ ବ୍ୟବହାର କଲେ ତହିଁରୁ ଉଚ୍ଚଶକ୍ତି ସମ୍ପନ୍ନ ନିଉଟ୍ରନ ବଦଳରେ ପ୍ରୋଟନ ନିର୍ଗତ ହେବ। ଏଥିରେ ଯୁକ୍ତାତ୍ମକ ଚାର୍ଜ ଥିବାରୁ ଏହାକୁ ବୈଦ୍ୟୁତିକ ବା ଚୁମ୍ବକୀୟ କ୍ଷେତ୍ରରେ ଧରି ରଖିହେବ। ଅତଏବ ତାହା ରିଆକ୍ଟର ବ୍ୟବସ୍ଥାକୁ ଆଘାତ ଦେବ ନାହିଁ। ତେବେ ଏହି ସଂଯୋଜନ ପ୍ରକ୍ରିୟା ଆରମ୍ଭ ପାଇଁ ଆବଶ୍ୟକ ହେବ ଅନେକ ଗୁଣ ଅଧିକ ତାପ ଏବଂ ଅନେକ ଗୁଣ ବୃହତ୍ତର ରିଆକ୍ଟର, ଯାହାକି ଖର୍ଚ୍ଚବହୁଳ। ତଥାପି ଆଶା କରାଯାଏ, ନୂତନ ପ୍ରଯୁକ୍ତିବିଦ୍ୟାର ବିକାଶ ଏ ସମସ୍ୟାକୁ ଦୂର କରିପାରିବ। ପୁନଶ୍ଚ ହିଲିୟମ-୩ର ରହିଛି ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ବ୍ୟବହାର। ଏହାକୁ ବିବିଧ ବୈଜ୍ଞାନିକ ଅଧ୍ୟୟନ, ଗବେଷଣା ଓ ପ୍ରଯୁକ୍ତିବିଦ୍ୟାରେ ନିୟୋଜିତ କରାଯାଇପାରିବ।

ପୃଥିବୀପୃଷ୍ଠରେ ପ୍ରାକୃତିକ ଭାବେ ମିଳୁଥିବା ହିଲିୟମ-୩ର ମାତ୍ରା ମାତ୍ର ୦.୦୦୦୧୩ ଶତାଂଶ (ସମୁଦାୟ ୨୫ କିଲୋଗ୍ରାମରୁ କମ୍)। ଟ୍ରିଟିୟମ୍‌ର ବିଘଟନରୁ ତାହା କିଂଚିତ୍ ପରିମାଣରେ ମଧ୍ୟ ସୃଷ୍ଟି ହୁଏ, ଯାହାକି ଯଥେଷ୍ଟ ନୁହେଁ। ଅନ୍ୟପକ୍ଷରେ,



ଚନ୍ଦ୍ରପୃଷ୍ଠ ଏଥିରେ ବେଶ୍ ସମୃଦ୍ଧ। ଚନ୍ଦ୍ରରୁ ଏହାର ଖନନ କରିବାର ଚିନ୍ତାଧାରା ପ୍ରଥମେ ଏକ ନିର୍ଦ୍ଦିଷ୍ଟ ରୂପ ନେଇଥିଲା ୧୯୮୬ରେ; ଯେତେବେଳେ ମେଡିସନ୍‌ସ୍ଥିତ ଉଇଲକିନ୍‌ସନ୍ ବିଶ୍ୱବିଦ୍ୟାଳୟର ଜେରାଲଡ୍ କୁଲିସିନ୍‌ସ୍କି ତାହା ସେଠାରୁ ଆଣି ସଂଯୋଜକ ରିଆକ୍ଟରରେ ପରୀକ୍ଷାମୂଳକ ଭାବେ ବ୍ୟବହାର କରିବାର ପ୍ରସ୍ତାବ ରଖିଥିଲେ। ତେବେ ଏଥିପାଇଁ ପ୍ରତିଯୋଗିତା ଆରମ୍ଭ ହେଲା ଚାଇନାର ୨୦୦୭ ମସିହା ଚନ୍ଦ୍ର ଅଭିଯାନ ପରେ। ସେଥିପୂର୍ବରୁ ଆମେରିକା, ରୁଷିଆ ଏବଂ ଭାରତ ଭଳି ଅନ୍ୟସବୁ ଚନ୍ଦ୍ର ବିଜୟୀ ଦେଶ ସେଠାରେ ଜଳ ଓ ଅମ୍ଳଜାନର ସଂଧାନ ଏବଂ ସେଠାର ବାସୋପଯୋଗିତା ଉପରେ ଅଧ୍ୟୟନକୁ ଗୁରୁତ୍ୱ ଦେବାକୁ ଲାଗିଲେ। ବିଶେଷକରି, ଚାଇନାର ଚିଂଗ୍‌ଇ ମିଶନ୍ ଅବତରଣ କଲାପରେ ଏ ପ୍ରତିଯୋଗିତା ତୀବ୍ରତର ହେଲା। ତତ୍ପରେ ଚିଂଗ୍‌ଇ-୪ ଏବଂ ଚିଂଗ୍‌ଇ-୫ ମିଶନଗୁଡ଼ିକ ସେଠାର ଭୂ-ତାତ୍ତ୍ୱିକ ସଂରଚନା ତଥା ଶିଳା ଓ ମୃତ୍ତିକାର ରାସାୟନିକ ଉପାଦାନ ଆଦି ବିଶ୍ଳେଷଣ କରିବା ଫଳରେ ହିଲିୟମ-୩ର ପରିମାଣ ଆପାତତଃ ସ୍ଥିର ହୋଇପାରିଲା। ଇତିମଧ୍ୟରେ 'ଲୁନାର୍ ଏକ୍ସପ୍ଲୋରେସନ୍ ପ୍ରୋଗ୍ରାମ୍'ର ଦାୟିତ୍ୱରେ ଥିବା ଖଗୋଳ- ରସାୟନ ବିଜ୍ଞାନୀ ଓୟୁୟାଂଗ ଜିୟୁଆନ୍ ସୂଚିତ କରିସାରିଲେଣି ଯେ, ଏଣିକି ତାଙ୍କ ଦେଶର ଚନ୍ଦ୍ର ଅଭିଯାନଗୁଡ଼ିକର ଅନ୍ୟତମ ପ୍ରଧାନ ଲକ୍ଷ୍ୟ ହେବ ସେଠାରେ ହିଲିୟମ-୩ ଖନନ ଲାଗି ପ୍ରସ୍ତୁତି। କେତେକଙ୍କ ମତରେ ପ୍ରଥମ ଭାରତୀୟ ଚନ୍ଦ୍ର ଅବତରଣ ପ୍ରୋବ୍ସ (ଚନ୍ଦ୍ରୟାନ-୧)ର ମଧ୍ୟ ଏହା ଅନ୍ୟତମ ଆଭିମୁଖ୍ୟ ଥିଲା।

ବାସ୍ତବରେ ଚାଇନାର ଚନ୍ଦ୍ର ଅଭିଯାନ କାଳରେ ସେଠାରୁ କିଛି ହିଲିୟମ-୩ ସ୍ଫଟିକ ସଂଗ୍ରହ କରାଯାଇଥିଲା ବୋଲି କୁହାଯାଏ। ଚନ୍ଦ୍ରର ଅନ୍ଧକାରମୟ ପାର୍ଶ୍ୱ ଅତ୍ୟଧିକ ଶୀତଳ ହୋଇଥିବାରୁ ସେଠାରେ ଏହା ଏହି ଅବସ୍ଥାରେ ଥାଏ। ପୁନଶ୍ଚ ଏବେ ଶୁଣାଯାଉଛି ଯେ, ଚାଇନା ପୃଥିବୀର ଏକ ଉଚ୍ଚତର କକ୍ଷରେ ହିଲିୟମ-୩ ଚାଳିତ ସଂଯୋଜନ ଶକ୍ତି ଉତ୍ପାଦନ କେନ୍ଦ୍ର ସ୍ଥାପନ କରି ସେଠାରୁ ତାହା ତାଙ୍କ ଦେଶକୁ ପ୍ରେରଣ କରିବାର ଏବଂ ପୃଥିବୀପୃଷ୍ଠରେ ସ୍ଥାପିତ କିଛି ଆଣ୍ଟେନା ଦ୍ୱାରା ତାହା ସଂଗ୍ରହ କରିବାର ଯୋଜନା କରୁଛି। ଅବଶ୍ୟ ଏହାର ସଫଳତା ଏକ ଦୃଶ୍ୟମାନ ନିକଟ ଭବିଷ୍ୟତରେ ସମ୍ଭବ ମନେ ହେଉନାହିଁ। ତେବେ ଥରେ ତାହା ଆରମ୍ଭ ହୋଇଗଲେ ଚନ୍ଦ୍ରପୃଷ୍ଠରୁ ଥରକେ ୧୨ଟନ୍ ପର୍ଯ୍ୟନ୍ତ ହିଲିୟମ୍-୩ ଅଣାଯାଇପାରିବ, ଯାହାକି ବର୍ଷକ ପାଇଁ ତାଙ୍କ ଦେଶର ଶକ୍ତି ଆବଶ୍ୟକତା ପୂରଣ କରିପାରିବ (ଭାରତର ୪ ବର୍ଷର)। ସେକଥାପାଇଁ ଚନ୍ଦ୍ରପୃଷ୍ଠରେ ଗଚ୍ଛିତ ଏହି 'ସୁନା' ଉପରେ ଆଧିପତ୍ୟ ବିସ୍ତାର କରିବା ଲାଗି ଏବେ ଆରମ୍ଭ ହେବାକୁ ଯାଉଛି ଆଉ ଏକ 'ଶୀତଳଯୁଦ୍ଧ'। ଏହା ଯଦି ସଫଳ ହୁଏ, ତା'ହେଲେ ଚନ୍ଦ୍ରରେ ଗଚ୍ଛିତ ହିଲିୟମ-୩ ଆଗାମୀ ପ୍ରାୟ ୧୦ ହଜାର ବର୍ଷ ଲାଗି ପୃଥିବୀର ସମସ୍ତ ଶକ୍ତି ଆବଶ୍ୟକତା ପୂରଣ କରିବାକୁ ସମର୍ଥ ହେବ ବୋଲି ମନେ କରାଯାଉଛି। ଅତଏବ ତାହା ପାଲଟିଯିବ ସୁନାଠାରୁ ଅଧିକ ବାଞ୍ଛିତ ଏବଂ ଉପଯୋଗୀ।

ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

# ୱେଷ୍ଟର୍ନ ଲେନ୍ ରଚୟିତା

ବ୍ୟକ୍ତିତ୍ୱ



ଚେତନା ମାରୋ

ପ୍ରଥମ ଉପନ୍ୟାସ ଯଦି ଅନ୍ତର୍ଜାତୀୟ ସ୍ତରର ପ୍ରଶଂସା ପାଏ, ତାହାଠାରୁ ବଡ଼ ପୁରସ୍କାର ଆଉ କିଛି ହୋଇ ନ ପାରେ। ତଥାପି ତାଙ୍କ ପାଇଁ ଚୂଡ଼ାନ୍ତ ସମ୍ମାନ ଅପେକ୍ଷା କରିଥିବାରୁ ସେ ଅତ୍ୟନ୍ତ ଖୁସି ଅଛନ୍ତି। ବୁକର ପୁରସ୍କାର ୨୦୨୩ ପାଇଁ ସଂକ୍ଷିପ୍ତ ଚୟନ ପୁରସ୍କାର ତାଲିକାରେ ଯେଉଁ ଲେଖକଙ୍କ ନାମ ସ୍ଥାନ ପାଇଥାଏ, ସେମାନଙ୍କ ପୁସ୍ତକ 'ନିଶ୍ଚିତ ସୁଖପାଠ୍ୟ' ସ୍ତରରେ ପହଞ୍ଚିଥାଏ ବୋଲି ବିଚାର କରାଯାଏ। କେନିଆ ଜନ୍ମିତ ଭରତୀୟ ମୂଳବସିନ୍ଦା ଚେତନା ମାରୋ ବ୍ରିଟିଶରେ ବାସ କରୁଛନ୍ତି। ପ୍ରଥମ ଉପନ୍ୟାସ 'ୱେଷ୍ଟର୍ନ ଲେନ୍' ବୁକର ପୁରସ୍କାର ସଂକ୍ଷିପ୍ତ ଚୟନ ତାଲିକାରେ ରହିବା ପରେ ତାଙ୍କ ପରିଚୟ ଓ ପୁସ୍ତକ ବିଷୟରେ ଜାଣିବା ଲାଗି ସାହିତ୍ୟପ୍ରେମୀଙ୍କ ମଧ୍ୟରେ ଆଗ୍ରହ ରହିବା ସ୍ୱାଭାବିକ।

ବୃତ୍ତିରେ ଚେତନା ଥିଲେ ଆକାଉଣ୍ଟାଣ୍ଟ। ବିଭିନ୍ନ ପତ୍ରପତ୍ରିକାରେ କାଳ୍ପନିକ ଗଳ୍ପ ଲେଖି ନିଜର ଏକ ପାଠକୀୟ ବଳୟ ସୃଷ୍ଟି କରିଥିଲେ। ପ୍ରଶଂସା ମିଳିବାରୁ ଭାବିଲେ ଚାକିରି ଜୀବନ ଲେଖାରେ ବାଧା ସୃଷ୍ଟି କରୁଛି। ଛାଡ଼ିଲେ ଚାକିରି, ମନୋନିବେଶ କଲେ ପୂର୍ଣ୍ଣକାଳୀନ ଲେଖାରେ। ସେହି ଜିଦି ତାଙ୍କୁ 'ୱେଷ୍ଟର୍ନ ଲେନ୍' ସୃଷ୍ଟି କରିବା ଲାଗି ବଳ ଦେଇଥିଲା। କେଉଁଭଳି ଉପନ୍ୟାସ ଲେଖିଲେ ସେ ଅନ୍ୟମାନଙ୍କଠାରୁ ଭିନ୍ନ ହୋଇ ସାହିତ୍ୟ ପରିମଣ୍ଡଳରେ ଦୃଶ୍ୟମାନ ହେବେ, ଭାବୁ ଭାବୁ ଆଖିକୁ ଆସିଲା 'ସ୍କ୍ୱାଶ୍'। ଏହି କ୍ରୀଡ଼ାକୁ ନେଇ ଉପନ୍ୟାସ ଲେଖିବା ସମ୍ଭବତଃ କେହି ଭାବିପାରୁ ନ ଥିବା ବେଳେ ଚେତନା କିନ୍ତୁ ପାଇଥିଲେ ପ୍ଲଟ। ତିନି ବର୍ଷ ଲେଖିବା ପରେ ୨୦୨୩ ଫେବୃୟାରୀରେ 'ୱେଷ୍ଟର୍ନ ଲେନ୍' ପ୍ରକାଶ ପାଇଲା ଓ ବୁକର ଜୁରିଙ୍କ ମନକୁ ପାଇଗଲା। କାହାଣୀ ୧୧ ବର୍ଷୀୟା ଝିଅ 'ଗୋପୀ' ଉପରେ ଆଧାରିତ। ରାକେଟ ଧରିବା ବୟସ ହେବା ପରେ ଗୋପୀ ସ୍କ୍ୱାଶ ଖେଳିଥିଲା। ଯେତେବେଳେ ତା' ମା'ର ମୃତ୍ୟୁ ଘଟିଲା ପିତା କଠୋର ପ୍ରଶିକ୍ଷଣ ମିଳୁଥିବା ଏକ କେନ୍ଦ୍ରରେ ନାମ ପଞ୍ଜୀକରଣ କରିଦେଲେ। ତା'ର ଅନ୍ୟ ଦୁଇ ଭଉଣୀ ହେଲେ 'ଖୁଶ୍' ଓ 'ମୋନା'। ମୋନା ୧୫ ବର୍ଷର ହୋଇଥିବା ବେଳେ ଖୁଶ୍ ୧୩ ବର୍ଷର। ମା'ଙ୍କ ପରଲୋକରେ ପରିବାର ମ୍ରିୟମାଣ ଥିବା ବେଳେ ଗୋପୀ ଦୁଃଖ ଭୁଲିବାକୁ ଯାଇ 'ସ୍କ୍ୱାଶ'କୁ ତା' ଜୀବନର ପୃଥିବୀ ବୋଲି ଧରି ନେଇଛି। କୋର୍ଟରେ ସେ ବାପାଙ୍କ ସହିତ ଥିବା ବେଳେ ୧୩ ବର୍ଷର ବାଳକ ଜେଡ୍‌କୁ ଦେଖିବାକୁ ପାଉଛି। ଜେଡ୍ ସେହି ଖେଳରେ ଜଣେ ଦୁର୍ଜୟ। ହେଲେ ସେଠାରେ ଯୋଗଦେବା ପୂର୍ବରୁ ଯେତେ କିଶୋରୀ କିଶୋର ଖେଳୁଥିଲେ ସେମାନଙ୍କ ଭିତରେ ଗୋପୀ ନିଜକୁ ବିସ୍ମୟ ସ୍ତରରେ ନେଇ ପହଞ୍ଚାଇ ଦେଉଛି। ଘର କଥା ଭାବିଲା ବେଳେ ମଝିଆ ଭଉଣୀ ଖୁଶ୍ କିଭଳି ମା'ଙ୍କ ବିୟୋଗ ପରେ ତାଙ୍କୁ ଝୁରି ହେଉଛି ତାହା ଗୋପୀ ଅନୁଭବ କରୁଥିଲା। ସନ୍ଧ୍ୟା ଆସିଲେ ଖୁଶ୍ ତାକୁ ଗୁଜରାଟୀ ଭାଷାରେ ଗପ କହୁଛି। ବଡ଼ ଭଉଣୀ ପରିବାର କିଭଳି ଚଳିବ ଓ ଆଗକୁ ବଢ଼ିପାରିବ, ସେଥିଲାଗି କାମରେ ବ୍ୟସ୍ତ। ପିତା 'ପା' ଜଣେ ଶାନ୍ତ ମଣିଷ। ସ୍ତ୍ରୀ ଚାଲିଯିବା ପରେ ସେ ବିରହିତ ଅବସ୍ଥାରେ ରହୁଛନ୍ତି। ତେବେ ସବୁ ଦୁଃଖକୁ ଭୁଲି ପିଲାଙ୍କ ସହ ସମୟ କାଟୁଛନ୍ତି। ପିଲାଟି ବେଳୁ ପିତା ତାଙ୍କ ସବୁ ପିଲାଙ୍କୁ ସ୍କ୍ୱାଶ ଖେଳାଇ ଆସିଛନ୍ତି। ହେଲେ ସାନ ଝିଅ ଖେଳ ଭିତରେ ଏଭଳି ମଜି ରହିବା ସହ ଅନ୍ୟମାନଙ୍କୁ ସ୍କ୍ୱାଶ ଭିତରେ ବୁଡ଼ାଇ ରଖିଛନ୍ତି ଯେ ପରିବାର ମ୍ରିୟମାଣ ଅବସ୍ଥାରୁ ଉପରକୁ ଉଠି ଆସୁଛନ୍ତି।

ଗୋଟେ ଖେଳକୁ ଉପନ୍ୟାସର ଚରିତ୍ରରେ କେନ୍ଦ୍ରିଭୂତ କରି ୧୧ ବର୍ଷ ଝିଅକୁ ସେଥିରେ ନିମଜ୍ଜିତ କରି କାହାଣୀକୁ ଚେତନା ଯେଉଁଭଳି ଆଗକୁ ନେଇପାରିଛନ୍ତି, ତାହା ବିଚାରକମଣ୍ଡଳୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। କ୍ରୀଡ଼ା ଦୁଃଖ ଯନ୍ତ୍ରଣାରେ ଥିବା ଏକ ପରିବାର ପାଇଁ ବଞ୍ଚିବାର ମଲମ ପାଲଟିଯାଇଛି। ତାହା ଔପନ୍ୟାସିକା 'ୱେଷ୍ଟର୍ନ ଲେନ୍'ରେ ଦେଖାଇବାକୁ ଚାହିଁଛନ୍ତି। ପିଲାମାନଙ୍କ ଦୁଃଖ ଓ ଅଭାବବୋଧକୁ ହ୍ରାସ କରିବା ଲାଗି ସେମାନଙ୍କ ମାଇଁ ଓ ମାମୁ ଆସିଯାଉଛନ୍ତି। ଝିଅମାନଙ୍କୁ ବଢ଼ାଇବାର ଦାୟିତ୍ୱ ନେଉଥିବା ଦେଖାଯାଉଛି। ଜୀବନରେ ସଂଘର୍ଷକୁ ସାମ୍ନା କରିବା ଲାଗି ଧୈର୍ଯ୍ୟର ଆବଶ୍ୟକତା ରହିଥାଏ ବୋଲି ଗୋପୀ ଜଣାଇଦେଇଛି। ସେଥିପାଇଁ ଖେଳରେ ମଗ୍ନ ହୋଇ ସଫଳତା ପାଉଛି। ଅର୍ଥାତ୍ ବିଷାଦକୁ ଚିପୁଡ଼ି(ସ୍କ୍ୱାଶ- ସାହିତ୍ୟିକ ଅଭିବ୍ୟକ୍ତି ଅର୍ଥରେ ବ୍ୟବହାର) ପିଇଦେବା ପରେ ଜୀବନ ଜିଇବାର ରାହା ପାଉଥିବା ପରିବାରକୁ ଚେତନା ଉପନ୍ୟାସରେ ଏଭଳି ସନ୍ତୁଳିତ ଭାବେ ବ୍ୟାଖ୍ୟାନ କରିଛନ୍ତି ଯେ, ପ୍ରତ୍ୟେକ ପାଠକଙ୍କୁ ଜାବୁଡ଼ି ଧରିବା ଲାଗି ଜବରଦସ୍ତ ପ୍ଲଟ ସେଥିରେ ଭରି ରହିଛି।

ସାହିତ୍ୟିକ ସ୍ୱୀକୃତି ଭାବେ ଚେତନା କାଳ୍ପନିକ ଗଳ୍ପ ଲେଖି ୨୦୨୨ରେ ପ୍ଲିମ୍ପଟନ ପୁରସ୍କାର ପାଇଥିଲେ। ହେଲେ ବୁକର ପୁରସ୍କାର ସଂକ୍ଷିପ୍ତ ତାଲିକାରୁ ଉନ୍ନୀତ ହୋଇ ଆସନ୍ତା ନଭେମ୍ବରରେ ଘୋଷଣା ହେବାକୁଥିବା ଚୂଡ଼ାନ୍ତ ପୁରସ୍କାରରେ ଯଦି ତାଙ୍କ ନାମ ସ୍ଥାନ ପାଏ, ସେ ଇତିହାସ ରଚିବେ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ସମସ୍ତେ ଜାଣନ୍ତି, ଶୋଇବା କିମ୍ବା ଆରାମ ଲାଗି ଖଟିଆ ବ୍ୟବହାର ହୁଏ। କିନ୍ତୁ ଖଟିଆକୁ ଏକ କାର୍ କରାଯାଇଥିବା କଥା ଶୁଣିଛନ୍ତି କି। ମଧ୍ୟପ୍ରଦେଶ ଅଶୋକନଗର ଜିଲାର ଯୁବକ ପଓ୍ୱନ ଓଝା ଏମିତିକା ଏକ କାର୍ ନିର୍ମାଣ କରିଛନ୍ତି। ଏହାର ନାମ ରଖିଛନ୍ତି ଖଟିଆ କାର୍। ଏହି କାର୍ ଚଳାଇବା ପାଇଁ ପେଟ୍ରୋଲ କି ଡିଜେଲ ଦରକାର ହେଉନି। ଏହା କେବଳ ବିଦ୍ୟୁତ୍ ଏବଂ ସୌରଶକ୍ତିରେ ଚାଲୁଛି, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅଶୋକନଗର ଜିଲା ସେମାରକେଡି ଗ୍ରାମରେ ରୁହନ୍ତି ୨୧ ବର୍ଷୀୟ ପଓ୍ୱନ। ସେ ଏକ ଗାଡ଼ିର ଇଞ୍ଜିନ ଓ ଅନ୍ୟାନ୍ୟ ଜିନିଷ ସଂଗ୍ରହ କରି ସେସବୁକୁ ଖଟିଆରେ ଖଞ୍ଜି ଦେଢ଼ମାସ ମଧ୍ୟରେ ତାହାକୁ ଏକ କାର୍‌ରେ ପରିଣତ କରିଦେଲେ। ମାତ୍ର ୨୫ରୁ ୩୦ ହଜାର ଟଙ୍କାରେ ଏହି କାର୍ ନିର୍ମାଣ ହୋଇଛି। ସେଥିରେ ପ୍ରଥମେ ବ୍ୟାଟେରି ଚାର୍ଜିଂ ସିଷ୍ଟମ ଥିଲା, କିନ୍ତୁ ଏବେ ଖଟିଆ କାର୍‌ରେ ସୌରପ୍ଲେଟ୍ ଲଗାଇଛନ୍ତି। ପଓ୍ୱନ କୁହନ୍ତି, ଖଟିଆ କାର୍ ୩ ଘଣ୍ଟା ଚାର୍ଜ କଲେ ୬୦ କିଲୋମିଟର ପର୍ଯ୍ୟନ୍ତ ଯାଇପାରିବ। ଏହି ଯାନର ଗତି ଘଣ୍ଟା ପ୍ରତି ୫୦ କିଲୋମିଟର। ପଓ୍ୱନଙ୍କ କହିବା ଅନୁଯାୟୀ, ୪ରୁ ପାଞ୍ଚଜଣ ଏହି ଖଟିଆ କାର୍‌ରେ ସହଜରେ ଯାତ୍ରା କରିପାରିବେ। ଏହା ବ୍ୟତୀତ ଏହି ଗାଡ଼ିର ୩ରୁ ୪ କୁଇଣ୍ଟାଲ ଓଜନ ବୋହିବାର କ୍ଷମତା ଅଛି। ଖଟିଆ କାର୍‌କୁ ଆକର୍ଷଣୀୟ କରିବା ପାଇଁ ଏହାକୁ ରଙ୍ଗିନ ଆଲୋକରେ ସଜାଯାଇଛି। ଏହାସହିତ ଏଥିରେ ମ୍ୟାଜିକ୍ ବ୍ୟବସ୍ଥା ମଧ୍ୟ ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ସେପ୍ଟେମ୍ବର ୧୯୯୮

- ଉତ୍ତରାଞ୍ଚଳ ରାଜ୍ୟ ଗଠନ ସମ୍ପର୍କରେ ରାଷ୍ଟ୍ରପତି କେ.ଆର୍. ନାରାୟଣନ୍ ପଠାଇଥିବା ଉତ୍ତରପ୍ରଦେଶ ପୁନର୍ଗଠନ ବିଲ୍‌ରେ ସଂଶୋଧନ ସଂକ୍ରାନ୍ତ ଏକ ପ୍ରସ୍ତାବ ଉତ୍ତରପ୍ରଦେଶ ବିଧାନସଭାରେ ଗୃହୀତ।
- ରାଷ୍ଟ୍ରୀୟ ଜନତା ଦଳ ବିହାର ଶାଖାର ଉପ-ସଭାପତି କରମଚାନ୍ଦ ଭଗତଙ୍କ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ।

## ଚିରନ୍ତନୀ

ଡାକି ଉଠେ ଶମଶାନେ
ପିଶାଚ ଶକୁନି କରି ରଡ଼ି
ମହାତମସାର କୋଳେ
ମୋର ମହାଦୀପ ଉଠେ ଜଳି।
(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | | | | 5 |
| | | | 1 | | 4 | | 3 | |
| 6 | 5 | | | 2 | | | 4 | 9 |
| 2 | 1 | | | | 7 | 9 | | |
| | | 9 | | | | | | 4 |
| 4 | 6 | | | | | 8 | 1 | |
| | 8 | | 4 | | 9 | | | 3 |
| | | | | | | 4 | 6 | |
| | | | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 1 | 3 | 9 | 5 | 8 | 6 | 2 |
| 9 | 8 | 5 | 2 | 7 | 6 | 1 | 3 | 4 |
| 6 | 3 | 2 | 8 | 1 | 4 | 9 | 7 | 5 |
| 1 | 2 | 7 | 4 | 5 | 9 | 3 | 8 | 6 |
| 8 | 5 | 9 | 1 | 6 | 3 | 4 | 2 | 7 |
| 3 | 6 | 4 | 7 | 8 | 2 | 5 | 9 | 1 |
| 2 | 1 | 6 | 5 | 3 | 8 | 7 | 4 | 9 |
| 5 | 9 | 8 | 6 | 4 | 7 | 2 | 1 | 3 |
| 7 | 4 | 3 | 9 | 2 | 1 | 6 | 5 | 8 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଶାନ୍ତି ବିହାରକୁ ସ୍ୱେରେଜ ସଂଯୋଗ କେବେ

ମହାଶୟ,

ପ୍ରାୟତଃ ୨୫ ବର୍ଷ ତଳୁ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ଏକ ନମ୍ବର ୱାର୍ଡ ପଟିଆ ଅଞ୍ଚଳରେ ସ୍ୱଳ୍ପ ଆୟକାରୀ ବର୍ଗର ଲୋକଙ୍କ ପାଇଁ ୯୩୭ ସଂଖ୍ୟକ ଗୃହ ବିଶିଷ୍ଟ ପ୍ରଶାନ୍ତି ବିହାର ଆବାସିକ କଲୋନୀ ପ୍ରତିଷ୍ଠା କରାଯାଇଥିଲା। ୧୯୯୭-୯୮ ବେଳକୁ ଏଠାରେ ଜଳ ଯୋଗାଣ କିମ୍ବା ସ୍ୱେରେଜ ବ୍ୟବସ୍ଥା ନ ଥାଇ କେତେକ ଉପଭୋକ୍ତା ପରିବାର ସହ ବାସ କରୁଛନ୍ତି। ସେତେବେଳର ପରିବହନ ମନ୍ତ୍ରୀ ଓ ହାଉସିଂ ବୋର୍ଡ ଅଧ୍ୟକ୍ଷଙ୍କ କରକମଳରେ ପ୍ରଶାନ୍ତି ବିହାର କଲୋନୀ ଉଦ୍‌ଘାଟିତ ହୋଇଥିଲା। ଏହି ସମୟରେ ଜବରଦଖଲ ମୁକ୍ତ ୮୦ ଫୁଟ ପ୍ରଶସ୍ତ ବିଶିଷ୍ଟ ମୁଖ୍ୟ ପ୍ରବେଶ ପଥ ନିର୍ମାଣ ସହିତ ଶୁଦ୍ଧ ପାନୀୟ ଜଳ ଯୋଗାଣ, ସ୍ୱେରେଜ, ନିତ୍ୟ ବ୍ୟବହାର୍ଯ୍ୟ ବର୍ଜ୍ୟଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ଲାଗି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରାୟ ୨୫ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣ, ସ୍ୱେରେଜ କିମ୍ବା ଡ୍ରେନେଜ ବ୍ୟବସ୍ଥା କରାଯାଇ ନାହିଁ। ବିଭାଗୀୟ କର୍ତ୍ତୃପକ୍ଷ, ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଏବଂ ମହାନଗର ନିଗମ ଏହି କଲୋନୀ ବାସିନ୍ଦାଙ୍କ ପାଇଁ ପାନୀୟ ଜଳ ଯୋଗାଣ, ସ୍ୱେରେଜ ଓ ଡ୍ରେନେଜ ଆଦି ବ୍ୟବସ୍ଥା କେବେ ସମ୍ପନ୍ନ କରିବେ?

– ଅବନୀ ଚନ୍ଦ୍ର ଦାସ, ପ୍ରଶାନ୍ତି ବିହାର, ଭୁବନେଶର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସମିତିସଭ୍ୟ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ବନ୍ତ,(ହରିନାରାୟଣ ମହାନ୍ତି): ବନ୍ତ ବ୍ଲକ ସମିତିସଭ୍ୟ ସଂଘ ପକ୍ଷରୁ ବିଧାୟକଙ୍କ ଉଦ୍ଦେଶ୍ୟରେ ବିଡିଓ ପ୍ରଦୀପ କୁମାର ସେଠୀଙ୍କୁ ୧୨ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ବନ୍ତ ବ୍ଲକ ଅଧକ୍ଷ ତଥା ଗୋପୀନାଥପୁର ସମିତିସଭ୍ୟ ମନୋରଞ୍ଜନ ଘଡ଼େଇ, ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, ମହାନ୍ତିପଡ଼ାର ନିର୍ମଳ ନାୟକ, ଛୟାଳସିଂ ସମିତିସଭ୍ୟା ନିରୁପମା ରାଉତ, ଓଡ଼ଙ୍ଗର ରଜନୀ ଜେନା, ନିଳୋକ ସମିତିସଭ୍ୟ ଉଦ୍ଧବ ସେଠୀଙ୍କ ସମେତ ୨୫ ପଞ୍ଚାୟତର ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ଭଦ୍ରକ

- ବଡ଼ ସରକାର ବାବାଙ୍କ ୯ମ ବାର୍ଷିକ ଫାତେହା ସମାରୋହ, ସ୍ଥାନ: ଖାନ୍‌କାହା, ବାଇପାସ୍ ରୋଡ୍, ସମୟ: ସକାଳ ୮ଟା।

## ବିଡିଓଙ୍କୁ ଭେଟିଲା ବ୍ଲକ ଖବରଦାତା ସଂଘ

ବେତନଟୀ, ୨୩।୯ (ଧରଣୀଧର ମହାନ୍ତି)-ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଖବରଦାତା ସଂଘର ସଦସ୍ୟମାନେ ନୂତନ ବିଡିଓ ନିର୍ଲିପ୍ତା ମହାନ୍ତିଙ୍କୁ ବ୍ଲକ କାର୍ଯ୍ୟାଳୟରେ ଭେଟିଛନ୍ତି। ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ବ୍ଲକ କାର୍ଯ୍ୟାଳୟ ଓ ଖବରଦାତା ସଂଘ ମଧ୍ୟରେ ସହଯୋଗ ଓ ସମନ୍ୱୟ ରଖାଯିବା ପାଇଁ ଆଲୋଚନା ହୋଇଥିଲା। ବେତନଟୀ ଅଞ୍ଚଳର କେତେକ ମୁଖ୍ୟ ସମସ୍ୟା କିଭଳି ସମାଧାନ ହେବ, ସେ ବିଷୟରେ ଖବରଦାତାମାନେ ବିଡିଓଙ୍କ ଦୃଷ୍ଟିକୁ ଆଣିଥିଲେ। ଖବର ପ୍ରସାରଣ ସମୟରେ ପକ୍ଷପାତ କରା ନ ଯାଇ ନିରପେକ୍ଷ ଖବର ପାଇଁ ଖବରଦାତା ଏବଂ ବିଡିଓଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସଂଘର ସଭାପତି ଧରଣୀଧର ମହାନ୍ତି, କାର୍ଯ୍ୟକାରୀ ସଭାପତି ସର୍ବେଶ୍ୱର ମହାନ୍ତ, ଉପସଭାପତି ଗତିକୃଷ୍ଣ ମହାନ୍ତ, ସାଧାରଣ ସମ୍ପାଦକ ଅନୁପ ଦଣ୍ଡପାଟ, ସହସମ୍ପାଦକ ଉଦିତ କୁମାର ପରିଡ଼ା, କୋଷାଧ୍ୟକ୍ଷ ହରିଶ ଚନ୍ଦ୍ର ସାମଲ, ସଦସ୍ୟ ଶାନ୍ତନୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ୬୬ ସ୍ୱଚ୍ଛକର୍ମୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଚମ୍ପୁଆ,୨୩।୯(ମହେଶ୍ୱର ଦାସ): ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଉପଖଣ୍ଡ ଚିକିତ୍ସାଳୟ ଚମ୍ପୁଆ ସହଯୋଗରେ ଶୁକ୍ରବାର ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିସରରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଡ. ଧର୍ମପଦ ଦାସ ମହାପାତ୍ର ଯୋଗଦେଇ ୬୬ ଜଣ ସ୍ୱଚ୍ଛକର୍ମୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରକୁ ସିଏମଏମ ଅନନ୍ତ ଚରଣ ସାହୁ ଓ ସତିଶ ମହାନ୍ତି ପରିଚାଳନା କରିଥିଲେ।

# ଜିଲା ଦାବିରେ ଅକ୍ଟୋବର ୩ ନୀଳଗିରି ବନ୍ଦ

ନୀଳଗିରି, ୨୩।୯(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରିକୁ ସ୍ୱତନ୍ତ୍ର ଜିଲା ଘୋଷଣା ଦାବିରେ ବିଭିନ୍ନ ସମୟରେ ସରକାରଙ୍କଠାରେ ଦାବି ହୋଇଆସୁଛି। ସେପ୍ଟେମ୍ବର ୧୬ତାରିଖରେ ଏନେଇ ଏକ ବିଶାଳ ଜନସମାବେଶରେ ନୀଳଗିରିକୁ ତୁରନ୍ତ ସରକାର ଜିଲା ଘୋଷଣା କରନ୍ତୁ ବୋଲି ଦୃଢ଼ ଦାବି ହୋଇଥିଲା। ସରକାରଙ୍କ ପକ୍ଷରୁ କୌଣସି ସକରାତ୍ମକ ପରିଣାମ ମିଳିପାରିନାହିଁ। ଏନେଇ ଶନିବାର ନୀଳଗିରି ଡାକବଙ୍ଗଳା ପରିସରରେ ଜିଲା କ୍ରିୟାନୁଷ୍ଠାନ କମିଟିର ଆବାହକ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ଆବାହନରେ ଏକ ବୈଠକ ବସିଥିଲା।

ଜିଲା କ୍ରିୟାନୁଷ୍ଠାନ କମିଟିର ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରୀ କମିଟିରେ ଅବସରପ୍ରାପ୍ତ ବିଡ଼ିଓ ଦୟାନିଧି ମିଶ୍ର ଅଧକ୍ଷତା କରିଥିଲେ। ନୀଳଗିରି ଉପଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଥିଲେ ହେଁ ସରକାର ସକରାତ୍ମକ ପଦକ୍ଷେପ ନ ନେବା ଦୁର୍ଭାଗ୍ୟର ବିଷୟ ବୋଲି ଆବାହକ ଚିତ୍ତ ଷଡ଼ଙ୍ଗୀ ମତପୋଷଣ କରିଥିଲେ। ଏଥିପାଇଁ ନୀଳଗିରିବାସୀଙ୍କ ହକ୍ ପାଇଁ ଆସନ୍ତା ଅକ୍ଟୋବର ୩ତାରିଖରେ ନୀଳଗିରି ବନ୍ଦ ରଖିବାକୁ ବୈଠକରେ ସର୍ବସମ୍ମତିକ୍ରମେ ମତପ୍ରକାଶ ପାଇଥିଲା। କାର୍ଯ୍ୟକାରୀ କମିଟି ବୈଠକରେ ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ, ସୁରେଶ ବେହେରା, ପିତାମ୍ବର ସିଂ, ଆଇନଜୀବୀ କିଶୋର ଦାସ, ଦେବେନ୍ଦ୍ର ପଣ୍ଡା, ସୁରେଶ ଦାସ, ପ୍ରଫୁଲ୍ଲ ବେହେରା ବିଜୟ ସ, ନିହାର ଜେନା, ଦାମୋଦର ବିଶ୍ୱାଳ, ଔପଦା କଂଗ୍ରେସ ସଭାପତି ଗଦାଧର ପରିଡ଼ା, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରସ୍ତମ ସେଠୀ, ନିରଞ୍ଜନ ଲେଙ୍କା, ହୃଦୟ ବେହେରା ପ୍ରମୁଖ ବହୁ ସଙ୍ଗଠକ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।



ବୈଠକରେ ଜିଲା କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା।

## ଆନ୍ତର୍ଜାତିକ ସାଙ୍କେତିକ ଭାଷା ଦିବସ ପାଳିତ

ରୂପସା, ୨୩।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ 'ଆଶା' ଦ୍ୱାରା ପରିଚାଳିତ ବସ୍ତା ଥାନା ସାନଖୁଡ଼ିସ୍ଥିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୂକ ଓ ବଧିର ଆବାସିକ ବିଦ୍ୟାଳୟରେ ଶନିବାର ଆନ୍ତର୍ଜାତିକ ସାଙ୍କେତିକ ଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଅମର କୁମାର ପାଳ ଏଥିରେ ସଭାପତିତ୍ୱ କରି ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଆଶା ସଙ୍ଗଠନର ପୂର୍ବତନ ସମ୍ପାଦିକା ମଞ୍ଜୁବତୀ ବିଶ୍ୱାଳ ସାଂକେତିକ ଭାଷା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ସାହୁ, ଚନ୍ଦନ କୁମାର ବିଶ୍ୱାଳ, ସ୍ୱାତୀରାଣୀ ମହାପାତ୍ର ପ୍ରମୁଖ ବିଦ୍ୟାଳୟର ଶ୍ରବଣ ବାଧିତ ଛାତ୍ରୀଛାତ୍ରମାନଙ୍କୁ ସାଙ୍କେତିକ ଭାଷାର ବ୍ୟବହାର ଓ ଉପକାରିତା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ମଳା ବାସିନୀ ସେନାପତି, ଅରୁଣ କୁମାର ଦାସ, ଜୟଶ୍ରୀ ସ୍ୱାଇଁ, ସନ୍ଧ୍ୟାରାଣୀ ବିଶ୍ୱାଳ, ଅଜୟ କୁମାର ଦଳାଇ, ଅପର୍ଣ୍ଣା ରାଉତ, ଏ.ଏମ୍. ପ୍ରଜ୍ଞାପ୍ରକାଶ ପାଲ, ସୁମନା ପରିଡ଼ା ଓ ଭକ୍ତରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଉପାଧକ୍ଷା ଅପରାଜିତା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭିଯୁକ୍ତଙ୍କ ଗିରଫ ଦାବିକଲେ ବ୍ଲକ୍ କର୍ମଚାରୀ

## ମିଥ୍ୟା ଅଭିଯୋଗ ପ୍ରସଙ୍ଗ

ହାଟଡ଼ିହୀ,୨୩।୯(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କ ନାମରେ ମିଥ୍ୟା ଅଭିଯୋଗ ପ୍ରସଙ୍ଗରେ କର୍ମଚାରୀମାନେ ଅଭିଯୁକ୍ତଙ୍କ ଗିରଫ ଦାବି କରିଛନ୍ତି। ଏନେଇ ବିଡିଓ ଥାନାରେ ମାମଲା କରିଥିବା ବେଳେ ଗିରଫରୁ ବର୍ତ୍ତିବା ପାଇଁ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଆଗୁଆ ଜାମିନ ଆବେଦନ କରିଥିଲେ। ଏବିଏଲ୍‌ଏପିଏଲ୍ (ନଂ. ୬୬୩୯/୨୦୨୩)ରେ ୨୭ ଜୁଲାଇ ୨୦୨୩ରେ ହାଇକୋର୍ଟ ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ଗିରଫ ନ କରିବା ପାଇଁ ମଧ୍ୟବର୍ତ୍ତିକାଳୀନ ସୁରକ୍ଷା ନିର୍ଦ୍ଦେଶ ଜାରି କରିଥିଲେ। ଏଥିସହ କେସ୍ ଡାଏରୀ ଦାଖଲ ପାଇଁ ଆଦେଶ କରିଥିଲେ। ୨୪ ଅଗଷ୍ଟ ୨୦୨୩ ରେ ଉକ୍ତ ଜାମିନର ଶୁଣାଣି ହୋଇଥିବା ବେଳେ ବିଚାରପତି ଚିତ୍ତରଞ୍ଜନ ଦାଶ ଜାମିନକୁ ନାମଞ୍ଜୁର କରିଦେଇଛନ୍ତି। ଏଥିସହ ଆଗୁଆ ଜାମିନ ଆବେଦନକୁ ଖାରଜ କରିଥିବା ଜଣାପଡ଼ିବା ପରେ ଅଭିଯୁକ୍ତଙ୍କୁ ଗିରଫ ଦାବି ଜୋର ଧରିଛି।

ସୂଚନାଯୋଗ୍ୟ, ନନ୍ଦିପଦା ବିଡିଓ ଥାନାରେ କରିଥିବା ଅଭିଯୋଗ ଅନୁସାରେ ଶାଳନିଆ ପଞ୍ଚାୟତ ସୋଲପଟା ମୌଜାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ରେ ଖେଳ ପଡ଼ିଆ ଉନ୍ନତୀକରଣ ପାଇଁ ଏକ ପ୍ରକଳ୍ପ ଅନୁମୋଦନ ହୋଇଥିଲା। କିନ୍ତୁ ଟଙ୍କାଟିଏ ମଧ୍ୟ ବ୍ୟୟ ହୋଇନାହିଁ। ମାତ୍ର ଯୋଜନାରେ ଅନିୟମିତତା ହୋଇଥିବା ନେଇ ସୋଲପଟା ଗ୍ରାମର ହିମାଂଶୁ ଶେଖର ନାୟକ ନନ୍ଦିପଦା ଥାନାରେ ପିଇଓ ରମେଶ ମାଝି, ଜିଆର୍‌ଏସ୍ ଜ୍ୟୋତିସ୍ମିତା ସେନାପତି, ଯନ୍ତ୍ରୀ ଶ୍ରଦ୍ଧାଞ୍ଜଳି ସାହୁ ଓ ଧୀରେନ୍ଦ୍ର ମହାଲିକଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ କର୍ମଚାରୀମାନେ ବିଡିଓଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବିଡିଓ ଘଟଣାର ଅନୁଧ୍ୟାନ କରିଥିଲେ। ପରେ ନନ୍ଦିପଦା ଥାନାରେ ବିଡିଓ ବିନିତା ବିଜୟିନୀ ଚିଠି (ନଂ. ୧୫୩୭/୯ ମେ୨୦୨୩) ରେ ମାମଲା ଦାୟର କରିଥିଲେ। ନନ୍ଦିପଦା ପୋଲିସ ୧୪ ମେ ୨୦୨୩ରେ (ନଂ .୧୧୯/୨୦୨୩)ରେ ଏକ ମାମଲା ହିମାଂଶୁଙ୍କ ନାମରେ ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ନରୋତ୍ତମ ଦଳେଇ କହିଛନ୍ତି, ବ୍ଲକ୍‌ର ବିଭିନ୍ନ କର୍ମଚାରୀଙ୍କଠାରୁ ବୟାନ ରେକର୍ଡ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ ନ କରିବା ପାଇଁ ହାଇକୋର୍ଟଙ୍କଠାରୁ ଏକ ନିର୍ଦ୍ଦେଶ ପ୍ରଥମେ ଆସିଥିଲା। ଏବେ ଜାମିନ ନାମଞ୍ଜୁର ଏବଂ ଖାରଜ ହେବା ବାବଦରେ ସୂଚନା ପାଇଛୁ। ଖୁବ୍‌ଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଦାବି ପୂରଣ ପ୍ରତିଶ୍ରୁତି ପରେ ଆମରଣ ଅନଶନ ପ୍ରତ୍ୟାହୃତ

ବାଲିଆପାଳ, ୨୩।୯(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ବିଭାଗ ଦାବି ପୂରଣର ପ୍ରତିଶ୍ରୁତି ଦେବା ପରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ଆମରଣ ଅନଶନ ଶନିବାର ପ୍ରତ୍ୟାହୃତ ହୋଇଛି। ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲି ପଡ଼ିଥିବା ବିଶେଷଜ୍ଞ ଡାକ୍ତର ପଦବୀ ମାସକ ମଧ୍ୟରେ ପୂରଣ କରାଯିବ ବୋଲି ସିଡିଏମ୍‌ଓ ଡା. ଦୁଲାଲସେନ ଜଗଦେବ, ଡିପିଏଚ୍‌ଓ ମୃତ୍ୟୁଞ୍ଜୟ ମିଶ୍ର କହିବା ସହିତ ଅନ୍ୟ ଦାବିଗୁଡ଼ିକ ପର୍ଯ୍ୟାୟକ୍ରମେ ପୂରଣ କରାଯିବାର ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିଶ୍ରୁତି ପୂରଣ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ମଞ୍ଚର ଆବାହକ ସତ୍ୟକାମ ମହାନ୍ତି, ସଦସ୍ୟ ବିକ୍ରମ କେଶରୀ ଦେ, ପ୍ରଦୀପ କୁମାର ଜେନା, ଦେବାଶିଷ ପାତ୍ର, ରାଧାକୃଷ୍ଣ ଦାସ ମହାପାତ୍ର, ଜଗବନ୍ଧୁ ଜେନା, ଜୟ କୃଷ୍ଣ ଗଙ୍ଗାଇ, ଗୌତମ ପରିଡ଼ା ପ୍ରମୁଖ ବସିଥିଲେ।

## 'ପୂଜା ଉତ୍ସବ ଭାଇଚାରା ସୃଷ୍ଟି କରେ'


ମାଳଦା ଗଣେଶ ପୂଜା ଉଦ୍‌ଯାପନୀ ସମାରୋହରେ ଅତିଥିମାନେ।

ଭଣ୍ଡାରିପୋଖରୀ, ୨୩।୯ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦାଠାରେ ପିଲା ଗଣେଶ ପୂଜା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଖବରଦାତା ଦୁର୍ଯ୍ୟୋଧନ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ଓ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ସୁମତୀ ସେଠୀ, ସମ୍ମାନିତ ଅତିଥି ଉପାଧକ୍ଷ ପ୍ରଣୀତକାନ୍ତି ସାମଲ, ନିମନ୍ତ୍ରିତ ଅତିଥି ବିଡିଓ ଦେବଦତ୍ତ ଦାଶ ଏବଂ ବରେଣ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ସମିତି ସଭାପତି ମୁକୁନ୍ଦ ଚରଣ ମଲ୍ଲିକ, ସମିତିସଭ୍ୟା ରିତାଞ୍ଜଳି ସାମଲ, ବରିଷ୍ଠ ନାଗରିକ ନୃସିଂହ ଖିଲାର, ଏମ୍‌ପି ପ୍ରତିନିଧି ଲଳିତ ରାଉତ, ଖବରଦାତା ରବିନାରାୟଣ ଖିଲାର, ରାଜେନ୍ଦ୍ର ଶତପଥୀ, ପ୍ରାକ୍ତନ ସରପଞ୍ଚ ମୋହନ ରାୟ, ହେମନ୍ତ ଜେନା, ଭାଗୀରଥି ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ବୈଦିକ ପୂଜା ଉତ୍ସବ ଭାଇଚାରା ସୃଷ୍ଟି କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍କଳ ସାମ୍ବାଦିକ ସଂଘର ଜିଲା ସଭାପତି ରବିନାରାୟଣ ଖିଲାର, ଚିତ୍ରଶିଳ୍ପୀ କ୍ଷୀରୋଦ ଦାସ, କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ବାରିକ ଏବଂ ପିଇଓ ନାରାୟଣ ଚନ୍ଦ୍ର ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତ୍ୟୁଷ ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ପୂଜା କମିଟି ସଦସ୍ୟ ସତ୍ୟଜିତ ସାମଲ, ଶ୍ରୀରାମ ଜେନା, କାର୍ତ୍ତିକ ଜେନା, ପରେଶ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ରଘୁନାଥଙ୍କ ସ୍ମୃତିଚାରଣ

ଧାମନଗର,୨୩।୯(ଦେବେନ୍ଦ୍ର ଆନ୍ଦିଆ): ଭଦ୍ରକ ଜିଲା ଧାମନଗର ଏନ୍‌ଏସି ଅଧୀନ ତାଳପଦା ଅଞ୍ଚଳର ବ୍ୟବସାୟୀ, ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ତଥା ସାମାଜିକ କର୍ମୀ ସ୍ୱର୍ଗତ ରଘୁନାଥ ସାହୁଙ୍କ ଏକାଦଶାହରେ ସ୍ମୃତିସଭା ବରିଷ୍ଠ ନାଗରିକ ସଚ୍ଚିକାନ୍ତ ପଣ୍ଡାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଭାଜପା ନେତା ଅଭିମନ୍ୟୁ ସେଠୀ, ଜିଲା ପରିଷଦ ଉପାଧକ୍ଷା ଚୁନିବାଳା ବିଶ୍ୱାଳ, ମନୋରଞ୍ଜନ ମଲ୍ଲିକ, ଜଗନ୍ନାଥ ଦାସ, କୈଳାସ ଚନ୍ଦ୍ର ମହାପାତ୍ର, ସୁଶାନ୍ତ କୁମାର ରାଉତ, ଶିକ୍ଷାବିତ୍ ମହେଶ୍ୱର ସ୍ୱାଇଁ, ରସାନନ୍ଦ ମହାପାତ୍ର, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ହେମେନ୍ଦ୍ର ମହାନ୍ତି, ଶିକ୍ଷକ ଭାବଗ୍ରାହୀ ଖୁଣ୍ଟିଆ, ସୁରେନ୍ଦ୍ର ସେଠୀ, ମନୋଜ ସିଂହ, ସାମାଜିକ କର୍ମୀ ରାମଚନ୍ଦ୍ର ସାହୁ, ଅନନ୍ତ ଜେନା, ସାମାଜିକ କର୍ମୀ ମାନସ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସ୍ୱର୍ଣ୍ଣକାର ସଂଘ, ବିଭିନ୍ନ ସଙ୍ଗଠନ, ଶିକ୍ଷକ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ସୌମ୍ୟ ରଞ୍ଜନ ସାହୁ କୃତଜ୍ଞତା ଜଣାଇଥିଲେ।

## କାଦୁଅରେ ବସି ପରିବା ବିକୁଛନ୍ତି ଚାଷୀ

### ସହରରେ ବଜାର ବ୍ୟବସ୍ଥା ନାହିଁ


ରାସ୍ତାକଡ଼ରେ ଚାଷୀ ପରିବା ବିକ୍ରି କରୁଛନ୍ତି।

ଯୋଡ଼ା,୨୩।୯(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାରେ ବଜାର ବ୍ୟବସ୍ଥା ନାହିଁ। ଫ୍ଲାଏଓଭର କାର୍ଯ୍ୟ ମନ୍ଥରତା ଓ ସର୍ଭିସ୍ ରୋଡ୍ ନିର୍ମାଣରେ ବିଳମ୍ବ ଯୋଗୁ ରାସ୍ତା ତମାମ କାଦୁଅ ପଙ୍କରେ ଭର୍ତ୍ତି ହୋଇଛି। ବଜାର ମଧ୍ୟରେ ସ୍ଥାନ ମିଳି ନ ଥିବାରୁ ଚାଷୀମାନେ ବାଧ୍ୟ ହୋଇ ବସ୍‌ଷ୍ଟାଣ୍ଡ ନିକଟସ୍ଥ ବିଜୁ ପଟ୍ଟନାୟକ ଜାତୀୟ ରାଜପଥରେ ନିର୍ମାଣାଧୀନ ଫ୍ଲାଏ ଓଭର ତଳେ କାଦୁଅ ରାସ୍ତାରେ ବସି ନିଜ ଉତ୍ପାଦିତ ପରିବା ବିକ୍ରି କରୁଛନ୍ତି।

ପ୍ରତିଦିନ ବିଭିନ୍ନ ଅଞ୍ଚଳର ଚାଷୀ ତଥା ବ୍ୟବସାୟୀମାନେ ଋତୁ ଅନୁସାରେ ବାଡ଼ିରୁ ଆଣି ବିକ୍ରି କରିଥାନ୍ତି। ବିଜୁ କୃଷକ ବଜାର ନାମରେ ରାଜ୍ୟବ୍ୟାପୀ ବ୍ୟବସାୟସ୍ଥଳ ସୃଷ୍ଟି ହୋଇଥିବା ବେଳେ ଯୋଡ଼ା ପୌରାଞ୍ଚଳରେ ଏଯାବତ କାର୍ଯ୍ୟକାରୀ ହୋଇପାରିନାହିଁ। ଏପରିକି ପରିବା ବିକ୍ରେତାଙ୍କୁ ବଜାର ମଧ୍ୟରେ କୌଣସି ସ୍ଥାନ ମିଳିନାହିଁ। ତଥାପି ସେମାନଙ୍କଠାରୁ ନିତିଦିନ ମାସୁଲ ଆଦାୟ କରାଯାଉଛି। ନାରଦପୁରରୁ ଆସିଥିବା ଚାଷୀ ଆରତୀ ମହାନ୍ତ କହିଛନ୍ତି, ପରିବା ବିକ୍ରୟ ନିମନ୍ତେ ପୌରପାଳିକା ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଫଳରେ ବର୍ଷାଦିନେ କାଦୁଅ, ଆବର୍ଜନା ସହ ନିର୍ମାଣାଧୀନ ରାସ୍ତାକଡ଼ରେ ବସି ପରିବା ବିକ୍ରି କରୁଛନ୍ତି। ଏଭଳି ପରିବେଶ ଦେଖି ଗ୍ରାହକ ଆଖିଫେରାଇ ନେଉଥିବା ସ୍ଥାନୀୟ ବାସିନ୍ଦା ବିଦେଶୀ ଗିରି କହିଛନ୍ତି। ଏ ବାବଦରେ ଯୋଡ଼ା ପୌର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ବ୍ୟବସ୍ଥା ହୋଇପାରିନାହିଁ। ପୌରପାଳିକା ଦୃଷ୍ଟିଦେଇ ସେମାନଙ୍କୁ ସବୁଦିନ ପାଇଁ ସ୍ଥାୟୀଭାବେ ଏକ ମାର୍କେଟ କମ୍ପ୍ଲେକ୍ସ ଯୋଗାଇଦେବାକୁ ପରିବା ବ୍ୟବସାୟୀ ଦାବି କରିଛନ୍ତି।


ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ

ବର୍ଷ ୨୦୨୩-୨୪ ପାଇଁ ଏସ୍‌ସି ଓ ଅନ୍ୟମାନଙ୍କ ଲାଗି ପ୍ରାକ୍-ମାଟ୍ରିକ୍-ଛାତ୍ରବୃତ୍ତି ଅଧୀନରେ ବିଦ୍ୟାଳୟ ଶିକ୍ଷାରେ ଅଧ୍ୟୟନ କରିବା ସକାଶେ

୨୬ ଲକ୍ଷ ଛାତ୍ରଛାତ୍ରୀଙ୍କ ଲାଗି ଛାତ୍ରବୃତ୍ତି

ସମ୍ପର୍କରେ ଘୋଷଣା କରୁଛନ୍ତି

| ଯୋଗ୍ୟତା | ପରିସର | ହକ୍‌ଦାରିତା |
|---|---|---|
| ଉପାଦାନ – ୧<br>• ଏସ୍‌ସି ବର୍ଗର ଛାତ୍ରଛାତ୍ରୀ<br>• ପିତାମାତା/ ଅଭିଭାବକଙ୍କ ବାର୍ଷିକ ଆୟ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ | • ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ଶ୍ରେଣୀ ୯ମ ଓ ୧୦ମରେ ପଢୁଥିବା ବିଦ୍ୟାର୍ଥୀ<br>• ଦରଖାସ୍ତଗୁଡ଼ିକୁ ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ଗ୍ରହଣ ତଥା ଯାଞ୍ଚ କରାଯାଇଥାଏ<br>• ଗରିବ ପରିବାରଙ୍କୁ ପ୍ରାଥମିକତା | • ବାର୍ଷିକ ₹୩୫୦୦ ରୁ ₹୭୦୦୦ର ଶିକ୍ଷାଗତ ଭତ୍ତା<br>• ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା |
| ଉପାଦାନ – ୨<br>• ଏପରି ଛାତ୍ରଛାତ୍ରୀ ଯେଉଁମାନଙ୍କର ପିତାମାତା/ଅଭିଭାବକ ସଫେଇ ଓ ସ୍ୱାସ୍ଥ୍ୟ ପ୍ରତି ବିପଦ ଥିବା ଧନ୍ଦାରେ ନିୟୋଜିତ ହୋଇଥିବେ ।<br>• ଆୟ ସମ୍ବନ୍ଧୀୟ କୌଣସି ମାନଦଣ୍ଡ ନାହିଁ । | • ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ୧ମରୁ ୧୦ମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀ<br>• ଦରଖାସ୍ତଗୁଡ଼ିକ ରାଜ୍ୟ ସରକାର/ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ଗ୍ରହଣ ତଥା ଯାଞ୍ଚ କରାଯାଇଥାଏ ।<br>• ଗରିବ ପରିବାରଙ୍କୁ ପ୍ରାଥମିକତା | • ବାର୍ଷିକ ୩୫୦୦ରୁ ୮୦୦୦ ପର୍ଯ୍ୟନ୍ତ ଶିକ୍ଷାଗତ ଭତ୍ତା<br>• ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା |

- ଛାତ୍ରଛାତ୍ରୀମାନେ ସେମାନଙ୍କ ରାଜ୍ୟର ସ୍କଲାରଶିପ୍ ପୋର୍ଟାଲରେ ଆବେଦନ କରିବେ
- ଛାତ୍ରଛାତ୍ରୀମାନଙ୍କ ନିକଟରେ ଏକ ବୈଧ ମୋବାଇଲ ନମ୍ବର, ଆଧାର ନମ୍ବର (ୟୁଆଇଡି), ଆଧାର ସଂଯୁକ୍ତ ବ୍ୟାଙ୍କ ଖାତା, ଆୟ ପ୍ରମାଣପତ୍ର ଏବଂ ଜାତିଗତ ପ୍ରମାଣପତ୍ର ରହିଥିବା ଆବଶ୍ୟକ ।

- ଯୋଜନାର ମାର୍ଗଦର୍ଶିକା ଏବଂ ସବିଶେଷ ଯୋଗ୍ୟତା ମାନଦଣ୍ଡ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ
http://socialjustice.gov.in/schemes/23

cbc 38101/11/0030/2324



କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, କେନ୍ଦୁଝର
୬୯ତମ ବାର୍ଷିକ ସାଧାରଣ ସଭା ନୋଟିସ

ନୋଟିସ ନମ୍ବର: ୨୯୯୧ ତା୨୨।୦୯।୨୦୨୩

ଏତଦ୍ୱାରା କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସମସ୍ତ ସଭ୍ୟ ଏବଂ ସଭ୍ୟାମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୬୯ତମ ବାର୍ଷିକ ସାଧାରଣ ସଭା ଆସନ୍ତା ୨୯।୦୯।୨୦୨୩ରିଖି (ଶୁକ୍ରବାର) ପୂର୍ବାହ୍ନ ୧୧ ଘଟିକା ସମୟରେ କେନ୍ଦୁଝରସ୍ଥିତ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଅଛି। ଉକ୍ତ ସଭାରେ ଆପଣମାନେ ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ।

ସଭାର କାର୍ଯ୍ୟକ୍ରମ
(୧) ବ୍ୟାଙ୍କର ୬୮ତମ ସାଧାରଣ ସଭର ବିବରଣୀ ପଠନ ଓ ଅନୁମୋଦନ ।
(୨) ବ୍ୟାଙ୍କର ୨୦୨୨-୨୩ ଆର୍ଥିକବର୍ଷର ସମୀକ୍ଷା ଫର୍ଦ୍ଦ ଓ ତତ୍‌ସଂଲଗ୍ନ ଆୟ, ବ୍ୟୟ, ପ୍ରାପ୍ୟ, ଦେୟ ହିସାବ ଓ ଅନୁମୋଦନ ।
(୩) ରାଜ୍ୟ ସମବାୟ ବ୍ୟାଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ବ୍ୟାଙ୍କର ୨୦୨୩-୨୪ ଆର୍ଥିକବର୍ଷର ଆୟବ୍ୟୟ ଅଟକଳ (ବଜେଟ) ସମ୍ବନ୍ଧରେ ଆଲୋଚନା ଓ ଅନୁମୋଦନ ।
(୪) ବ୍ୟାଙ୍କର ୨୦୨୨-୨୩ ଆର୍ଥିକବର୍ଷରେ ହୋଇଥିବା ନିଟ୍ ଲାଭାଂଶ ବଣ୍ଟନ ।
(୫) ବ୍ୟାଙ୍କ ସହିତ ଅନୁବନ୍ଧିତ ହୋଇଥିବା ସେବା ସମବାୟ ସମିତିମାନଙ୍କର ଅଂଶଧନ ଉପରେ ଲାଭାଂଶର ପରିମାଣ ୧୨%ରୁ ୨୦%କୁ ବୃଦ୍ଧି ନିମନ୍ତେ ବାଇଲୋ (ଉପବିଧି)ରେ ସଂଶୋଧନ ।
(୬) ଅନ୍ୟାନ୍ୟ (ବ୍ୟାଙ୍କର ସଭାପତିଙ୍କ ଅନୁମୋଦନ କ୍ରମେ)।

ସଭାପତିଙ୍କ ଅନୁମୋଦନ କ୍ରମେ
ସ୍ୱା./- ରବିନ୍ଦ୍ର ନାଥ କାଲୁଣ୍ଡିଆ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ବି.ଦ୍ର.: ପ୍ରତ୍ୟେକ ପ୍ରତିନିଧିମାନଙ୍କୁ ସଂସ୍କୃତି ଭବନ ତା୨୯।୦୯।୨୦୨୩ (ଶୁକ୍ରବାର) ପୂର୍ବାହ୍ନ ୧୧ ଘଟିକାଠାରୁ ନିଜର ନାମ, ସମିତି ପରିପତ୍ରର ଅବିକଳ ନକଲ ସହ ପଞ୍ଜୀକରଣ କରିବାକୁ ଅନୁରୋଧ କରାଯାଉଅଛି।



कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, देवघर

ई–प्रोक्योरमेंट सूचना (2nd Call)

ई–पुनर्निविदा प्रसंग संख्या - RCD/DEOGHAR/1944/2023-24 (2nd Call)
दिनांक – 23.09.2023

| | | |
|---|---|---|
| 1. | कार्य का नाम | Construction of Road Over Bridge(ROB) in LIEU of L-Xing Gate no. 1 in between Jasidih and Baidyanathdham (Job No. CRF-JHR-2022-23-70) |
| 2. | प्राक्कलित राशि (रुपये में) | रुपये 14,44,92,430/– (चौदह करोड़ चौवालीस लाख बेरानबे हजार चार सौ तीस रुपये मात्र)। |
| 3. | कार्य समाप्ति की अवधि | 24 (चौबीस) माह। |
| 4. | निविदा प्राप्ति की अंतिम तिथि एवं समय | 16.10.2023 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 26.09.2023 (10:30 बजे पूर्वाह्न) |
| 6 | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर। |
| 7 | प्रोक्युरमेंट अधिकारी का सम्पर्क नम्बर | 06432-299919 |
| 8 | ई–प्रोक्युरमेंट सेल का हेल्पलाईन नम्बर | 0651–2401010 |

नोट– निविदा की राशि घट–बढ़ सकती है। अतिरिक्त जानकारी के लिए वेबसाईट http://jharkhandtenders.gov.in पर देखें।

कार्यपालक अभियंता,
PR.NO.307663 Relief(23-24):D पथ निर्माण विभाग, पथ प्रमण्डल, देवघर।



କେନ୍ଦ୍ରୀୟ ପଣ୍ୟାଗାର ନିଗମ
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in

ନଂ.: ସିଡବ୍ଲ୍ୟୁସି/ଆର୍‌ଓ ପିଏଟି/ଇଏନ୍‌ଜିଜି/ପିଏନ୍/୨୦୨୩-୨୪

ପ୍ରେସ୍ ବିଜ୍ଞପ୍ତି
(ନଂ. ସିଡବ୍ଲ୍ୟୁସି/ଆର୍‌ଓ-ପିଏଟି/ଇଏନ୍‌ଜିଜି/୨୩-୨୪/୧୬)

ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:

| କ୍ର. ସଂ. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ. ଲକ୍ଷରେ) | ଅନ୍‌ଲାଇନ୍ ଦାଖଲର ଶେଷ ତାରିଖ |
|---|---|---|---|
| ୧ | ସିଡବ୍ଲ୍ୟୁସି, ହଳଦିପାଲି ସୋହେଲା (ଓଡ଼ିଶା) ପରିସରରୁ ବିଦ୍ୟମାନ କନଗାଁଓ ୧୧ କେଭି ଫିଡର୍ ଲାଇନ୍‌ର ସ୍ଥାନାନ୍ତର ଏବଂ ଗ୍ରିଡ୍ଲେଲ ୧୧ କେଭି ଫିଡର୍ ଲାଇନ୍ ଓ ଏଲ୍‌ଟି ଲାଇନ୍‌ର ସ୍ଥାନାନ୍ତରଣ । | ୨୧.୫୮ | ୨୯।୦୯।୨୦୨୩ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ http://eprocure.gov.in/epublish/app ରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ ।
ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ । ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ନାହିଁ ।
ନିର୍ବାହୀ ଯନ୍ତ୍ରୀ

## ପୋଖରୀରେ ବୁଡ଼ି ଛାତ୍ର ମୃତ

ମୋରଡା,(ସ୍ମାରକ ମାଜୀ)-ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ପୋଖରୀରେ ବୁଡ଼ି ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲେଶ୍ୱର ଜିଲା ରଙ୍ଗାମାଟିଆ ଗ୍ରାମର ବଳରାମ ସିଂ। ସେ ମୋରଡ଼ା ପଞ୍ଚାୟତ ମାଳିହତାରେ ମାମୁଘରେ ରହୁଥିବା ବେଳେ ସ୍ଥାନୀୟ ଶିବମୁନି ଶିକ୍ଷା ନିକେତନ ଉଚ୍ଚ ବିଦ୍ୟାଳୟରେ ପଢୁଥିଲେ। ଶନିବାର ସ୍ଥାନୀୟ ଏକ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ମୋରଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏନେଇ ମୋରଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ମୋବାଇଲ ନ ଦେବାରୁ ଛାତ୍ରଙ୍କ ଆତ୍ମହତ୍ୟା ଉଦ୍ୟମ

କେନ୍ଦୁଝର,୨୩।୯(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ବରଦାପାଳ ଗ୍ରାମରେ ଜଣେ ଛାତ୍ରଙ୍କୁ ମୋବାଇଲ ନ ଦେବାରୁ ସେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଛାତ୍ର ଜଣଙ୍କ ଅଷ୍ଟମ ଶ୍ରେଣୀରେ ପାଠ ପଢୁଛନ୍ତି। ସେ ଶୁକ୍ରବାର ସ୍କୁଲରୁ ଫେରିବା ପରେ ମା'ଙ୍କୁ ମୋବାଇଲ ଗେମ୍ ଖେଳିବାକୁ ମାଗିଥିଲେ। ମା' ବାରଣ କରିବାରୁ ସିପୁନ ଘରେ ଥିବା କୀଟନାଶକ(ଦାନାଦାର) ଖାଇ ଦେଇଥିଲେ। ଅବସ୍ଥା ଗୁରୁତର ହେବାର ଦେଖି ପରିବାର ଲୋକେ ଜାଣିପାରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ମା' କହିଛନ୍ତି, ନୂଆ ମୋବାଇଲ ପାଇଁ ପୁଅ ପୂର୍ବରୁ ଅଳିକରେ। ଅର୍ଥ ଅଭାବରୁ ମୋବାଇଲ କିଣି ଦେଇପାରୁ ନ ଥିଲେ। ଏଣୁ ବାପାଙ୍କ ମୋବାଇଲରେ ଗେମ୍ ଖେଳେ। ଚିକିତ୍ସା ପରେ ଛାତ୍ରଙ୍କ ଅବସ୍ଥା ଭଲ ଥିବା ଜଣାପଡ଼ିଛି।

### ଟ୍ରକ୍ ପଛକୁ ପିଟିଲା ବାଇକ୍

#### ବାଇକ ଆରୋହୀଙ୍କ ମୃତ୍ୟୁ

ରୂପସା, ୨୩।୯(ବାଞ୍ଛାନିଧି ଦେ)- ବାଲେଶ୍ୱର ୧୬ ନଂ. ଜାତୀୟ ରାଜପଥର ହଳଦୀପଦା ଫାଣ୍ଡି ଅଧୀନ ନିଧିପଣ୍ଡା ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଟ୍ରକ ପଛକୁ ଜଣେ ବାଇକ ଚାଳକ ପିଟି ହେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ବସ୍ତା ଥାନା ରସଲପୁର ପଞ୍ଚାୟତ ବରେନ୍ଦ୍ର ବାରିକଙ୍କ ପୁଅ ଅବିନାଶ ବାରିକ(୨୩)।

ଅବିନାଶ ସମ୍ପର୍କୀୟଙ୍କ ବାଇକ(ନଂ. ଓଆର ୦୧ଭି ୪୨୬୯) ଯୋଗେ ବସ୍ତାରୁ ବାଲେଶ୍ୱର ଅଭିମୁଖେ ଯାଉଥିଲେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଏକ ହାଇୱା (ନଂ. ୩୧ଏ ୨୨୨୭) ନିଧିପଣ୍ଡା ଛକ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିଲା। ଅସାବଧାନତାବଶତଃ ଅବିନାଶ ଛିଡା ହୋଇଥିବା ହାଇୱାର ପଛକୁ ପିଟି ହୋଇଥିଲେ। ଘଟଣାସ୍ଥଳରେ ଅବିନାଶଙ୍କ ମୃତ୍ୟୁ ହୋଇଥିଲା। ଜାତୀୟ ରାଜପଥ ପାଟ୍ରୋଲିଂ ପୋଲିସ ସହ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଆମ୍ବୁଲାନ୍ସ ସହାୟତାରେ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଥିଲେ। ବାଇକ ଓ ହାଇୱାକୁ ହଳଦୀପଦା ଫାଣ୍ଡି ପୋଲିସ ହେପାଜତରେ ରଖାଯାଇଛି।

### ବାଙ୍ଗିରିପୋଷି ଏବିଡିଓଙ୍କୁ ଦାୟିତ୍ୱ

ଗୋପବନ୍ଧୁ ନଗର,୨୩।୯(ଶାନ୍ତନୁ କୁମାର ମଢୁଆଳ): ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ୍‌ର କାର୍ଯ୍ୟରତ ବିଡିଓ ମାନସ ରଞ୍ଜନ ସାମଲଙ୍କ ଘୋଷିପୁରା ବ୍ଲକ୍‌କୁ ବଦଳି ହୋଇଛି। ତେବେ ସେହି ସ୍ଥାନରେ ଖୁଣ୍ଟା ବ୍ଲକ୍ ନିମନ୍ତେ ବାଲେଶ୍ୱର ଜିଲା ବାହାନଗା ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ନୂତନ ବିଡିଓ ଭାବେ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ହୋଇଥିଲା। ଘୋଷ କାର୍ଯ୍ୟଭାର ଗ୍ରହଣ କରି ନ ଥିବାରୁ ମୟୂରଭଞ୍ଜ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବାଙ୍ଗିରିପୋଷି ବ୍ଲକ୍‌ର ଏବିଡିଓ ରୂପେଶ ନାଏକ ଶୁକ୍ରବାର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି।

### କୃଷକ ଗର୍ଜନ ସମାବେଶ ପାଇଁ ପ୍ରସ୍ତୁତି

ଖଇରା, ୨୩।୯(ଉତ୍କଳବନ୍ଧୁ ପଣ୍ଡା)- ଭାରତୀୟ କିଶାନ ସଂଘ ପକ୍ଷରୁ ଏକ ବୈଠକ ଗୁରୁବାର ବାଲେଶ୍ୱର ଜିଲା ଖଇରା ବ୍ଲକ ନହଙ୍ଗସ୍ଥିତ ମୁନି ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। କୃଷି ଓ କୃଷକମାନଙ୍କ ନ୍ୟାର୍ଯ୍ୟ ଦାବି ହାସଲ ପାଇଁ ବ୍ଲକର ସମସ୍ତ ଚାଷୀ ଆସନ୍ତା ନଭେମ୍ବରରେ ଅନୁଷ୍ଠିତ ହେବାକୁ ଥିବା କୃଷକ ଗର୍ଜନ ସମାବେଶରେ ଯୋଗଦେବା ପାଇଁ କ୍ଷେତ୍ରୀୟ ସଙ୍ଗଠନ ମନ୍ତ୍ରୀ ଶ୍ରୀନିବାସ ଜୀ ଆହ୍ୱାନ ଦେଇଥିଲେ। ଏଥିସହ କୃଷକମାନେ କିଭଳି ଅଧିକରୁ ଅଧିକ ଜୈବିକ କୃଷି ପଦ୍ଧତି ଆପଣେଇବେ ସେଥିପାଇଁ ସଂଘ ତରଫରୁ ଆବଶ୍ୟକ ତାଲିମ ଶିବିର ଆୟୋଜନ ଉପରେ ସଂଘ ଜିଲା ସଭାପତି ବିଶ୍ୱନାଥ ସେଣ୍ଠ ଆଲୋଚନା ରଖିଥିଲେ। ଚାଷୀ ମହେନ୍ଦ୍ର ପ୍ରସାଦ ସେଠୀ, ଅଭିରାମ ଲେଙ୍କା, ହରିଶ୍ଚନ୍ଦ୍ର ଦଳେଇ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସଞ୍ଜୟ କୁମାର ପଣ୍ଡା, ସୁଦାମ ମହାରଣା, ଅଜୟ ବେହେରା ଓ ରାମଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ନିରପେକ୍ଷ ତଦନ୍ତ ଦାବିକଲେ ସମ୍ପର୍କୀୟ

- ପିଆର୍‌ଏମ୍ କଲେଜ ହଷ୍ଟେଲରେ ଛାତ୍ରଙ୍କ ମୃତଦେହ ଜବତ ଘଟଣା
- ଗାଁରେ ଶୋକାକୁଳ ପରିବେଶ

ପାଟଣା,୨୩।୯(ବୀରକିଶୋର ଦାଶ)


ଶୋକାକୁଳ ପରିବାର ବର୍ଗ।

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁରୁସୁଆଁ ଗ୍ରାମର ଡାକ୍ତର ସଚିନ ସାହୁ(୨୫)ଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ (ପିଆର୍‌ଏମ୍) ମେଡ଼ିକାଲ କଲେଜ ହଷ୍ଟେଲରୁ ଜବତ ହୋଇଥିଲା। ସେ ୫ ବର୍ଷ ଏମ୍‌ବିବିଏସ୍ ସାରିବା ପରେ ମେଡିକାଲ କଲେଜରେ ହାଉସ ସର୍ଜନ ଭାବେ ଟ୍ରେନିଂରେ ଥିଲେ। ସଚିନ ଜଣେ ମେଧାବୀ ଛାତ୍ର ସହ ଉତ୍ତମ ସ୍ୱଭାବର ପିଲା ଥିଲେ। କିଭଳି କେଉଁ ପରିସ୍ଥିତିରେ ସଚିନ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ ତାହାର ନିରପେକ୍ଷ ତଦନ୍ତ କରିବାକୁ ମୃତ ଛାତ୍ରଙ୍କ ମାମୁ ନାରାୟଣ ବେହେରାଙ୍କ ସହ ପରିବାର ଲୋକ ଦାବି କରିଛନ୍ତି।

ଅନ୍ୟପକ୍ଷେ, ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ଅପରାହ୍ଣରେ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। କାନ୍ଦ ବୋବାଳିରେ ଗାଁ ଦାଣ୍ଡ ଫାଟି ପଡୁଥିଲା। ଅବସରପ୍ରାପ୍ତ ପାଟଣା ଏବିଇଓ ଜ୍ଞାନେନ୍ଦ୍ର ସାହୁ ଓ ମା' ମଞ୍ଜୁଲତା ସାହୁ ପରିଣତ ବୟସରେ ଏକମାତ୍ର ପୁଅକୁ ହରାଇ ଭାଙ୍ଗି ପଡ଼ିଛନ୍ତି। ମା'ବାପାଙ୍କ ୩ ଝିଅ ପରେ ସଚିନ ସାନ ପୁଅ ଭାବେ ଜନ୍ମ ନେଇଥିଲେ। ମୁରୁସୁଆଁ ବୈତରଣୀ ନଦୀକୂଳ ଶ୍ମଶାନରେ ଅନ୍ତିମ ସଂସ୍କାର ହୋଇଛି। ସୂଚନାଯୋଗ୍ୟ, ଶୁକ୍ରବାର ସକାଳେ ମେଡିକାଲର ସର୍ଜରି ୱାର୍ଡରେ କାର୍ଯ୍ୟ ଶେଷକରି ସଚିନ ହଷ୍ଟେଲ ରୁମ୍‌କୁ ଯାଇଥିଲେ। ଦୀର୍ଘ ସମୟ ଧରି କବାଟ ନ ଖୋଲିବାରୁ କଲେଜ ପରିସରରେ ଥିବା ଅନ୍ୟ ଛାତ୍ରମାନେ କବାଟ ଭାଙ୍ଗି ଫ୍ୟାନ୍‌ରେ ସଚିନ ଝୁଲଥିବା ଦେଖିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାରକରି ପିଆର୍‌ଏମ୍ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଖୋଲିଲା ମଦ୍ରାସା ଫୈୟାନେ ଗରିବ୍ ନୱାଜ


ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠିତ ଧର୍ମସଭା।

ଭଦ୍ରକ, ୨୩।୯ (ସନାତନ ରାଉତ)

ଭଦ୍ରକ ପୌରପାଳିକା ଅଧୀନ ୧୬ ନଂ. ୱାର୍ଡ କୁଆଁସ କଣ୍ଟାବଣିଆ ଗ୍ରାମରେ ଫୈଯେ ରଯା କମିଟି ଆନୁକୂଲ୍ୟରେ 'ମଦ୍ରାସା ଫୈୟାନେ ଗରିବ ନୱାଜ' ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ସେଖ୍ ଅବଦୁଲ ବାରିଙ୍କ ସଂଯୋଜନାରେ ଶୁକ୍ରବାର ରାତିରେ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ମସ୍‌ଜିଦର ମୌଲାନା (ପଣ୍ଡିତ)ମାନେ ଯୋଗଦେଇ ଛାତ୍ରୀଛାତ୍ର ଓ ଉପସ୍ଥିତ ଲୋକଙ୍କୁ କୋରାନ ପାଠର ବିଶେଷତ୍ୱ ଏବଂ ପ୍ରଫେଟ ମହମ୍ମଦଙ୍କ ଜୀବନବାଣୀ ଉପରେ କହିଥିଲେ। ମଦ୍ରାସାର ମୁସଲମାନ ଛାତ୍ରୀଛାତ୍ରଙ୍କୁ ମାଗଣାରେ ଉର୍ଦ୍ଦୁ, ଆରାବିକ ଶିକ୍ଷା ସହ ଉତ୍ତମ ଚରିତ୍ର ଗଠନ ଓ ନୈତିକ ଶିକ୍ଷା ମଧ୍ୟ ପ୍ରଦାନ କରାଯିବ। ଏହାପରେ ଫାତେହା କାର୍ଯ୍ୟକ୍ରମ କରାଯାଇ ସମସ୍ତଙ୍କୁ ଭୋଗ ବଣ୍ଟନ କରାଯାଇଥିଲା। କମିଟି ସଭାପତି ସେକ୍ ଗୋଲାମ ମହମ୍ମଦ, ସମ୍ପାଦକ ସେଖ ଅବଦୁର ରହିମ, ସେଖ ଆଶିକ୍, ଇସ୍ତାକ ଖାନ, ସେଖ ରଫିକ, ସେଖ ଏଜାଜ, ସେଖ ସାହାଜାନ, ଆଶିକ କାଦରି, ସେଖ ଜାବିର, ଆବିଦ ଖାନ୍, ଅବଦୁଲ ଦୟାନ ଖାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ନାକ୍ 'ଏ' ଗ୍ରେଡ୍


ଫକୀରମୋହନ ବିଶ୍ୱବିଦ୍ୟାଳୟ।

ବାଲେଶ୍ୱର,୨୩।୯ (ମାନସ ବିଶ୍ୱାଳ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡ଼ିଟେସନ୍ କାଉନସିଲ୍ (ନାକ୍) ପକ୍ଷରୁ ୩.୧୮ ଗ୍ରେଡ୍ ପଏଣ୍ଟ ସହ 'ଏ' ଗ୍ରେଡ୍ ମାନ୍ୟତା ମିଳିଛି। ଯାହାକି ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ସର୍ବଶ୍ରେଷ୍ଠ ମାନ୍ୟତା ହାସଲ କରିଛି। ଗତ ୧୨ ତାରିଖରେ ନାକ୍ ଟିମ୍ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପହଞ୍ଚି ୭ଟି ବର୍ଗରେ ମୂଲ୍ୟାୟନ କରିବା ସହ ୧୪ ତାରିଖରେ ଏହି ପ୍ରକ୍ରିୟା ଶେଷ କରିଥିଲା। କରିକୁଲାର ଆସ୍‌ପେକ୍ଟସରେ ୩.୨, ଟିଚିଙ୍ଗ୍-ଲର୍ଣ୍ଣିଂ ଆଣ୍ଡ ଇଭାଲ୍ୟୁଏସନ୍‌ରେ ୩.୪୩, ରିସର୍ଚ୍ଚ, ଇନୋଭେସନ ଓ ଏକ୍ସଟେନସନ୍‌ରେ ୨.୪୪, ଭିତ୍ତିଭୂମି ଓ ଲର୍ଣ୍ଣିଂ ରିସୋର୍ସରେ ୩.୬୫, ଷ୍ଟୁଡ଼େଣ୍ଟ ସପୋର୍ଟ ଓ ପ୍ରୋଗ୍ରେସନ୍‌ରେ ୩.୬୭, ଗଭର୍ଣ୍ଣାନ୍ସ, ଲିଡ଼ରସିପ୍ ଓ ମ୍ୟାନେଜମେଣ୍ଟରେ ୨.୯୮, ଇନ୍‌ଷ୍ଟିଚ୍ୟୁଶନାଲ ଭାଲ୍ୟୁ ଆଣ୍ଡ ବେଷ୍ଟ ପ୍ରାକ୍ଟିସ୍‌ରେ ୩.୭୮ ଗ୍ରେଡ୍ ପଏଣ୍ଟ ମିଳିଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ କହିଛନ୍ତି ଯେ, ବିଗତ ଦୁଇବର୍ଷ ପରିଶ୍ରମ ତଥା ଶିକ୍ଷକ ଓ କର୍ମଚାରୀଙ୍କ ସହଯୋଗ, ପୂର୍ବତନ ପ୍ରଶାସକଙ୍କ କାର୍ଯ୍ୟାବଳୀ ଯୋଗୁଁ ଆମେ ବର୍ତ୍ତମାନ ରାଜ୍ୟର ସର୍ବୋତ୍ତମ ସରକାରୀ ବିଶ୍ୱବିଦ୍ୟାଳୟ ଭାବେ ନିଜକୁ ପ୍ରତିଷ୍ଠା କରିପାରିଛୁ। ସମସ୍ତଙ୍କ ସହଯୋଗ ପାଇଁ ବିଶ୍ୱବିଦ୍ୟାଳୟ ଦୁଇ ପାଦ ଆଗକୁ ବଢ଼ି 'ବି+' ଗ୍ରେଡ୍‌ରୁ 'ଏ'କୁ ଉନ୍ନୀତ ହୋଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି। ଆଗକୁ ଆହୁରି ଅନେକ ବାଟ ଯିବାକୁ ବାକି ଅଛି। ଶୈକ୍ଷିକ ଓ ପ୍ରଶାସନିକ ବ୍ୟବସ୍ଥାରେ ବିଶାଳ ପରିବର୍ତ୍ତନ ଜରିଆରେ ଆଗାମୀ ଦିନରେ ସର୍ବୋଚ୍ଚ ମାନ୍ୟତା (ଏ++) ପାଇବାକୁ ଚେଷ୍ଟା କରିବୁ। ଏହି ସଫଳତା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଯୋଗ ରହିଥିବାର ପ୍ରକାଶ କରିଥିଲେ।

## ପୃଥକ୍ ସଡ଼କ ଦୁର୍ଘଟଣାରେ ୫ ଆହତ

ଚାନ୍ଦବାଲି, ୨୩।୯(କିଶାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ଶନିବାର ଦୁଇଟି ସଡ଼କ ଦୁର୍ଘଟଣାରେ ୫ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୩ ମହିଳା ଓ ୨ଜଣ ପୁରୁଷ ଅଛନ୍ତି। ସମସ୍ତ ଆହତଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୪ ଗୁରୁତରଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଚାନ୍ଦବାଲି ଏନ୍‌ଏସିସ୍ଥିତ ତାରିଣୀ ଛକ ନିକଟରେ ଅପରାହ୍ଣରେ ମନୋଜ ମହାଲିକ ବାଇକ୍‌ରେ ରାଜକନିକା ପଟୁ ଆସୁଥିବା ବେଳେ ପୋଲିସ ଚେକ୍ ପୋଷ୍ଟରେ ଧକ୍କା ହୋଇ ଆହତ ହୋଇଛନ୍ତି। ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି। ସେହିପରି କୁଆଁରସର ନିକଟରେ ନିଗମାନନ୍ଦ ବିଶ୍ୱାଳ ବାଇକ୍‌ରେ ଚାନ୍ଦବାଲି ପଟୁ ଯାଉଥିବା ଗଣେଶ ଭସାଣି ଦେଖୁଥିବା ୩ ମହିଳାଙ୍କ ସହ ଧକ୍କା ହୋଇଥିଲେ। ୩ ମହିଳାଙ୍କ ସହ ନିଗମାନନ୍ଦ ଗୁରୁତର ହୋଇଛନ୍ତି।

## 'ଅଭିଭାବକ ଶିକ୍ଷାର ସହଭାଗୀ ହେବା ଆବଶ୍ୟକ'

ତିହିଡ଼ି,୨୩।୯(ସଞ୍ଜିତ ବଳ)

### ଆମେ ଜାଣିବା, ଆମେ ଜିଣିବା କାର୍ଯ୍ୟକ୍ରମ

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାରୋ ପଞ୍ଚାୟତସ୍ଥିତ ଦହପାଣିଆ ସରକାରୀ ଅନୁସୂଚିତ ଜାତି ଓ ଜନଜାତି ହାଇସ୍କୁଲରେ ଶୁକ୍ରବାର 'ଆମେ ଜାଣିବା, ଆମେ ଜିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ମଙ୍ଗଳ ଅଧିକାରିଣୀ ଉର୍ମିଳା ଗୋଚ୍ଛାୟତ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ପାଇଁ ଅଭିଭାବକମାନେ ଶିକ୍ଷାର ସହଭାଗୀ ହେବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ସରପଞ୍ଚ ଉଦ୍ଧବ ଚରଣ ନାୟକ ଏବଂ ଅନ୍ୟତମ ଅତିଥି ଭାବେ ବ୍ଲକ ମଙ୍ଗଳ ଅଧିକାରୀ ରଶ୍ମିରଞ୍ଜନ ବେହେରା, ବିଧାୟକଙ୍କ ଶିକ୍ଷା ପ୍ରତିନିଧି ରମାକାନ୍ତ ମଳିକ, ମୋ ସ୍କୁଲ ସଭାପତି ରଘୁନାଥ ମଳିକ, ସ୍କୁଲ ପରିଚାଳନା କମିଟି ସଭାପତି ସୋମନାଥ ମଳିକ, ସମିତିସଭ୍ୟାଙ୍କ ପ୍ରତିନିଧି ନିତ୍ୟାନନ୍ଦ ପତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସନତ କୁମାର ବେହେରା ସ୍କୁଲର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ସଞ୍ଚାଳନ କରିଥିଲେ ସହକାରୀ ଶିକ୍ଷକ କାଳିପଦ ଦାସ। ବ୍ଲକ ମତ୍ସ୍ୟ ଅଧିକାରିଣୀ ସଙ୍ଗୀତା ପତି, ଡା. ନିରଞ୍ଜନ ପଣ୍ଡା, ମୃତ୍ତିକା ସଂରକ୍ଷଣର ବିଶ୍ୱଜିତ ଦାସ, ଦେବଦତ୍ତ ପାଣିଗ୍ରାହୀ ପ୍ରମୁଖ ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭ୍ୟ ଶ୍ରୀନିବାସ ମଳିକ, ଅଣାକାର ମଳିକ, ସର୍ବେଶ୍ୱର ମଳିକ, ଅକ୍ଷୟ ମଳିକ, ମଲ୍ଲୀରାଣୀ ମଳିକ ପ୍ରମୁଖ ମଞ୍ଚାସୀନ ଥିଲେ। ଦେବୀଦତ୍ତ ଦାଶ, ଶଶିକାନ୍ତ ପଣ୍ଡା, ଅଜିତ ପରିମାଣିକ, ସସ୍ମିତା ସାହୁ, କ୍ଷୀରାବ୍ଧୀ ମାଝୀ, ତୃପ୍ତିମୟୀ ବେହେରା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ସ୍କୁଲର ଛାତ୍ରୀମାନଙ୍କ ନୃତ୍ୟରେ ଦର୍ଶକମାନେ ବିମୋହିତ ହୋଇଥିଲେ।

## ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ

ଢେଙ୍କିକୋଟ,୨୩।୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲାର ଲାଇଫଲାଇନ କୁହାଯାଉଥିବା ୨୦ ନଂ. ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ପାଣିକୋଇଲିଠାରୁ ରାଜାମୁଣ୍ଡା ପର୍ଯ୍ୟନ୍ତ ରାଜପଥ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବାରୁ ରାସ୍ତା ସାରା ପିଚୁ ଉଠି ଖାଲଖମାରେ ଭର୍ତ୍ତି ହୋଇଛି। ଜାତୀୟ ରାଜପଥ ପ୍ରାଧିକରଣ ଦୃଷ୍ଟିଦେଇ ନ ଥିବାରୁ ରାସ୍ତା ନିର୍ମାଣର ୧ ବର୍ଷ ନ ପୂରୁଣୁ ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇଛି। ପିପିଳିଆ ପଞ୍ଚାୟତ ବାଙ୍କପାଟୁଳି ସାପ୍ତାହିକ ହାଟ ନିକଟରେ ରାସ୍ତା ମଝିରେ ଆଣ୍ଠୁଏ ଲେଖାଏଁ ଖାଲ ହୋଇଛି। ବର୍ଷାରେ ଖାଲଗୁଡ଼ିକରେ ପାଣି ଜମି ରାସ୍ତା ସମାନ ଦେଖାଯାଉଛି। ଫଳରେ ବାଇକ, ୪ ଚକିଆ ଯାନ ଖାଲରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ରାସ୍ତା ମରାମତି ନ ହେଲେ ଆଗାମୀ ଦିନରେ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଢେଙ୍କିକୋଟ୍ ବିକାଶ ମଞ୍ଚ ସଭାପତି ଯୁଗଳ କିଶୋର ଦାସ କହିଛନ୍ତି।


୨୦ ନଂ. ଜାତୀୟ ରାଜପଥ।

## ନବନିର୍ମିତ ଲକ୍ଷ୍ମୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ରାଇରଙ୍ଗପୁର,୨୩।୯(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରାଞ୍ଚଳ କୁଚେଇ ବୁଢ଼ି (ୱାର୍ଡ ନଂ – ୪ ) ବସ୍ତି ଅଞ୍ଚଳରେ ନବ ନିର୍ମିତ ମା' ଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ସହ ମା'ଙ୍କ ବିଗ୍ରହ ସ୍ଥାପନ କରାଯାଉଛି। ଶନିବାର କୁଚେଇ ବୁଢ଼ି ବସ୍ତି ନିକଟସ୍ଥ ଖଡ଼ଖାଇ ନଦୀ ଘାଟରୁ ଶୋଭାଯାତ୍ରରେ ୧୫୧ କଳସ ମହିଳା ଓ ପୁରୁଷ ମନ୍ଦିର ପରିସରକୁ ଆଣିଥିଲେ। ପରେ ପୂଜା ଅର୍ଚ୍ଚନା ଓ ହୋମ ପାଠ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ମା' ଲକ୍ଷ୍ମୀ ମନ୍ଦିର କମିଟି ସଦସ୍ୟ ବସ୍ତି ଅଞ୍ଚଳ ସମେତ ବିଭିନ୍ନ ବ୍ୟକ୍ତିଙ୍କ ସହାୟତାରେ ମା' ଆକର୍ଷଣ ମାର୍ବଲ ପ୍ରତିମା ସ୍ଥାପିତ କରାଯାଇଛି। କମିଟି ସଦସ୍ୟ ରବିନାରାୟଣ ମହାନ୍ତି, ସଞ୍ଜୟ ସାହୁ, ବୁଲୁ ମହାନ୍ତ, ପ୍ରକାଶ ମହାନ୍ତଙ୍କ ସମେତ ବିଭିନ୍ନ କର୍ମକର୍ତ୍ତା ଏବଂ ସଦସ୍ୟ ଗଣ ସହଯୋଗ କରିଥିଲେ। ଲକ୍ଷ୍ମୀ ମନ୍ଦିର ଉତ୍ସବ କାର୍ଯ୍ୟକ୍ରମ ଆସନ୍ତା ୨୫ ତାରିଖ ଅର୍ଥାତ ସୋମବାର ସମାପନ ହେବା ନେଇ କମିଟି ପକ୍ଷରୁ ପ୍ରକାଶ।

## 'ଗ୍ରାମାଞ୍ଚଳର ଛଉ ପ୍ରତିଭାଙ୍କୁ ଟ୍ରେନିଂ ଦିଆଯିବ'



ଅତିଥିଙ୍କ ଗହଣରେ ଛଉନୃତ୍ୟ କଳାକାରମାନେ।

ମୋରଡା,୨୩।୯(ସ୍ମାରକ ମାଜୀ)

### ଛଉ କନେକ୍ଟ-୨ କର୍ମଶାଳା

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାସ୍ଥିତ କଲ୍ୟାଣ ମଣ୍ଡପଠାରେ 'ଛଉ କନେକ୍ଟ-୨' ନାମକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୋରଡ଼ା ବ୍ଲକରୁ ଏହି କର୍ମଶାଳା ଆରମ୍ଭ ହୋଇ ବାରିପଦା, ବାମନଘାଟୀ ଓ ପାଞ୍ଚପୀଢ଼ ସବ୍ ଡିଭିଜନରେ ଅନୁଷ୍ଠିତ ହୋଇ ମୋଟ ୧୦ଟି ଟିମ୍‌କୁ ଆଗାମୀ ଦିନରେ ଉଚ୍ଚକୋଟୀର ଟ୍ରେନିଂ ଦିଆଯିବ ବୋଲି ସୂଚନା ମିଳିଛି। ମୋରଡ଼ା ବ୍ଲକର ଦକ୍ଷିଣ ସାହି, ବଡ଼ଜାମବଣି, ଶୁଳିଆପଦା ବ୍ଲକର ବେଗୁନାଡିହା ଛଉନୃତ୍ୟ ପ୍ରତିଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମେ ବଡ଼ଜାମବଣି ଏବଂ ବେଗୁନାଡିହା ଛଉନୃତ୍ୟ ପ୍ରତିଷ୍ଠାନ ଦ୍ୱାରା କେଉଟ କେଉଟୁଣୀ ଓ ଚିତ୍ରଡ଼ା ଦକ୍ଷିଣସାହି ଛଉନୃତ୍ୟ ପ୍ରତିଷ୍ଠାନ ଦ୍ୱାରା ମାୟାଶବରୀ ନୃତ୍ୟ ପରିବେଷଣ ହୋଇଥିଲା। କଳାକାରମାନଙ୍କୁ ନେଇ ଅନ୍ତଃରାଷ୍ଟ୍ରୀୟ ଛଉନୃତ୍ୟ ଗୁରୁଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯିବ ବୋଲି ଜିଲା ପ୍ରୋଜେକ୍ଟ ଛଉ ଛାଉଣୀର ନିର୍ଦ୍ଦେଶକ ବିଭୁଦତ୍ତ ଦାସ ସୂଚନା ଦେଇଛନ୍ତି। କାର୍ଯ୍ୟକାରୀ ନିର୍ଦ୍ଦେଶିକା ଶୁଭଶ୍ରୀ ମୁଖାର୍ଜୀ, ବରିଷ୍ଠ ଛଉନୃତ୍ୟ ଗୁରୁ ବିଦେଶୀ ବୈଠା, ଗୁରୁ ପାଗୁଲୁ ଜେନା, ଦକ୍ଷିଣ ସାହି ସମ୍ପାଦକ ପ୍ରଦୀପଚନ୍ଦ୍ର ମହାନ୍ତ, କୈଳାସଚନ୍ଦ୍ର ଖଣ୍ଡେଲୱାଲ, ସାରଦା ଦକ୍ଷିଣ ସାହି ଛଉନୃତ୍ୟ ପ୍ରତିଷ୍ଠାନର ସଦସ୍ୟ ସତ୍ୟନାଥ ମହାନ୍ତ, ନିଚୁଆପଦା ପ୍ରତିଷ୍ଠାନର ସଦସ୍ୟ ହରିପଦ ମହାନ୍ତ, ବଡ଼ଜାମବଣି ପ୍ରତିଷ୍ଠାନର ସମ୍ପାଦକ କାଳିଚରଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଫେରାଇଲେନି ରେକର୍ଡ

### ଥାନାର ଦ୍ୱାରସ୍ଥ ହେଲେ ବର୍ତ୍ତନା ସମିତି ସମ୍ପାଦକ

ଖଇରା, ୨୩।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ତ୍ତନା ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକ ନିତ୍ୟାନନ୍ଦ ନାୟକ ସମିତିର ରେକର୍ଡପତ୍ରକୁ ଚୋରାଇ ନିଜ ପାଖରେ ରଖିଛନ୍ତି । ସମତି ପରିଚାଳନା ବୋର୍ଡ ପକ୍ଷରୁ ବାରମ୍ବାର କୁହାଯିବା ସତ୍ତ୍ୱେ ତାହା ପ୍ରଦାନ କରୁଛନ୍ତି । ଏଭଳିକି ସମିତିର ତଥ୍ୟ ଥିବା ସିପିୟୁକୁ ମଧ୍ୟ ଫେରାଉନାହାନ୍ତି। ଉକ୍ତ ରେକର୍ଡପତ୍ର ଓ କମ୍ପ୍ୟୁଟରରେ ଚାଷୀଙ୍କର ବହୁ ହିସାବପତ୍ର ରହିଛି। ଏ ସମ୍ପର୍କରେ ପରିଚାଳନା ପରିଷଦର ଏକ ବୈଠକ ନିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜୁଲାଇ ୧୪ ତାରିଖରେ ଅନୁଷ୍ଠିତ ହୋଇଥିଲା। ଥାନାରେ ଲିଖିତ ଅଭିଯୋଗ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ନିଷ୍ପତ୍ତି ଅନୁଯାୟୀ ବର୍ତ୍ତମାନର ସମ୍ପାଦକ ଅକ୍ଷୟ କୁମାର ରାଉତ ଗୁରୁବାର ଥାନାରେ ଲିଖିତ ଅଭିଯୋଗ ପରେ ଖଇରା ପୋଲିସ ତଦନ୍ତ ଆରମ୍ଭ କରିଛି ।

## ବାଲେଶ୍ୱରରେ 'ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରା ଓ ଏକ୍ସପ୍ରେସ୍'

ବାଲେଶ୍ୱର, ୨୩।୯(ମାନସ ବିଶ୍ୱାଳ)

### ଅଂଶଗ୍ରହଣ କଲେ ୧୫୭ ଛାତ୍ରୀଛାତ୍ର

ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରା ଓ ଷ୍ଟାର୍ଟଅପ୍ ଏକ୍ସପ୍ରେସ୍ ୨୦୨୩ର ଲକ୍ଷ୍ୟ ହେଉଛି ତୃଣମୂଳ ସ୍ତରରେ ନବ ସୃଜନକାରୀଙ୍କୁ ଉତ୍ସାହିତ କରିବା ଏବଂ ସେମାନଙ୍କ ଭିତରେ ଉଦ୍ୟମିତାର ଭାବ ଜାଗ୍ରତ କରିବା। ଏହି ଉଦ୍ଦେଶ୍ୟରେ ରାଜ୍ୟ ପରିଭ୍ରମଣ କରୁଥିବା ରଥ ବାଲେଶ୍ୱରରେ ପହଞ୍ଚିଛି। ଜିଲାର ବାଲିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏବଂ ବିଆଇଟି ପଲିଟେକନିକକୁ 'ଓଡ଼ିଶା ଷ୍ଟାର୍ଟଅପ ଯାତ୍ରା ଓ ଏକ୍ସପ୍ରେସ' ଗସ୍ତ କରିଛି। ଏଥିରେ ମୋଟ ୧୫୭ଜଣ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିବା ବେଳେ ମୋଟ୍ ୧୮ଟି ଷ୍ଟାର୍ଟଅପ୍ ଆଇଡ଼ିଆ ସଂଗ୍ରହ କରାଯାଇଛି। ଆସନ୍ତା ୨୫ ତାରିଖରେ ଏହି ଷ୍ଟାର୍ଟଅପ ଯାତ୍ରା ଜିଲାର ଫକୀରମୋହନ ବିଶ୍ୱବିଦ୍ୟାଳୟ, ରେମୁଣା ଡିଗ୍ରୀ କଲେଜ, ବାଲେଶ୍ୱର ଲ କଲେଜ, ସରକାରୀ ଆଇଟିଆଇ(ବାଲେଶ୍ୱର), ଆର୍‌ଜେ ସ୍କୁଲ ଅଫ ମ୍ୟାନେଜମେଣ୍ଟ ଷ୍ଟଡ଼ିଜ ଏବଂ ସାଗର କଲେଜ ଅଫ ସାଇନ୍ସ ପରିଦର୍ଶନ କରିବ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ଷ୍ଟାର୍ଟଅପ ଯାତ୍ରା ଓ ଏକ୍ସପ୍ରେସ ବିଭିନ୍ନ ବିଦ୍ୟାଳୟ ଏବଂ କଲେଜ ଛାତ୍ରୀଛାତ୍ରଙ୍କଠାରୁ ଅଭୂତପୂର୍ବ ପ୍ରତିକ୍ରିୟା ହାସଲ କରିଛି। ଯାତ୍ରାର ୨୦୨୩ ସଂସ୍କରଣରେ ୪ଟି ଭ୍ୟାନ୍ ସମସ୍ତ ୩୦ଟି ଜିଲା ପରିଦର୍ଶନ କରିବ। ପୂର୍ବ ସଂସ୍କରଣର ଉଲ୍ଲେଖନୀୟ ସଫଳତା ପରେ ଚଳିତବର୍ଷ ଏହି ଷ୍ଟାର୍ଟଅପ୍ ଯାତ୍ରା ୨୦୦ରୁ ଅଧିକ କଲେଜ ଏବଂ ୬୦ରୁ ଅଧିକ ବିଦ୍ୟାଳୟ ପରିଦର୍ଶନ କରି ଏହି ପ୍ରୟାସକୁ ଆହୁରି ଆଗକୁ ବଢ଼ାଇବାକୁ ଲକ୍ଷ୍ୟ ରଖିଛି। ବହୁସଂଖ୍ୟକ ଛାତ୍ରୀଛାତ୍ର ଏହି ଯାତ୍ରାରେ ଅଂଶଗ୍ରହଣ କରିଛନ୍ତି ଏବଂ ସେମାନଙ୍କର ଅଭିନବ ଚିନ୍ତାଧାରା ଉପସ୍ଥାପନ କରିଛନ୍ତି। ଏହା ୨୦୨୫ ସୁଦ୍ଧା ରାଜ୍ୟ ସରକାରଙ୍କ ୫୦୦୦ ଷ୍ଟାର୍ଟଅପ୍ ସୃଷ୍ଟି କରିବା ଲକ୍ଷ୍ୟ ପାଇଁ ଭିତ୍ତିଭୂମି ତିଆରି କରିପାରିଛି। ଯଦ୍ୱାରା ୨୫,୦୦୦ରୁ ଅଧିକ ଛାତ୍ରୀଛାତ୍ର ପ୍ରଭାବିତ ହେବେ।


'ଓଡ଼ିଶା ଷ୍ଟାର୍ଟଅପ ଯାତ୍ରା ଓ ଏକ୍ସପ୍ରେସ' କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରଛାତ୍ରୀ।

## ଗୋରୁ ଚମଡ଼ା ଜବତ ଘଟଣା, ଅଭିଯୁକ୍ତ କୋର୍ଟଚାଲାଣ

ସୋର,(ଜନ୍ମେଜୟ ମିଶ୍ର)-ଶୁକ୍ରବାର ସନ୍ଧ୍ୟାରେ ସୋରର ବଜରଙ୍ଗ ଦଳ କର୍ମୀମାନଙ୍କ ଦ୍ୱାରା ଜବତ ହୋଇଥିବା ଚମଡା ବୋଝେଇ ଟ୍ରକ ଚାଲାଣରେ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ବେଆଇନ ଭାବେ ଭଦ୍ରକରୁ କୋଲକାତା ଅଭିମୁଖେ ଆସୁଥିବା ଏହି ଟ୍ରକକୁ ସୋର ବଜରଙ୍ଗ ଦଳର କର୍ମୀମାନେ ବରଫ କଳଛକ ନିକଟରେ ଅଟକାଇଥିଲେ। ପୋଲିସ ଟ୍ରକକୁ ଥାନାକୁ ଆଣିବା ସହିତ ଏକ ମାମଲା(ନଂ. ୬୧୩/୨୩) ରୁଜୁ କରି ସମ୍ପୃକ୍ତ ମୁସ୍ତାପ ଅଲ୍ଲୀ ଖାନ, ସେକ ନସିବ ଏବଂ ସାହିଦ ଖାନ୍‌ଙ୍କୁ କୋର୍ଟଚାଲାଣ କରିଛି ।

## ସଂକ୍ଷେପରେ

### ଖେଳକୁଦ ପ୍ରତିଯୋଗିତା

ଆଗରପଡ଼ା,୨୩।୯(ସୁଶାନ୍ତ କୁମାର ଦାଶ)-ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା କୃଷ୍ଣଚରଣ ବିଦ୍ୟାମନ୍ଦିରଠାରେ ବ୍ଲକସ୍ତରୀୟ ଦ୍ୱିତୀୟ ପର୍ଯ୍ୟାୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବ୍ଲକ ଶିକ୍ଷାଧିକାରୀ ମଞ୍ଜୁଳାବାଳା ନାୟକ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ, ବ୍ଲକ ଖେଳକୁଦ ସମ୍ପାଦକ ମନୋଜ ଶଙ୍ଖୁଆ, ପ୍ରଧାନ ଶିକ୍ଷକ ଶରତ ଜେନା ପ୍ରମୁଖ ଯୋଗଦେଇ କ୍ରୀଡ଼ା ଦ୍ୱାରା ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ହୋଇଥାଏ ବୋଲି କହିଥିଲେ। ଫୁଟବଲ, ଖୋଖୋ, କବାଡ଼ି, ଯୋଗ, ଚେସ୍, ଟେନିକଏଟ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧୀନ ୫୭ ବିଦ୍ୟାଳୟରୁ ୨୮୦ଜଣ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। କ୍ରୀଡ଼ା ଶିକ୍ଷକ ଶୋଭାରାଣୀ ଦାସ, ବିଜୟଲକ୍ଷ୍ମୀ ମଲ୍ଲିକ, ଡଲିରାଣୀ ଦାସ, ବିଦ୍ୟୁତଲତା ଦାସ, ଧୀରେନ୍ଦ୍ର ଷଡ଼ଙ୍ଗୀ, ଗଙ୍ଗାଧର ରାଉତ ପ୍ରମୁଖ ପରିଚାଳନା କରିଥିଲେ।

### ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଗୋପବନ୍ଧୁ ନଗର,୨୩।୯(ଶାନ୍ତନୁ କୁମାର ମଡୁଆଳ): ମୟୂରଭଞ୍ଜ ଜିଲା କୁଶଳଦା ଫାଣ୍ଡି ଅଧୀନସ୍ଥ ଜୟପୁର - ଦାମାସାହି ରାସ୍ତାରେ ଏକ ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଗୋପବନ୍ଧୁ ନଗର ବ୍ଲକ୍ ଜୟପୁର ଗ୍ରାମର ପଞ୍ଚୁଆ ମଳିକ (୬୦)। ସେ ଏକ ଶୁଦ୍ଧିକ୍ରିୟା ଭୋଜି ଖାଇ ଘରକୁ ସାଇକେଲ ଯୋଗେ ଫେରୁଥିଲେ। ନୂଆଗାଁ ଗ୍ରାମର ବିଜୟ ସିଂ (ନଂ.ଓଡି ୧୧ ଭି ୦୦୪୩) ବାଇକରେ ସମ୍ମୁଖ ପଟୁ ଆସି ତାଙ୍କୁ ଧକ୍କା ଦେଇଥିଲେ। ବୃଦ୍ଧ ଓ ବାଇକ୍ ଚାଳକ ରାସ୍ତାରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ପୁରୁଣା ବାରିପଦା ଅଗ୍ନିଶମ ବିଭାଗ ପହଞ୍ଚି ଉଭୟଙ୍କୁ ଉଦଳା ଡାକ୍ତରଖାନା ନେଇଥିବା ବେଳେ ପଞ୍ଚୁଆଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବିଜୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। କୁଶଳଦା ଫାଣ୍ଡି ଅଧିକାରୀ ବାଇକ ଜବତ କରି ଉଦଳା ଥାନାରେ ଏକ ମାମଲା (ନଂ. ୩୦୧/୨୩) ରୁଜୁ କରିଛନ୍ତି। ମୃତକଙ୍କ ସ୍ତ୍ରୀ ଓ ଦୁଇ ସନ୍ତାନ ଅଛନ୍ତି।

# ଯୁଗପୁରା-ବେତନଟୀ ରେଳଷ୍ଟେଶନ ଉନ୍ନତୀକରଣ ହେବ

ବୈଶିଙ୍ଗା,୨୩।୯(ରତନ ଦାଶ)

ମୟୂରଭଞ୍ଜ ଜିଲାର ଦକ୍ଷିଣ-ପୂର୍ବ ରେଳ ପଥର ରୂପସାରୁ ବାଙ୍ଗିରିପୋଷି ମଧ୍ୟରେ ଯୁଗପୁରା ଓ ବେତନଟୀ ରେଳ ଷ୍ଟେଶନର ଉନ୍ନତୀକରଣ କରାଯିବ। ରେଳଯାତ୍ରୀ ତଥା ଜନ ସାଧାରଣଙ୍କ ସୁବିଧା ପାଇଁ କେତୋଟି ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହମତି ମିଳିଥିବା ଜଣାଯାଇଛି। ଦାବି ଉପସ୍ଥାପନ କରିବା ପାଇଁ ଏକ ପ୍ରତିନିଧି ଦଳରେ ପୂର୍ବତନ ଜିଲାପରିଷଦ ସଦସ୍ୟ ବ୍ରଜ ମୋହନ ବେହେରା, ଭାଜପା କର୍ମକର୍ତ୍ତା ରତିକାନ୍ତ ମହାନ୍ତ ଏବଂ ରାଜକିଶୋର ଶାହା ଦିଲ୍ଲୀରେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ସହ ଶୁକ୍ରବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି


ପ୍ରତିନିଧି ମଣ୍ଡଳୀ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ପ୍ରତିଶ୍ରୁତି ଦେଲେ ରେଳମନ୍ତ୍ରୀ**

ଦାବିପତ୍ର ପ୍ରଦାନ କରିଥିଲେ। ରେଳମନ୍ତ୍ରୀ ଦାବିପତ୍ର ଗ୍ରହଣ କରି ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ଯୁଗପୁରା ରେଳ ଷ୍ଟେଶନ ନିକଟରେ ଈଶାଣପୁର ଅଣ୍ଡରପାସ, ବେତନଟୀ ରେଳ ଷ୍ଟେଶନ ନିକଟରେ ଆନନ୍ଦବଜାରକୁ ଅଣ୍ଡରପାସ, ବେତନଟୀ ଷ୍ଟେଶନର ଉନ୍ନତୀକରଣ ତଥା କମ୍ପ୍ୟୁଟରାଇଜ୍ଡ ଟିକଟ ସଂରକ୍ଷଣ ବ୍ୟବସ୍ଥାକୁ କରାଯିବା ନେଇ ସହମତି ଜଣାଇଥିଲେ। ଏଥି ସହିତ ଯୁଗପୁରା ରେଳ ଷ୍ଟେଶନରେ ଭଞ୍ଜପୁର-ପୁରୀ ରେଳ ରହଣି ପାଇଁ ଥିବା ଦୀର୍ଘ ଦିନର ଦାବି ଆସନ୍ତା ଅକ୍ଟୋବର ଠାରୁ କାର୍ଯ୍ୟକାରୀ କରାଯିବାର ରେଳମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

# ଅହିର ରେଜିମେଣ୍ଟ ଦାବିରେ ଭାରତ ଭ୍ରମଣ

**ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେଲେ ଉତ୍ତରପ୍ରଦେଶର ଅଭିଷେକ**

ଭଦ୍ରକ,୨୩।୯(ସନାତନ ରାଉତ/ରବିନାରାୟଣ ଖିଲାର)

ଭାରତୀୟ ସେନାବାହିନୀରେ ଅହିର ରେଜିମେଣ୍ଟ ଗଠନ ଦାବିରେ ଉତ୍ତରପ୍ରଦେଶ ମୈନପୁରର ଯାଦବ ନେତା ଅଭିଷେକ ଯାଦବ ଗତ ଜୁଲାଇ ୧ରୁ ଭାରତ ଭ୍ରମଣ କରୁଛନ୍ତି। ଏବେ ସୁଦ୍ଧା ୧୩ ରାଜ୍ୟ ଯାତ୍ରା କରି ଓଡ଼ିଶାରେ ପହଞ୍ଚିଛନ୍ତି। ୮୩ ଦିନ ସାଇକେଲରେ ୪ ହଜାର କି.ମି. ଯାତ୍ରା କରି ଶୁକ୍ରବାର ଭଦ୍ରକରେ ପହଞ୍ଚିବା ପରେ ଜିଲା ଯାଦବ ସଭାପତି ସୁଧାଂଶୁ ନାୟକ, ରାଜ୍ୟ ଯୁବ ସମ୍ପାଦକ ଅମର ନାୟକ, ଜିଲା ଯୁବ ସଭାପତି ରବିନାରାୟଣ ଖିଲାର, ଉପସଭାପତି ସଞ୍ଜୀବ ନାୟକ, ସାଧୁ ଚରଣ ବାରିକ, ଭଣ୍ଡାରିପୋଖରୀ ଯୁବ ସଭାପତି ରାଜେଶ ବାରିକ, ସମ୍ପାଦକ ଜଗତଜୀବନ ବାରିକଙ୍କ ସମେତ ବହୁ ଯାଦବ ନେତା ତାଙ୍କୁ ସ୍ୱାଗତ କରିଥିଲେ। ପରେ ସାଇକେଲ ଓ ମୋଟର ସାଇକେଲ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଅଭିଷେକଙ୍କ ସହ ଏହି ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।


ଅଭିଷେକ ଯାଦବଙ୍କ ସହ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# 'ସଂସ୍କୃତ ବିନା ଭାରତୀୟ ସଂସ୍କୃତି ପରିକଳ୍ପନା ଅସମ୍ଭବ'


ମଞ୍ଚରେ ଉପସ୍ଥିତ ଅତିଥିମାନେ।

କେନ୍ଦୁଝର,୨୩।୯(ଦୀପକ ମିଶ୍ର)

ଡିଏନ ହାଇସ୍କୁଲ ଅଡିଟରିୟମରେ କେନ୍ଦୁଝର ଜିଲାସ୍ତରୀୟ ସଂସ୍କୃତ ଦିବସ ସମାରୋହ ଶନିବାର ଜିଲା ସଭାପତି ପଣ୍ଡିତ ପ୍ରଶାନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କେନ୍ଦୁଝରର ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡଃ ଜଗବନ୍ଧୁ ସାହୁ, ମୁଖ୍ୟ ବକ୍ତାଭାବେ ଉତ୍କଳ ସଂସ୍କୃତଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ଡଃ କୁମାର ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥିଭାବରେ ଡ. ଅକ୍ଷୟ ଦାଶ, ପଣ୍ଡିତ ସଦାଶିବ ମିଶ୍ର, ପ୍ରଧାନ ଶିକ୍ଷକ ପ୍ରବୀର କୁମାର ମହାନ୍ତି ଯୋଗଦେଇ ସଂସ୍କୃତ ବିନା ଭାରତୀୟ ସଂସ୍କୃତି ପରିକଳ୍ପନା ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ପଣ୍ଡିତ ଡଃ ମଧୁସୂଦନ ମିଶ୍ର ଅତିଥି ପରିଚୟ, ସ୍ୱାଗତଭାଷଣ ସହିତ ମଞ୍ଚ ପରିଚାଳନା କରିଥିଲେ। ପଣ୍ଡିତ ସୁରେଶ ନୟକ ଧନ୍ୟବାଦ ଅର୍ପଣ କରିଥିଲେ। ନୂତନ କର୍ମକର୍ତ୍ତା ମୁଖ୍ୟ ମନୋନୟନ କରାଯାଇଥିଲା। ବିଜୟ ମହାନ୍ତ ସଭାପତି, ସୁରେଶ ନାୟକ ସମ୍ପାଦକ, ଦେବଯାନୀ ମିଶ୍ର ଉପସଭାପତି, ଚିତ୍ତରଞ୍ଜନ ପଟ୍ଟନାୟକ କୋଷାଧ୍ୟକ୍ଷ ଭାବରେ ମନୋନୀତ ହୋଇଥିଲେ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ଟ୍ରକ୍ ଧକ୍କାରେ ଜଣେ ମୃତ, ରାସ୍ତାରୋକୋ

କେନ୍ଦୁଝର,୨୩।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଫୁଲଝରସ୍ଥିତ ଆର୍ଡେଣ୍ଟ ପ୍ଲାଣ୍ଟ ସମ୍ମୁଖରେ ଏକ ଅଜଣା ଟ୍ରକ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଫୁଲଝର ଗ୍ରାମର ଫକୀର ମହାକୁଡ(୪୦)। ଦୁର୍ଘଟଣା ପରେ ସେଠାରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ଶବ ଜବତ କରି ତଦନ୍ତ ଚଳାଇଛି। ଫକୀର ଅନ୍ଧାରୀଖମଣ ଗ୍ରାମରୁ ଖେଳ ଦେଖି ଫେରୁଥିଲା ବେଳେ ଏକ ଅଜଣା ଟିପ୍ପର ଧକ୍କା ଦେଇ ଫେରାର ହୋଇଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପକ୍ଷେ ଶନିବାର ଫୁଲଝର ଗ୍ରାମରେ ସାପ୍ତାହିକ ହାଟ। ଏଣୁ ଏହି ଦିନରେ ଭାରିଯାନ ଚଳାଚଳ ଉପରେ କଟକଣା କରାଯାଇଛି। ସେହିପରି ସ୍ଥାନୀୟ ପ୍ଲାଣ୍ଟ ପକ୍ଷରୁ ମଧ ସୁରକ୍ଷା ବ୍ୟବସ୍ଥା ଦିଆଯାଇ ଭାରିଯାନ ଚଳାଚଳ ନିୟନ୍ତ୍ରଣ କରାଯାଇଥାଏ। ତେବେ କିଭଳି ଏହି ଭାରିଯାନ ଗଲା ତାହାକୁ ନେଇ ସ୍ଥାନୀୟ ଲୋକ ପ୍ରଶ୍ନ କରି ରାସ୍ତାରୋକ ଜାରି ରଖିଛନ୍ତି।

PANCHAYAT SAMITI OFFICE
G. UDAYAGIRI, KANDHAMAL
G. Udayagiri, Kandhamal (ODISHA), PIN-762100
Adv. No. 2878/21.09.2023
No. i-393::- Sealed tenders are invited from intended "C & B" class of registered State Governments and Contractors of eqivalent Grades / Class Registered with Central Government / MES / Railways to be eventually drawn up in PWD P-1 Agreement form, for execution of Civil work under Panchayat Samiti, G.Udayagiri, Kandhamal District. The details information is available in www.kandhamal.nic.in
Sd./- Block Development Officer, G. Udayagiri, Kandhamal
OIPR-19055/11/0001/2324

ODISHA COOPERATIVE TASAR & SILK FEDERATION (SERIFED) LTD.
Sahid Nagar, Janpath, Bhubaneswar - 751007
Tel.: 2545586/2545852, email: serifedodisha@gmail.com
Website: www.serifedodisha.in
TENDER CALL NOTICE
Bid Identification No.: VI-46(04)/SERIFED/2023-24/1802/21.09.2023
No. CAD-2147: The MANAGING DIRECTOR (SERIFED), Odisha, Bhubaneswar invites sealed tenders in Single Cover Bids from the registered contractors. The bid documents such as DTCN/BOQ etc. can be seen/downloaded from the website: www.serifedodisha.in during the period Dt.27.09.2023 to 5.00 P.M. upto 06.10.2023. Tender shall be received till 5.00 P.M. on 06.10.2023 & shall be opened at 11.30 A.M. on 07.10.2023. Any addendum/corrigendum/cancellation of tender can also be seen in the said website.
OIPR-39036/11/0009/2324 Sd./- Managing Director

# ମୁଖ୍ୟ ଅଭିଯୁକ୍ତଙ୍କୁ ଧରିପାରିନି ପୋଲିସ

ଧାମନଗର,୨୩।୯(ସନ୍ତୋଷ କୁମାର ମହାପାତ୍ର)

**ସ୍ୱାସ୍ଥ୍ୟକର୍ମୀଙ୍କ ମୃତ୍ୟୁ ଘଟଣାକୁ ସପ୍ତାହେ ବିତିଲା**

ଭଦ୍ରକ ଜିଲା ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ରାଧାବଲ୍ଲଭପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ବସନ୍ତ ସାହୁଙ୍କ ମୃତ୍ୟୁ ଘଟଣାକୁ ସପ୍ତାହେ ବିତିଯାଇଥିଲେ ମଧ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ଘଟଣା ପରେ ସନ୍ଦେହଘେରରେ ୪ଦିନ ପଚରାଉଚରା କରିବା ପରେ କଲ୍ୟାଣୀ ପଞ୍ଚାୟତ ବନସର ଗାଁର ଲିଙ୍ଗରାଜ ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା।

ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ବସନ୍ତ ଗତ ୧୫ ତାରିଖ ସନ୍ଧ୍ୟାରେ ଘରକୁ ଫେରି ନ ଥିବାବେଳେ ପରଦିନ ସକାଳୁ ଜରାନିବାସ ନିକଟ ଢିପରେ ତାଙ୍କ ମୃତଦେହ ମିଳିଥିଲା। ତାଙ୍କ ବାଇକ୍ ଦୋବଲ କାଳୀବଜାର ପାଖରେ ଥିବା ଜଣାପଡ଼ିଥିଲା। ଏହି ମୃତ୍ୟୁକୁ ନେଇ ବସନ୍ତଙ୍କ ଭାଇ ସନ୍ତୋଷ ଧାମନଗର ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ତଦନ୍ତ କରିଥିଲା। ଧୁଷୁରୀ ଥାନା ଅସୁରାଳି ଅଞ୍ଚଳର ଜଣେ ବ୍ୟକ୍ତି ଓ ତାଙ୍କ ସହଯୋଗୀମାନେ ବସନ୍ତଙ୍କୁ ହତ୍ୟା କରିଥିବା ସେ ଏତଲାରେ ଦର୍ଶାଇଥିଲେ। ଉକ୍ତ ବ୍ୟକ୍ତିଙ୍କ ପତ୍ନୀ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ଥାୟୀ ସ୍ୱାସ୍ଥ୍ୟକର୍ମୀ ଭାବେ ନିଯୁକ୍ତି ପାଇଥିଲେ। ବସନ୍ତ ଓ ତାଙ୍କ ଭିତରେ ସମ୍ପର୍କ ବଢ଼ିଥିଲା। ବସନ୍ତଙ୍କୁ ଏଥିରୁ ଦୂରେଇ ରହିବାକୁ ବାରମ୍ବାର ଧମକ ଦେଇଥିଲେ ଉକ୍ତ ବ୍ୟକ୍ତି। ହତ୍ୟା ପଛରେ ଉକ୍ତ ବ୍ୟକ୍ତି ସମ୍ପୃକ୍ତ ଥିବା ବସନ୍ତଙ୍କ ଭାଇ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ଫନୀନ୍ଦ୍ର ନାୟକଙ୍କୁ ପଚାରିବାରୁ ଜଣେ ସହଯୋଗୀଙ୍କୁ ଗିରଫ କରାଯାଇଛି ଏବଂ ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

# ପେଟ କାଟିବାରୁ ଯୁବକଙ୍କ ମୃତ୍ୟୁ

ବାହାନଗା, ୨୩।୯(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଆରୁହାବାଡ ପଞ୍ଚାୟତର ଦୋଳପୁର ଗ୍ରାମର ଜଣେ ଯୁବକଙ୍କ ରାତିରେ ପେଟ କାଟିବାରୁ ତାଙ୍କୁ ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏଥିନିମନ୍ତେ ଗୋପାଳପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୯/୨୩) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ମୃତ ଯୁବକ ହେଲେ ଦୋଳପୁର ଗ୍ରାମର ରତିକାନ୍ତ ମହାଳିକ(୧୪)। ଶୁକ୍ରବାର ରାତିରେ ଗ୍ରାମର ଗଣେଶ ଭସାଣି ହୋଇଥିଲା। ଏଥିରେ ସେ ସାଙ୍ଗମାନଙ୍କ ସହିତ ଭସାଣି ସାରି ଭୋଜି ଖାଇ ଘରକୁ ରାତିରେ ଫେରିଥିଲେ। ଶୋଇବା ପରେ ରତିକାନ୍ତଙ୍କ ପେଟ କାଟିବାରୁ ତାଙ୍କ ମା' ଶୋଇପଡିବାକୁ କହିଥିଲେ। ମାତ୍ର ରାତିରେ ଜୋରରେ ପେଟ କାଟିବାରୁ ବାଧ୍ୟ ହୋଇ ରତିକାନ୍ତଙ୍କୁ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ପ୍ରକୃତରେ ମୃତ୍ୟୁର କାରଣ ଜଣାପଡିନାହିଁ । ସେହିପରି ସେହି ଗ୍ରାମର ଅନ୍ୟଜଣେ ଯୁବକ ଗୁରୁତର ଅବସ୍ଥାରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

GOVERNMENT OF ODISHA No.B-938:
OFFICE OF THE SUPERINTENDING ENGINEER
GANJAM [R&B] DIVISION NO.II, BERHAMPUR
Phone/Fax: 0680-2233996, e-mail: sernb2.ganjam@gmail.com
INVITATION FOR BIDS (IFB) [e-Procurement]
TENDER CALL NOTICE
Bid Identification No. SC (R&B)-GM-II-26/2023-24
No. Dated. 16.09.2023
1)The Superintending Engineer, Ganjam [R&B] Division No. II, Berhampur on behalf of Governor of Odisha invites percentage rate bid in Double cover system to be received in ONLINE MODE only for the work as detailed below:
2) Nature of Work : Road work
3) No. of work : 01 No.
4) Tender Cost : Rs.10,000/-
5) Class of Contractor : 'B' Class
6) Availability of bid documents in the website : From 25.09.2023 10.00 AM to 06.10.2023 4.00 P.M.
7) Date of opening of Bid : 07. 10.2023 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) The bidders must submit all the original uploaded documents within 03 days from opening of the tender.
(Sd./- S. Patel)
Superintending Engineer
Ganjam (R&B) Division No. II
OIPR-34080/11/0020/2324

# ନିର୍ବାଚିତ ପ୍ରତିନିଧି, ବିଜେଡି କର୍ମୀଙ୍କ ବୈଠକ

ରାଇବଣିଆ, ୨୩।୯(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱରରେ ମୂରଲୀ କଲ୍ୟାଣ ମଣ୍ଡପ ନିକଟରେ ଶନିବାର ବିଜୁ ଜନତା ଦଳର ସମସ୍ତ କର୍ମୀ ଏବଂ ସମସ୍ତ ନିର୍ବାଚିତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ବିଜେଡି ବ୍ଲକ ସଭାପତି ଦିଲୀପ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ବ୍ଲକ ଉପାଧ୍ୟକ୍ଷ ସଞ୍ଚିତା ସେନାପତି, ମନ୍ତ୍ରୀଙ୍କ ଜଳେଶ୍ୱର ପ୍ରତିନିଧି ବ୍ରିଜେଶ ରଣା, ଜିଲା ପରିଷଦର ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ଜଳେଶ୍ୱର ପୌରପରିଷଦ ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନଙ୍କ ସହିତ ଜଳେଶ୍ୱର ନିର୍ବାଚନମଣ୍ଡଳୀର ସମସ୍ତ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ନିର୍ବାଚିତ ପ୍ରତିନିଧି ଓ ଅନ୍ୟମାନେ।

# ଗଣେଶ ପୂଜା ମହୋତ୍ସବ: କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା


ମଞ୍ଚରେ ଉପସ୍ଥିତ ଅତିଥିମାନେ।

ଯୋଡ଼ା,୨୩।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବିରିକଳା ପଞ୍ଚାୟତର ବିଲେଇପଦାଠାରେ ଛାତ୍ର ପ୍ରଗତୀ ଯୁବକ ସଂଘ ପକ୍ଷରୁ ପବିତ୍ର ଗଣେଶ ପୂଜା ଅବସରରେ ମହୋତ୍ସବ ଅନୁଷ୍ଠିତ ହୋଇଛି। ୪ ଦିନ ଧରି ପାଳିତ ହୋଇଥିବା କାର୍ଯ୍ୟକ୍ରମ ଓ ପ୍ରତିଯୋଗିତାରେ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂଘ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାମାଜିକକର୍ମୀ ତଥା ପଦ୍ମଶ୍ରୀ ଡଃ ତୁଳସୀ ମୁଣ୍ଡା, ସମ୍ମାନିତ ଅତିଥିଭାବେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ଦେଓଝର ପ୍ଲାଣ୍ଟର ସାମାଜିକ ଦାୟିତ୍ୱବୋଧ ଅଧିକାରୀ ପ୍ରଣବ ଦାସ, ବିଶିଷ୍ଟ ଶିଳ୍ପପତି ରାଜା ପଟ୍ଟନାୟକ, ସାମାଜିକକର୍ମୀ ଅନମୋଲ ଦାସ, ବିରିକଳା ପଞ୍ଚାୟତ ସମିତି ସଭ୍ୟ ଜ୍ଞାନରଞ୍ଜନ ଖୁଣ୍ଟିଆ, ନାଏବ ସରପଞ୍ଚ ଶକୁନ୍ତଳା ଖିଲାର, ରଞ୍ଜିତ ନାଏକ ପ୍ରମୁଖ ଯୋଗଦେଇଥିଲେ।

ଏଥି ସହିତ ନିଜ ଦେଶ ତଥା ରାଜ୍ୟ ସହ ନିଜ ଅଞ୍ଚଳ ପାଇଁ ସୁନାମ ଅର୍ଜନ କରିଥିବା ଉଶୁ ଖେଳାଳି ରମେଶ ମୁଣ୍ଡାଙ୍କ ସହ ଖବରଦାତା ନିର୍ମଳ ପତି, ସରୋଜିନୀ ଶତପଥି ଏବଂ ଶିକ୍ଷୟିତ୍ରୀ, ସାମାଜିକକର୍ମୀ, ଆଦର୍ଶ ଛାତ୍ରୀଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଛାତ୍ର ପ୍ରଗତୀ ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ପ୍ରଚେଷ୍ଟାରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିବା ବେଳେ ସଂଘର ଏତାଦୃଶ୍ୟ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସଂଘର ସଭାପତି ବିରସିଂ ମୁଣ୍ଡା, ସମ୍ପାଦକ ନରେଶ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତା ରଞ୍ଜିତ ବାରିକ, ସଞ୍ଜିତ ବାରିକ, ଦଶରଥ ମୁଣ୍ଡା, ପୁରୁଷୋତ୍ତମ ସାହୁ, ଅଂଶୁମାନ କାରୁଆ, ଲେଟ ହୋନହାଗା, ସୁଶାନ୍ତ ହୋନହାଗା, ଜୌନି ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
HEAD WORKS DIVISION, SAMAL
INVITATION FOR BIDS (IFB)
Email ID- ee.hwd.samal@gmail.com
'e'-Procurement Notice No. SE HWD- 07/2023-24
No.A-585:The Superintending Engineer, Head Works Division, Samal on behalf of Governor of Odisha invites Percentage Rate bid in single cover system to be received in ONLINE MODE from eligible contractors registered with the State Government, contractors of equivalent Grade/ Class Registered with Central Government/ MES/ Railways/CPWD for execution of different works mentioned as detailed below:

| | | | |
|---|---|---|---|
| 1 | No. of works | : | 7 (Seven) Nos. of work |
| 2 | Estimated Cost | : | Approximately 2.40 lakhs to 18.89 lakhs |
| 3 | Cost of tender paper | : | Rs. 2000.00 to Rs. 6000.00 (Non-refundable) |
| 4 | EMD/ Bid Security | : | Rs. 2400.00 to Rs. 18,889.00 (Refundable) |
| 5 | Class of contractor | : | 'Registered firm with valid labour license' and 'D' & 'C' Class |
| 6 | Period of Completion of work | : | During the FY 2023-24 |
| 7 | Date and time of availability of bid Document in the website | : | From 11.00 A.M of Dt. 25.09.2023 to 5.00 P.M. of Dt.04.10.2023 in the website (www.tendersodisha.gov.in) |
| 8 | Date, time and place of opening of online tender | : | Dt.05.10.2023 at 11.00 A.M in O/o the Superintending Engineer, Head Works Division, Samal |
| 9 | Date, time and place for finalization of tender through Transparent Lottery System (if required) | : | Dt.09.10.2023 at 3.30 PM onwards in O/o. the Superintending Engineer, Head Works Division, Samal |
| 10 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 11 | Name and Address of Officer inviting Tender | : | Superintending Engineer, Head Works Division, Samal, AT/P.O. Samal Barrage Township, Dist: Angul, Odisha, PIN-759037 Email ID- ee.hwd.samal@gmail.com |

The bidders have to participate in ONLINE biding only. Further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- Superintending Engineer
Head Works Division, Samal
OIPR-32020/11/0008/2324

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୪ ସେପ୍ଟେମ୍ବର, ୨୦୨୩



**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................



ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ରାୟଗଡ଼ା ଜିଲା କଂଗ୍ରେସ ନୂତନ କମିଟି ଗଠନରେ ବିଳମ୍ବ

# ନିର୍ବାଚନ ରଣନୀତିକୁ ନେଇ ପ୍ରଶ୍ନବାଚୀ

**ରାୟଗଡ଼ା,୨୩।୯(ଆଶିଷ ରଞ୍ଜନ ପଣ୍ଡା)**

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲାରେ କଂଗ୍ରେସ ସଭାପତି ପରିବର୍ତ୍ତନ ହୋଇଥିବା କୁହାଯାଇଥିଲା । ପୂର୍ବତନ ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ହେବା ପରେ ଜିଲା କଂଗ୍ରେସ ସଭାପତି ପଦ ଖାଲି ରହିଥିଲା । ଗତ ଜୁନ୍ ମାସରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ତଥା ବରିଷ୍ଠ ନେତା ବିଜୟ କୁମାର ଗମାଙ୍ଗଙ୍କୁ ଜିଲା ସଭାପତି ଘୋଷଣା କରାଯାଇଥିଲା । ତେବେ ବିଜୟଙ୍କ ସଭାପତି ଘୋଷଣା ହେବାର ୩ ମାସ ବିତିଯାଇଥିଲେ ମଧ୍ୟ ଜିଲା କଂଗ୍ରେସ କମିଟି ଏପର୍ଯ୍ୟନ୍ତ ଗଠନ ହୋଇପାରିନାହିଁ। ଫଳରେ ଆଗାମୀ ନିର୍ବାଚନ ପାଇଁ କଂଗ୍ରେସ ଜିଲାରେ କିଭଳି ନିଜର ରଣନୀତି ପ୍ରସ୍ତୁତ କରିବ ସେ ନେଇ କର୍ମୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବେ ରାଜ୍ୟର ଏକମାତ୍ର କଂଗ୍ରେସ ଏମ୍‌ପି ଭାବେ କୋରାପୁଟ ସଂସଦୀୟ କ୍ଷେତ୍ରରୁ ନିର୍ବାଚିତ ସପ୍ତଗିରି ଉଲାକାଙ୍କ ନିଜ ଜିଲା ହେଉଛି ରାୟଗଡ଼ା। ସେ ଏଆଇସିସି ସମ୍ପାଦକ ମଧ୍ୟ ଅଛନ୍ତି। ଯଦି ଏମ୍‌ପିଙ୍କ ଜିଲାରେ ଏଭଳି ଭାବେ ଜିଲା କମିଟି ଘୋଷଣାରେ ବିଳମ୍ବ ହୁଏ ତେବେ ଆଗାମୀ ନିର୍ବାଚନରେ ଦଳ ଉପରେ ଏହାର ବେଶ୍ ପ୍ରଭାବ ପଡ଼ିବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ଦେଉଛନ୍ତି।

ରାୟଗଡ଼ା ଜିଲାର ୩ ବିଧାନସଭା ନିର୍ବାଚନମଣ୍ଡଳୀ ଦୀର୍ଘ ବର୍ଷ ଧରି କଂଗ୍ରେସ ହାତରୁ ଚାଲିଯାଇଛି। ଏ ପରିପ୍ରେକ୍ଷୀରେ ନୂତନ ଜିଲା କମିଟି ଘୋଷଣା ନ ହେବା ଆଗାମୀ ନିର୍ବାଚନରେ ଦଳ ଉପରେ ବିପରୀତ ପ୍ରଭାବ ପକାଇପାରେ ବୋଲି କର୍ମୀ ମହଲରେ ଆଲୋଚନା ହେଉଛି । କାରଣ ଗତ ନିର୍ବାଚନଗୁଡ଼ିକରେ ସମୟକ୍ରମେ କଂଗ୍ରେସ ହାତରୁ ଉଭୟ କୋରାପୁଟ ଲୋକସଭା ଓ ଜିଲାର ୩ ବିଧାନସଭା ଆସନ ଚାଲିଯାଇଥିଲା। ୨୦୧୯ ସାଧାରଣ ନିର୍ବାଚନରେ ସପ୍ତଗିରି କୋରାପୁଟ ଲୋକସଭା ଆସନରୁ ବିଜୟୀ ହୋଇ ପୁଣି ଦଳକୁ ସୁଦୃଢ଼ କରିଥିଲେ । ତେବେ ଏ ସମ୍ପର୍କରେ ଜିଲା କଂଗ୍ରେସ ସଭାପତି ବିଜୟ କୁମାର ଗମାଙ୍ଗ କହିଛନ୍ତି, ଖୁବଶୀଘ୍ର କମିଟି ଗଠନ ହେବ । ଅପରପକ୍ଷେ କିଛି ଦିନ ତଳେ ଜିଲାର ୩ ନିର୍ବାଚନ ମଣ୍ଡଳୀ ପାଇଁ ରାଜ୍ୟସ୍ତରୀୟ ଆଲୋଚନା ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏଥିରୁ ଦଳରେ ଏକ ପ୍ରକାର ଗୋଷ୍ଠୀ କନ୍ଦଳ ଚାଲିଥିବା କର୍ମୀ ମହଲରେ ଆଲୋଚନା ହେଉଛି।

# ଜାତି ଜନଗଣନାକୁ ପ୍ରଧାନମନ୍ତ୍ରୀ ଡରୁଛନ୍ତି କାହିଁକି: ରାହୁଲ

**ଜୟପୁର,୨୩।୯ (ପି.ଟି.)**

ଦେଶରେ ଜାତିଭିତ୍ତିକ ଜନଗଣନା କରାଇବା ଉପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଗୁରୁତ୍ୱାରୋପ କରିଛନ୍ତି। ଜାତି ଜନଗଣନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡରୁଛନ୍ତି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜସ୍ଥାନର ଜୟପୁରରେ ଦଳୀୟ କର୍ମୀମାନଙ୍କ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ରାହୁଲ କହିଥିଲେ, ଦେଶର ନାଁ ଇଣ୍ଡିଆରୁ ଭାରତ କରିବା ପାଇଁ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିଲା। ଏହା ବଦଳରେ ମହିଳା ସଂରକ୍ଷଣ ବିଲ୍ ଆଗତ କରାଗଲା। ଏହି ବିଲ୍ ଏବେଠାରୁ ପାର୍ଲାମେଣ୍ଟ ଓ ବିଧାନସଭାରେ କାର୍ଯ୍ୟକାରୀ ହୋଇପାରନ୍ତା। କିନ୍ତୁ ସରକାର ନୂଆ ଜନଗଣନା ଏବଂ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଆଳରେ ଏହାକୁ ୧୦ ବର୍ଷ ସ୍ଥଗିତ ରଖିବାକୁ ଚାହୁଁଛନ୍ତି ବୋଲି କଂଗ୍ରେସ ନେତା ଅଭିଯୋଗ କରିଛନ୍ତି। ଆମେ ଓବିସିମାନଙ୍କ ଅଂଶଗ୍ରହଣ ଉପରେ ଆଲୋଚନା କରୁଥିବାବେଳେ ଜାତି ଜନଗଣନା ବିନା ଏହା କରାଯାଇପାରିବ ନାହିଁ। ପ୍ରଧାନମନ୍ତ୍ରୀ ଓବିସିଙ୍କୁ ସମ୍ମାନ କଥା କହୁଥିବାବେଳେ ଜାତି ଜନଗଣନାକୁ ତାଙ୍କର ଭୟ କ'ଣ ପାଇଁ ବୋଲି ରାହୁଲ ପ୍ରଶ୍ନ ଉଠାଇଛନ୍ତି। କଂଗ୍ରେସ ପୂର୍ବରୁ ଜାତି ଜନଗଣନା କରିଥିଲା ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କୁହନ୍ତୁ। ଆଗାମୀ ଜନଗଣନା ଜାତି ଆଧାରରେ କରାଯାଉ ବୋଲି ରାହୁଲ ଦାବି କରିଛନ୍ତି।



ଜୟପୁରସ୍ଥିତ କନ୍‌ଷ୍ଟିଟ୍ୟୁଶନ୍ କ୍ଲବ୍ ଉଦ୍‌ଘାଟନୀ ଉତ୍ସବ ଅବସରରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତ୍ରୀ ବସୁନ୍ଧରା ରାଜେ ସିନ୍ଧିଆଙ୍କୁ ଦେଖିବାକୁ ମିଳିଛି। ରାଜସ୍ଥାନ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଶୁକ୍ରବାର ରାତିର ଏହି ଫଟୋ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇ ହଟଚମଟ ସୃଷ୍ଟି କରିଛି। ଗେହଲଟ୍ ଓ ବସୁନ୍ଧରାଙ୍କ ସହ ବିଧାନସଭା ବାଚସ୍ପତି ସି.ପି. ଜୋଷୀ ଏବଂ ବିରୋଧୀ ଦଳ ନେତା ରାଜେନ୍ଦ୍ର ରାଠୋର ଉପସ୍ଥିତ।

## ବିଜେଡିରୁ ୨ ବହିଷ୍କୃତ

**ଭୁବନେଶ୍ୱର,୨୩।୯(ଅନିଲ ଦାସ):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିରିଂ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସମାଡ ଏବଂ ଏସ୍‌ଡିସି ସଦସ୍ୟ ଜଲେନ ନାଏକଙ୍କୁ ବିଜୁ ଜନତା ଦଳରୁ ବହିଷ୍କାର କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଦଳ ବିରୋଧୀ କାର୍ଯ୍ୟ ପାଇଁ ଉଭୟଙ୍କୁ ବହିଷ୍କାର କରାଯାଇଛି। ଏ ନେଇ ଶନିବାର ବିଜେଡି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ସମ୍ବଲପୁର ବିଧାନସଭା

# ସବୁ ଦଳରେ ଏକାଧିକ ଆଶାୟୀ

**ସମ୍ବଲପୁର,୨୩।୯(ଶୁଭାଶିଷ ପାଢ଼ୀ)**



ସାଧରଣ ନିର୍ବାଚନ ପାଇଁ ଘୋଷଣା ହୋଇ ନ ଥିଲେ ମଧ୍ୟ ରାଜନୈତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ସମ୍ବଲପୁର ବିଧାନସଭାମଣ୍ଡଳୀରେ ଏବେକାର ସ୍ଥିତିରେ ପ୍ରମୁଖ ଦଳ ଭାଜପା, ବିଜେଡି, କଂଗ୍ରେସ ସଙ୍ଗଠନ କ୍ଷେତ୍ରରେ ଦୁର୍ବଳ ଥିବା ରାଜନୈତିକ ବିଶ୍ଳେଷକ ମହଲରେ ଆଲୋଚନା ହେଉଛି । ପ୍ରତ୍ୟେକ ଦଳରେ ଏକାଧିକ ଆଶାୟୀ ନିର୍ବାଚନ ମଇଦାନରେ ଓହ୍ଲାଇବାକୁ ଆଶା ରଖିଛନ୍ତି। ଶାସକ ବିଜେଡି ସମେତ କଂଗ୍ରେସ ନୂଆଁମୁହଁଙ୍କୁ ପ୍ରାର୍ଥୀ କରିପାରେ ବୋଲି ଆଲୋଚନା ହେଉଥିବା ବେଳେ ଭାଜପା ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ପୁଣି ପ୍ରାର୍ଥୀ କରିପାରେ କର୍ମୀମହଲରେ ଚର୍ଚ୍ଚା ଚାଲିଛି।

ଭାଜପାରୁ ଜୟନାରାୟଣ ବିଜୟୀ ହୋଇଥିଲେ ମଧ୍ୟ ଦଳର ସ୍ଥିତି ଦୁର୍ବଳ ଥିବା କୁହାଯାଉଛି। ସଭାସମିତି, ରାଲି, ବିକ୍ଷୋଭରେ ସମର୍ଥକ ଓ କର୍ମୀଙ୍କ ଆଶାନୁରୂପକ ଦେଖା ମିଳୁନାହିଁ। ଏଥିରେ ଜିଲା ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱର ଅଭାବ ଓ ବିଧାୟକ ମିଶ୍ରଙ୍କ ଅନୁପସ୍ଥିତିକୁ କେତେକ କର୍ମୀ ଦାୟୀ କରୁଛନ୍ତି। ବରଗଡ ଏମ୍‌ପି ସୁରେଶ ପୂଜାରୀ ସମ୍ବଲପୁରରେ ସମୟ ଦେଇ ନ ପାରିବାକୁ ମଧ୍ୟ ଏକ କାରଣ ବୋଲି କୁହାଯାଉଛି। ଭାଜପାରେ ସୀମାଞ୍ଚଳ ଖଟେଇ, ଜିଲା ସଭାପତି ପଟେଲ ଆଶାୟୀ ଥିବା ଦଳୀୟ କର୍ମୀମାନେ କହୁଛନ୍ତି। ସେହିପରି ଶାସକ ବିଜେଡି ମଧ୍ୟ ସଙ୍ଗଠନକୁ ନେଇ ବେଶ ଚିନ୍ତିତ। ରାଜ୍ୟ ସାଙ୍ଗଠିନକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ନିଜେ ସୁଧାର ଆଣିବା ପାଇଁ ଦାୟିତ୍ୱ ନେଇଛନ୍ତି। ସେ ଏଠାକୁ ଆସି ବୈଠକ କରୁଛନ୍ତି। ହେଲେ ଦଳ ଭିତରେ ମତାନ୍ତର ଥିବା ଚର୍ଚ୍ଚା ହେଉଛି। ବିଜେଡି ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ୨୦୧୯ ନିର୍ବାଚନରେ ମାତ୍ର ୪୩୮୦ ଭୋଟରେ ବର୍ତ୍ତମାନର ବିରୋଧୀ ଦଳ ନେତା ଜୟନାରାୟଣଙ୍କଠାରୁ ପରାଜିତ ହୋଇଥିଲେ। ଭୋଟ ବ୍ୟବଧାନ ଓ ତାଙ୍କର ଛବିକୁ ନେଇ ସେ ଆଗାମୀ ନିର୍ବାଚନରେ ପ୍ରମୁଖ ଦାବିଦାର ସହ ଆଶାୟୀ ଅଛନ୍ତି। ଏହା ସହ ପୂର୍ବତନ ଜିଲା ସଭାପତି ଡ. ପ୍ରମୋଦ ରଥ, କେନ୍ଦୁପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି ଟିକେଟ ଦୌଡ଼ରେ ଅଛନ୍ତି ବୋଲି ଆଲୋଚନା ହେଉଛି । ଡ. ରଥ ବିଜେଡି ଜିଲା ସଭାପତି ରହିଥିବା ସମୟରେ ଜିଲାର ସଙ୍ଗଠନ ସୁଚାରୁରୂପେ କରିଥିଲେ। ତେଣୁ ସମ୍ବଲପୁର ବିଧାନସଭା ଉପରେ ତାଙ୍କର ନଜର ରହିଛି। ଯୁବନେତା ମହାନ୍ତି ମଧ୍ୟ ଯୁବଛାତ୍ର ସଙ୍ଗଠନ ସହ ବିଭିନ୍ନ ମହିଳା ଓ ପୁରୁଷ ଶ୍ରମିକ ସଙ୍ଗଠନ ପରିଚାଳନା କରୁଛନ୍ତି। ସମଲେଇ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ତଥା କାଳିଆ ଯୋଜନାର ଉପଦେଷ୍ଟା ସଞ୍ଜୟ ବାବୁଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। କଂଗ୍ରେସ ଦଳରେ ଜିଲା ସଭାପତି ଅଶ୍ୱିନୀ ଗୁରୁଙ୍କୁ ଦାୟିତ୍ୱରୁ ହଟାଇ ଆସଫ ଅଲ୍ଲି ଖାନଙ୍କୁ ଦିଆଯାଇଛି। ଆସଫ ମଧ୍ୟ ଦଳୀୟ କାର୍ଯ୍ୟକ୍ରମ କରିବା ପରେ ପଦରୁ ଇସ୍ତଫା ଦେଇଥିଲେ। ହେଲେ ଗ୍ରହଣ କରାଯାଉ ନାହିଁ।

ସବୁ ଦଳର ଆଶାୟୀମାନେ ଭିତିରିଆ ବିଭିନ୍ନ ସ୍ଥାନରେ ସଭାସମିତି କରୁଛନ୍ତି। ଏପରି କି ଭାଜପାର ଆଶାୟୀମାନେ କେନ୍ଦ୍ରୀୟ ନେତାଙ୍କ ପାଖାପାଖି ହୋଇ ଟିକେଟ ଲବି କରୁଛନ୍ତି। ଭାଜପା ବିଚାର ଧାରାରେ ରହିଥିବା ଛାୟା ସଙ୍ଗଠନର ଜଣେ ଯୁବ କମକର୍ତ୍ତା ମଧ୍ୟ ଆଶାୟୀ ଦୌଡରେ ଅଛନ୍ତି । ହେଲେ ବିଧାୟକ ଜୟଙ୍କ ବିକଳ୍ପ ଦଳରେ ଅଭାବ ରହିଛି। କଂଗ୍ରେସରୁ ପୂର୍ବରୁ ପ୍ରାର୍ଥୀ ହୋଇଥିବା ଆଇନଜୀବୀ ସୁରେଶ୍ୱର ମିଶ୍ରଙ୍କ ସମେତ ଅମିତ ଗୁରୁ, ଦୁଲାଲ ପ୍ରଧାନ ଆଶାୟୀ ରହିଛନ୍ତି। ସୂଚନାଯୋଗ୍ୟ ଏହି ବିଧାନସଭା କ୍ଷେତ୍ରରେ ମୋଟ ୨ ଲକ୍ଷ ୯୯ ଭୋଟର ଏପର୍ଯ୍ୟନ୍ତ ତାଲିକାରେ ରହିଛନ୍ତି।

# ବିଜେଡି ଛାଡ଼ି ଭାଜପାରେ ତିରିଂ ବ୍ଲକ ଅଧ୍ୟକ୍ଷ



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଦଳୀୟ ନେତୃବୃନ୍ଦଙ୍କ ସହ ଅନ୍ୟଦଳରୁ ଆସି ଯୋଗଦେଇଥିବା ନେତା ଓ କର୍ମୀ।

**ଭୁବନେଶ୍ୱର,୨୩।୯(ଅନିଲ ଦାସ):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିରିଂ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସମାଡ ଆନୁଷ୍ଠାନିକ ଭାବେ ବିଜେଡି ଛାଡି ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି। ଶନିବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସେ ଓ ତାଙ୍କ ସମର୍ଥକମାନେ ଭାଜପାରେ ସାମିଲ ହୋଇଛନ୍ତି। ସମାଡଙ୍କ ସମେତ ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାର୍ଦା, ପାଣ୍ଡୁପଲ୍ଲୀ ଗ୍ରାମପଞ୍ଚାୟତ ସରପଞ୍ଚ ସୁନ୍ଦରମୋହନ ବାସ୍କେ, ତିରିଂ ସମିତି ସଭ୍ୟା ଅଞ୍ଜନା ବେହେରା, ବିଜେଡି ନେତା ସମୀର ମାରାଣ୍ଡି, ସୁନ୍ଦର ମୋହନ ଟୁଡୁ, ଧନାଇ ମାରାଣ୍ଡି, ରବୀନ୍ଦ୍ର ବିରୁଳି, ମୋଚିରାମ ମାରାଣ୍ଡି, ନୀତିମା ସମାଡ ପ୍ରମୁଖ ବହୁ ନେତା ନିଜ ନିଜ ସମର୍ଥକଙ୍କ ଗହଣରେ ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ଯଦୁନାଥ ସୋରେନ, ପରେଶ ମାରାଣ୍ଡି, ଭଦ ସୋରେନ ପ୍ରମୁଖ ନିଜ ନିଜ ସମର୍ଥକଙ୍କ ଗହଣରେ ଜେଏମ୍‌ଏମ୍ ଦଳ ଛାଡି ଭାଜପାରେ ସାମିଲ ହୋଇଛନ୍ତି । ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସାମିଲ ହୋଇଥିବା ସମସ୍ତ ସଦସ୍ୟଙ୍କୁ ରାଜ୍ୟ ସଭାପତି ଏବଂ କେନ୍ଦ୍ରମନ୍ତ୍ରୀ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି । ରାଜ୍ୟରେ ଗଣତନ୍ତ୍ର ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି । ଆଗାମୀ ସାଧାରଣ ନିର୍ବାଚନରେ କେନ୍ଦ୍ରରେ ମୋଦିଜୀଙ୍କ ନେତୃତ୍ୱରେ ସରକାର ଗଠନ ହେବା ସହିତ ରାଜ୍ୟରେ ମଧ୍ୟ ଭାଜପାର ଡବଲ୍ ଇଞ୍ଜିନ ସରକାର ଗଠନ ହେବ ବୋଲି ସମାଡ କହିଛନ୍ତି।

ଏହି ମିଶ୍ରଣ ପର୍ବରେ ମୟୂରଭଞ୍ଜ ରାଇରଙ୍ଗପୁର ସାଙ୍ଗଠନିକ ଜିଲା ସଭାପତି ତଥା ବିଧାୟକ ନବଚରଣ ମାଝି, ଯଶୀପୁର ବିଧାୟକ ଗଣେଶରାମ ଖୁଣ୍ଟିଆ,ପୂର୍ବତନ ଏମ୍‌ପି ଲକ୍ଷ୍ମଣ ଟୁଡୁ, ରାଜ୍ୟ ସମ୍ପାଦକ ନବୀନ ରାମ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# 'ନାରୀଶକ୍ତି ବନ୍ଦନ ଅଧିନିୟମ' ବାର୍ତ୍ତା ୫୦,୦୦୦ ଗାଁରେ ପହଞ୍ଚାଇବ ଭାଜପା

## ଦେଶରେ ମହିଳାଙ୍କ ଭାଗୀଦାରି ବୃଦ୍ଧି ପାଇବ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୩।୯(ଅନିଲ ଦାସ):** ରାଜ୍ୟ ସଭା ଓ ଲୋକ ସଭାରେ ମହିଳା ସଂରକ୍ଷଣ ସମ୍ବିଧାନ ସଂଶୋଧନ ବିଲ୍ ତଥା 'ନାରୀଶକ୍ତି ବନ୍ଦନ ଅଧିନିୟମ' ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି। ଓଡ଼ିଶାର ୫୦ ହଜାର ଗାଁରେ ସାଧାରଣ ସଭା କରି ମୋଦିଜୀଙ୍କ ଏହି ଐତିହାସିକ ବାର୍ତ୍ତାକୁ ପହଞ୍ଚାଯିବ ବୋଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଶନିବାର ମହିଳା ମୋର୍ଚ୍ଚା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ଭାଜପା ଭାରତର ପ୍ରଥମ ରାଜନୈତିକ ଦଳ, ଯିଏ ୧୯୯୪ରେ ଗୁଜରାଟର ଭଦୋଦରାରେ ଅନୁଷ୍ଠିତ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ସଂସଦ ଏବଂ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ସପକ୍ଷରେ ଏକ ଆନୁଷ୍ଠାନିକ ସଂକଳ୍ପ ଗୃହୀତ କରିଥିଲା। ଏଥିପାଇଁ ଆବଶ୍ୟକ ସମ୍ବିଧାନ ସଂଶୋଧନ ଦାବି କରିଥିଲା। ତେବେ ଭାଜପା ସବୁବେଳେ ମହିଳାଙ୍କୁ ଜନପ୍ରତିନିଧିତ୍ୱ କ୍ଷେତ୍ରରେ ସଂରକ୍ଷଣ ଦେବା ପାଇଁ ଦଶନ୍ଧି ଦଶନ୍ଧି ଧରି ଚେଷ୍ଟା କରିଆସିଛି। ଏହି ଅଧିନିୟମକୁ ସବୁବେଳେ ସମର୍ଥନ କରିଆସିଛି । ଆମ ରାଜ୍ୟରେ ୧୪୭ ସଂଖ୍ୟା ବିଶିଷ୍ଟ ବିଧାନସଭାରେ ୧୮ ଜଣ ବିଧାୟିକା ଥିବାବେଳେ ଏହି ସଂଖ୍ୟା ବଢ଼ି ୪୯ ହେବ। ମହିଳା ସଶକ୍ତୀକରଣ ଓଡ଼ିଶାରେ ବହୁତ ଆଗରୁ ରହିଛି । ଏଠାରେ ମହିଳା ସଶକ୍ତୀକରଣର ଯେଉଁ ଧାରା ଅଛି, ମୋଦି ସରକାରଙ୍କ ନିର୍ଣ୍ଣୟ ତାହାକୁ ଗତିଶୀଳ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଏହି ପଦକ୍ଷେପ ଆମ ଦେଶର ନାରୀଶକ୍ତିକୁ ଏକ ନୂତନ ଶକ୍ତି ପ୍ରଦାନ କରିବ । ଏଥିସହ ଦେଶରେ ରାଜନୈତିକ କ୍ଷେତ୍ରରେ ମହିଳାଙ୍କ ଭାଗୀଦାରି ବୃଦ୍ଧି ପାଇବ। ତେବେ ମାତୃଶକ୍ତି ପାଇଁ ପବିତ୍ର ଦୁର୍ଗାପୂଜାର ଉପହାର ଏହାଠୁ ବଡ଼ କିଛି ହୋଇ ନ ପାରେ । ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପରବେଡ଼ାର ଅଖ୍ୟାତ ପଲ୍ଲୀରୁ ଦ୍ରୌପଦୀ ମୁର୍ମୁଙ୍କ ଭଳି ଜନଜାତି ସମ୍ପ୍ରଦାୟର ନେତ୍ରୀଙ୍କୁ ରାଷ୍ଟ୍ରପତି ପଦବୀରେ ପ୍ରତିଷ୍ଠିତ କରାଇଛନ୍ତି। ଭାରତର ମହିଳାମାନଙ୍କ ଅଧିକାରକୁ ଲମ୍ବା ସମୟ ଅଣଦେଖା କରାଯାଇପାରିବ ନାହିଁ ବୋଲି ଧର୍ମେନ୍ଦ୍ର କହିଛନ୍ତି ।


# Classified Everyday 0674-2580101, 2549949



REAL ESTATE

**SALE**

ପୁରୀ ସାକ୍ଷୀଗୋପାଳରେ 34000 ବର୍ଗଫୁଟ ଫାର୍ମହାଉସ୍ 40ଟି ନଡ଼ିଆ ଗଛ, ମାଛ ପୋଖରୀ ଥାଇ ବିକିବାକୁ ଚାହୁଁଛି। 7008833643. D-75221

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

ଝିଅ ବିଭାଘର ପାଇଁ ପୁରୀ-ପିପିଲି-ଜଟଣୀ ରୋଡ୍‌ରେ ୩୦ ଫୁଟ ରୋଡ୍‌ଥାଇ ୫ ଗୁଣ୍ଠ ଜମିକୁ 32,00,000/- ବିକ୍ରି କରିବି - 9853150290. D-75217

**A plot for commercial (gharabari corner East & North facing to Nakhara Niali NH Road at a very cheapest Price. 7809525452.** D-75041

ଭୁବନେଶ୍ୱର ହଂସପାଳ Astha College ପାଖରେ ଏବଂ ରଙ୍ଗବଜାର ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-75219

**ଭୁବନେଶ୍ୱର ଗଙ୍ଗପଡ଼ା HP ପେଟ୍ରୋଲ୍‌ପମ୍ପ ନିକଟରେ sqft.-899/-, Adyanta College ପାଖରେ 750/- boundary, road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। 9861319999, 9658891108.** D-75220



CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1384

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




1455 sqft. Commercial space on 1st floor at Vivekanand marg road, near Mausima Temple, Bhubaneswar suitable for Banks, Corporate office / Retail outlet, present occupants are ICICI Bank, Ramco Cements, Stock holding Corporation, Medplus, Green trends, call 8598923231 / 9437023231. D-71062

**1400sqft. in First Floor Rent for Office in Forest Park Bhubaneswar. No Parking Space. Contact- 9437024647, 9098913483.** D-1381

To Let 3000 Sft. well furnished RCC Godown, Rudrapur (NH16), Bhubaneswar suitable for electronics Items / Medicini, # 9437762395, 7978162382. D-65934

**RCC Godown 1600sqft. near Kesura (Puri Bypass), Bhubaneswar. Contact: 9853093344.** D-71693

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

On Janpath 2300 and 1450sqft. fully furnished AC Commercial Officespace on 3rd floor. Lift available. 8598923231, 9437023231. D-71063




**Relax, Refresh your body, Mind at Saikrupa Spa with best therapies. 8984068077.** D-1358

Bodyrelax/Mindfresh massage @800/- by trend therapist. 7008773793. D-75148

Spa Kerala body Massage only best Therapist @699/- Bhubaneswar. 9337672475. D-1364

**Newly open SPA positively health benefits with expert therapist. 9938843929.** D-75149

ଧରିତ୍ରୀ
DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

LOST

I Subom Mohapatra, S/o Sunil Kumar Mohapatra, aged about 23 years, R/o- Govindtola, P.S/P.O Dhanupali, Sambalpur, Odisha, do herely solemnly affirm by an affidavit declare that I had purchased the land AC 0.13 dec. at Putibandh, Sambalpur from Mr. Pradeep Kumar Pandey on dated 28.6.2021 vide Registration No. IN-OD 02112696472903T which was gifted to Mr. Pradeep Kumar Pandey vide gift deed bearing registration No. 11621302298 dated 13.5.2013 and plot No. 622/945. I have lost that Original link gift deed No.- 11621302298 dated 13.5.2013, on 22.09.2023 at about 12.15 PM in between Jail chowk and Govindtola. D-1387

# ସିୟୁଇଇ-୨୦୨୪ ଆବେଦନ ଆରମ୍ଭ



ଭୁବନେଶ୍ୱର,୨୩।୯

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ (ଓଡ଼ିଶା ଏବଂ ଏପି) ପକ୍ଷରୁ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା-୨୦୨୪ (ସିୟୁଇଇ-୨୦୨୪) ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ପାର୍ବତ୍ୟ ପୂର୍ବରୁ ଉଭୟ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ କ୍ୟାମ୍ପସ ପାଇଁ ଆବେଦନପତ୍ର ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଓଡ଼ିଶାର କୁଳପତି ସୁପ୍ରିୟା ପଟ୍ଟନାୟକ କହିଛନ୍ତି, ଜୀବନ ଗଠନ, ସମ୍ପ୍ରଦାୟକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ସେଞ୍ଚୁରିଅନ୍ ବିଶ୍ୱାସ କରିଥାଏ ଏବଂ ଆମର ବ୍ୟବହାରିକ ଶିକ୍ଷଣ ମଡେଲ ମଧ୍ୟ ଏହାର ପ୍ରମାଣ ବୋଲି ସେ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି। ସେହିଭଳି ବିଶ୍ୱବିଦ୍ୟାଳୟର ଆଡମିଶନ ଆଣ୍ଡ ମାର୍କେଟିଂ ନିର୍ଦ୍ଦେଶକ ସୁକାନ୍ତ ପରିଡ଼ା କହିଛନ୍ତି, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୧୪ ବିଦ୍ୟାଳୟର ୬୩ ଶିକ୍ଷା କାର୍ଯ୍ୟକ୍ରମ ପାଇଁ ଅଭିଳାଷୀ ଆବେଦନପତ୍ର ଗ୍ରହଣ କରାଯାଉଛି। ଏପରିକି ଆଶାୟୀ ଛାତ୍ରୀଛାତ୍ରୀମାନେ cuee.cutm.ac.inରେ ସିୟୁଇଇ-୨୦୨୪ (CUEE-2024) ପାଇଁ ଆବେଦନ କରିପାରିବେ।

# ଟର୍ମିନାଲ ଜରିଆରେ ୨୦,୦୦୦ କୋଟିର ବ୍ୟବସାୟ ଆକଳନ

## ପାରାଦୀପରେ କରାଯାଉ କଣ୍ଟେନର ଟର୍ମିନାଲ

ଭୁବନେଶ୍ୱର,୨୩।୯ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ବନ୍ଦର ପାରାଦୀପ ପୋର୍ଟ ପରିସରରେ ଏକ ଅତ୍ୟାଧୁନିକ କଣ୍ଟେନର ଟର୍ମିନାଲ ପ୍ରତିଷ୍ଠା କରାଯାଉ ବୋଲି ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଲଜିଷ୍ଟିକ୍ ମୁଖ୍ୟ ଭେଙ୍କଟେଶ୍ୱର ରାଓ ଭୁବନେଶ୍ୱର ଠାରେ ଆୟୋଜିତ ଦିବସିଆ ଲଜିଷ୍ଟିକ୍ ସମ୍ମିଳନୀରେ ସମ୍ବୋଧିତ କରି ଏଭଳି କିଛି କହିଛନ୍ତି। ସେହିଭଳି ଉକ୍ତ କଣ୍ଟେନର ଟର୍ମିନାଲର ବିକାଶ ଫଳରେ ରାଜ୍ୟକୁ ପ୍ରାୟ ୨୦,୦୦୦ କୋଟି ଟଙ୍କାର ବ୍ୟବସାୟ ଆସିବ ବୋଲି ସେ ଆକଳନ କରିଛନ୍ତି। ଏପରିକି ବର୍ତ୍ତମାନ ସମୟରେ ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗକୁ ଉକ୍ତ ବ୍ୟବସାୟ ଯାଉଛି। ବିଶେଷକରି କାର୍ଗୋ ଭଲ୍ୟୁମ୍ ଅନୁସାରେ ଓଡ଼ିଶା ଦେଶର ତୃତୀୟ ବୃହତ୍ତମ ବନ୍ଦର ପ୍ରଦେଶ ହୋଇଥିଲେ ମଧ୍ୟ ଏକମାତ୍ର ରାଜ୍ୟ ହୋଇରହିଛି, ଯାହାର ଏକ ଉତ୍ସର୍ଗୀକୃତ କଣ୍ଟେନର ଟର୍ମିନାଲ୍ ନାହିଁ। ବିଶେଷକରି ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ଉପରରେ ସମ୍ପୂର୍ଣ୍ଣ ନିର୍ଭର କରୁଛି। ବିଶାଖାପାଟଣା ବନ୍ଦର ବର୍ତ୍ତମାନ ଓଡ଼ିଶାର ୪୦ରୁ ୪୫% ମାଲର ନିୟନ୍ତ୍ରଣ କରୁଛି। ସେହିପରି କଣ୍ଟେନର ଟର୍ମିନାଲର ବିକାଶ ପ୍ରସ୍ତାବ ଉପରେ ମନ୍ତବ୍ୟ ଦେଇ ରାଓ କହିଥିଲେ, ପାରାଦୀପ ପୋର୍ଟରେ ଏକ କଣ୍ଟେନର ଟର୍ମିନାଲ ପ୍ରତିଷ୍ଠା ଉତ୍ତମ ଉତ୍ସ ବ୍ୟବହାରକୁ ସହଜ କରିବ। ଏପରିକି ନିଷ୍କ୍ରିୟ ସମୟ ହ୍ରାସ ସହ ଲାଭ ବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଉଲ୍ଲେଖଯୋଗ୍ୟ, ଜାତୀୟସ୍ତରରେ ଓଡ଼ିଶାର ରପ୍ତାନି ଅଂଶ ବିଗତ ୫ ବର୍ଷ ମଧ୍ୟରେ ୨.୨%ରୁ ୪.୦%କୁ ବୃଦ୍ଧି ପାଇଛି,୨୦୨୦-୨୧ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ଓଡ଼ିଶା ଏବଂ ବିହାର ଓ ଝାଡ଼ଖଣ୍ଡ ଭଳି ଲ୍ୟାଣ୍ଡ ଲକ୍ ରାଜ୍ୟଗୁଡ଼ିକର କଣ୍ଟେନର ଟ୍ରାଫିକ ମାତ୍ର ୭% ରହିଥିଲା, ଯାହାକି ପାରାଦୀପ ବନ୍ଦରରେ ଥିବା ବିରାଟ ସମ୍ଭାବନାକୁ ଦର୍ଶାଉଛି। ଦେଶର ଏକ ପ୍ରମୁଖ ଧାତୁ ଉତ୍ପାଦନ ହବ୍ ଭାବେ ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ କାର୍ଯ୍ୟସ୍ଥଳ ଭାବେ ଆବିର୍ଭାବ ସହିତ ଏହି ଅଭିବୃଦ୍ଧିକୁ ସମର୍ଥନ ତଥା ସୁଦୃଢ଼ କରିବା ପାଇଁ ପାରାଦୀପ ପୋର୍ଟରେ ଏକ କଣ୍ଟେନର ଟର୍ମିନାଲ ପ୍ରତିଷ୍ଠା ଜରୁରୀ ହୋଇପଡ଼ିଛି। ଅପରପକ୍ଷରେ ରାଓ ଓ ତାଙ୍କ ଟିମ୍ କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ଦ୍ୱାରା ଆୟୋଜିତ ଲଜିଷ୍ଟିକ୍ ସମ୍ମିଳନୀରେ ଆଲୋକପାତ କରିଥିଲେ। ଉକ୍ତ ସମ୍ମିଳନୀରେ ବାଣିଜ୍ୟ ଓ ପରିବହନ ,ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ବାଣିଜ୍ୟ ଓ ପରିବହନ ମୁଖ୍ୟ ସଚିବ ଉଷା ପାଢ଼ୀ, ଗତିଶକ୍ତି ବିଭାଗର ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପିଉଡି) ଅନିଲ କେ. ଖଣ୍ଡେଲୱାଲ ଏବଂ ଚେୟାରମ୍ୟାନ୍ ପାରାଦୀପ ପୋର୍ଟ ଟ୍ରଷ୍ଟ ପି.ଏଲ.ହାରାନ୍ଧ ପ୍ରମୁଖ ଯୋଗ ଦେଇଥିଲେ। ସର୍ବଦା ବିକାଶଶୀଳ ଲଜିଷ୍ଟିକ୍ ଦୃଶ୍ୟପଟରେ ଉଚ୍ଚ ଅଭିବୃଦ୍ଧି ବଜାୟ ରଖିବା ପାଇଁ କାର୍ଯ୍ୟକ୍ଷମ ଉତ୍କର୍ଷ ଏବଂ ରଣନୀତିର ଆବଶ୍ୟକତାକୁ ଆଲୋକିତ କରିବାର ଉଦ୍ଦେଶ୍ୟ ସହିତ ଏହି ସମ୍ମିଳନୀର ଆୟୋଜନ ହୋଇଥିଲା।



ଭେଙ୍କଟେଶ୍ୱର ରାଓ

# ବିଓଏମ୍‌କୁ ରାଜଭାଷା 'କୀର୍ତ୍ତି ପୁରସ୍କାର'



ଭୁବନେଶ୍ୱର,୨୩।୯

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)କୁ ନିକଟରେ ରାଜଭାଷା 'କୀର୍ତ୍ତି ପୁରସ୍କାର'ପ୍ରଦାନ କରାଯାଇଛି। ବିଶେଷକରି ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ରାଜଭାଷା ହିନ୍ଦୀର ଶ୍ରେଷ୍ଠ କାର୍ଯ୍ୟ ନିମନ୍ତେ ବିଓଏମ୍‌କୁ ସର୍ବୋଚ୍ଚ ସମ୍ମାନ 'ରାଜଭାଷା କୀର୍ତ୍ତି'ପୁରସ୍କାର ପ୍ରଦାନ କରାଯାଇଛି। ଏପରିକି ଚଳିତ ବର୍ଷ ବିଓଏମ୍‌କୁ ଦୁଇଟି ଶ୍ରେଣୀ ଯଥା 'ଶ୍ରେଷ୍ଠ ଗୃହ ପତ୍ରିକା' ଏବଂ 'ଶ୍ରେଷ୍ଠ ରାଜଭାଷା କାର୍ଯ୍ୟାନ୍ୱୟନ' ଅନ୍ତର୍ଗତ ଏହି ପୁରସ୍କାର ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ମହାରାଷ୍ଟ୍ରର ପୁଣେଠାରେ ଆୟୋଜିତ ହିନ୍ଦୀ ସମାରୋହ ଅବସରରେ ବିଓଏମ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ କୁମାର ମିଶ୍ରାଙ୍କଠାରୁ ବିଓଏମ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏ.ଏସ୍ ରାଜୀବ ଉପରୋକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ରାଜ୍ୟ ସଭାର ଉପ ସଭାପତି ହରିବଂଶ ନାରାୟଣ ସିଂହ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସଚିବ ଅଂଶୁଲି ଆର୍ଯ୍ୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଭାରତୀ ପାୱାର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଓଏମ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.ବି.ବିଜୟ କୁମାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶିଷ ପାଣ୍ଡେ, ସିଭିଓ ଅମିତ୍ ଶ୍ରୀବାସ୍ତବ,ମହାପ୍ରବନ୍ଧକ କେ.ରାଜେଶ କୁମାର (ମାନବ ସମ୍ବଳ ପରିଚାଳନା ଏବଂ ରାଜଭାଷା), ଉପ ମହାପ୍ରବନ୍ଧକ ରାଜେନ୍ଦ୍ର ଶ୍ରୀବାସ୍ତବ (ରାଜଭାଷା) ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।


## ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ

No. CAD-2154

(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**

(A Government of Odisha Undertaking under Works Department)

No. 8689
File: SMT-1952 — Date: 21.09.2023

**NOTICE INVITING TENDER**

| | | | |
|---|---|---|---|
| 1 | Name of work | : | Construction of Shaded Pathway in Badadanda Streetscape Project in the Heritage City of Puri under ABADHA Scheme on Percentage Rate basis. |
| 2 | Bid Identification No. | : | 50/Tender/OBCC/2023-24 |
| 3 | Amount put to tender/Estimated Cost | : | Rs.7,81,61,095.00 |
| 4 | Class of Contractor | : | "A" Class & Special Class |
| 5 | Bid Security/EMD | : | Rs.7,81,610.00 |
| 6 | Bid Procesing Fee (Only in Online Mode) | : | Rs.11,800.00 (Including GST) |
| 7 | Date of availability of bid document in e-procurement portal | : | From 25.09.2023 |
| 8 | Last date & time of receipt of Online Bid | : | Upto 5.00 P.M. on 16.10.2023 |
| 9 | Date of Bid Opening | : | 17.10.2023 at 11.30 A.M. |

10. Further details can be seen from the e-Procurement portal **https://www.tendersodisha.gov.in**.
11. OBCC has the right to accept or reject the Notice/RFP without assigning any reason thereof.

OIPR-34161/11/0061/2324 — Sd./- Sr. Chief General Manager - I

## OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, KEONJHAR

(ZILLA SWASTHYA SAMITI (ZSS), KEONJHAR)

Advt. Letter No. 4518 — Date: 22.09.2023

**REQUEST FOR PROPOSAL (RFP) FOR "SELECTION OF AGENCY FOR OPERATIONALIZATION OF MOBILE MEDICAL UNITS (MMU) IN KEONJHAR, ODISHA UNDER DISTRICT MINERAL FOUNDATION (DMF), KEONJHAR"**

No. E-430: A Reqeust for Proposal (RFP) is invited from the reputed and experienced Agencies/Organizations/Firms for **"Selection of Agency for Operationalization of Mobile Medical Units (MMU) in Keonjhar, Odisha under District Mineral Foundation (DMF) Keonjhar"**. The eligibility criteria and detailed requirements for said RFP and the formats for submission of proposal are set forth in the RFP document which can be downloaded from the district NIC website i.e. **www.kendujhar.nic.in**. Interested bidders fulfilling the eligibility criteria may submit their proposal & documents as set foth in this RFP and submit to the undersigned in sealed envelope(s) clearly superscribing **"REQUEST FOR PROPOSAL (RFP) FOR SELECTION OF AGENCY FOR OPERATIONALIZATION OF MOBILE MEDICAL UNITS (MMU) IN KEONJHAR, ODISHA UNDER DISTRICT MINERAL FOUNDATION (DMF) KEONJHAR"**.

Proposal complete in all respect should reach the Office of the **'Chief District Medical & Public Health Officer (CDM & PHO), Keonjhar, DHH, Keonjhar - 758001, Odisha'** by Speed Post/Regd. Post/Courier only on or before **Date 16.10.2023 before 12.30 P.M.** The proposal(s) shall be opened on date 16.10.2023 at 4.00 P.M. in NHM Conference Hall, DHH, Keonjhar. Incomplete applications received in an open envelope/applications received after the due date will be summarily rejected.

The authority reserves the right to cancel or reject the any of the RFP without assigning any of the reasons thereof. No personal query shall be entertained. The decision of the committees shall be treated as final.

Sd./- Chief District Medical & Public Health Officer (CDM & PHO), Keonjhar

OIPR-10033/11/0025/2324

## ODISHA PUBLIC SERVICE COMMISSION, CUTTACK

**NOTICE**

No. 7280/P.S.C., Dt.22.9.23
1E-12-2023-24 (DR-III)

**No.D-135:** It is information of all concerned that the written examination for the post of **Assistant Director of Textiles, Group-B** under Handlooms, Textiles & Handicrafts Department pursuant to **Advt. No.02 of 2022-23 and Advt. No.12 of 2023-24** will be held on **08.10.2023** at **Saraswati Shishu Vidya Mandir, Tulasipur, Cuttack** as per the following programme.

| Date | Session | Paper with Code | Time |
|---|---|---|---|
| 08.10.2023 (Sunday) | 1st Session | Paper-I -- 01 (MCQ Pattern) | 10.00 AM to 12.00 Noon<br>10.00 A.M. to 12.40 PM for PwD Candidates |
| | 2nd Session | Paper-II -- 02 (MCQ Pattern) | 1.30 PM to 3.30 P.M.<br>1.30 P.M. to 4.10 P.M. for PwD Candidates |

2. The list of the candidates alongwith their Roll Nos. will be available in the website of the Commission. The candidates are required to download their **"Admission Certificate"** & **"Instruction to candidates"** from the website of the Commission (www.opsc.govt.in.) from **03.10.2023 onwards.**

Sd./- Secretary

OIPR-12002/11/0097/2324

## ROURKELA DEVELOPMENT AUTHORITY

UDITNAGAR, ROURKELA-769012
No. 1084/RDA, Dated: 28.08.2023

**PROCLAMATION**

No. CAD-2156:- It is hereby informed to the General public that, **Harihar Barkey, Sam Kumar Barkey & Sanjay Kumar Barkey, S/o- Late Dhaneswar Barkey**, have applied for mutation of House No. M/60 (S.F.) under CHP-II, Chhend Colony, in their favour conseqent upon death of their father **Late Dhaneswar Barkey**. If anybody has got objection to the proposed mutation, he/she may file objection petition before the undersigned within 30 (thirty) days from the date of publication of this proclamation. Objection petition shall not be entertained after expiry of the stipulated period.

Sd./- Secretary, Rourkela Development Authority

OIPR-13250/11/0002/2324

## GOVERNMENT OF ODISHA — OFFICE OF THE SUPERINTENDING ENGINEER, SAMBALPUR (R&B) DIVISION-I,SAMBALPUR

No.B-942:

**e-Procurement Notice**

**BID IDENTIFICATION No: SE/R&B/SBP/23/2023-24**

E-mail - exeengsbp@rediffmail.com
Order No.6141, Dtd.14.09.23

1.The **Superintending Engineer, Sambalpur (R&B) Division No-I, Sambalpur** on behalf of Governor of Odisha, invites **Percentage Rate** bids in **Single/ Double Cover System** in **ONLINE MODE** for construction of **Civil/ Electrical / P.H. Work** as detailed in the **DTCN** from the eligible Class of Contractors.

2. No. of works : 07 (Seven)
3. Tender Cost : Rs.10,000/-, Rs.6,000/-and Rs.4,000/-(On Line)
4. Class of Contractor : "B" Class Contractor, "C" Class Contractor & "D" Class Contractor
5. Date and time Available in Web site & receipt of Bids: **16.00 Hrs 25.09.2023 to 11:00 Hrs of 04.10.2023**
6. Date of Opening of Tender: **04.10.2023 at 12:00 Hrs.**
7. The Bidders have to participate in ONLINE bidding only. Further details can be seen from the Website.
8. Any Corrigendum / Addendum will be displayed in the website **www.tendersodisha.gov.in** only.

Sd./-Superintending Engineer
Sambalpur R&B Division-I

OIPR-34112/11/0012/2324

## OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL

Email - eedklpwd@gmail.com

**INVITATION FOR BIDS THROUGH e-Procurement**
**Bid Identification No. SEDKL (R&B). 24 / 2023-24**

No.B-931: **Invitation for Bids**

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in Double cover system in ONLINE MODE only, for Construction of Building works as detailed below. | | |
| 2. | Nature of Work | : | Building Works (3 Nos.) |
| 3. | No. of Work | : | 03 Nos. |
| 4. | Bid Cost | : | Rs.10,000/- each |
| 5. | Class of Contractor | : | 'B' Class |
| 6. | Availability of Bid documents in the website | : | From 10.00 A.M. of 25.09.2023 to 5.00 PM of 09.10.2023 |
| 7. | Date of Opening of Bid | : | Dt.10.10.2023 at 11.00 A.M. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- Superintending Engineer
Dhenkanal (R&B) Division, Dhenkanal

OIPR-34016/11/0023/2324

## ODISHA TOURISM DEVELOPMENT CORPORATION LIMITED

(A GOVT. OF ODISHA UNDERTAKING)
PANTHANIVAS (OLD BLOCK), LEWIS ROAD, BHUBANESWAR-14

**INVITATIONS FOR BIDS (IFB)**

Letter No. 4773 — Date: 21.09.2023

**1st Corrigendum to Tender Call Notice No. BP-I/03/2023-24 Dt.07.09.2023**

**Critical dates changed as follows:**

No. CAD-2159: This is regarding Tender Call Notice No. BP-I/03/2023-24 Dt.07.09.2023 published in "The Times of India" and "Dharitri" on 08.09.2023.

1. Development of Rameswar Temple and Sureswari Temple in Subarnapur Dist.
2. Peripherial Development at Barkul in Khordha.
3. Finishing work of 3rd Floor Academic Block at SIHM in Bolangir Dist.
4. Renovation of Panthanivas Barkul in Khordha Dist.
5. Development of Chudakhai Pahad of Tarva Block in Subarnapur Dist.
6. Development of Bhimabhoi Samadhi Pitha, Khaliapali in Subarnapur Dist.
7. Development of Puja Dungri (Chandlipad), Adakasa, Dunguripali Block in Subarnapur Dist.
8. Construction of UGR & Firefighting system of Panthanivas, Puri.
9. Renovation of Panthanivas, Sambalpur - TRC Block

The scheduled dates for the tender for above works are rescheduled as follows:

Download of Bid documents from Dt.30.09.2023 to 17.00 Hours of Dt.16.10.2023.

i) Online bids shall be received till 17.00 hours of Dt.16.10.2023.
ii) The technical bids will be opened at 11.30 hours of Dt.17.10.2023 in the Office of the Supt. Engineer, O.T.D.C. Ltd., Bhubaneswar.

All other terms & conditions remain unchanged.

Sd./- Superintending Engineer (I/C)
O.T.D.C. Ltd., BBSR

OIPR-37002/11/0010/2324

## GOVERNMENT OF ODISHA — DEPARTMENT OF WATER RESOURCES — OFFICE OF THE CHIEF ENGINEER & BASIN MANAGER, BRAHMANI BASIN, SAMAL

Tel No.06760-266333 e-Mail: cebmbbs@gmail.com

**Bid Identification No.BBS-HID-UGPL-02 of 2023-24**
**(e-procurement No- CEBBS-HID-02/2023-24)**

**NOTICE INVITING TENDER**

**No.A-583:** The Chief Engineer & Basin Manager, Brahmani Basin, Samal on behalf of Governor of Odisha invites online EPC Contract in double cover system through e-procurement for the work mentioned below:

| Name of Work | Class/EMD /Tender Fee / Period of completion |
|---|---|
| Construction of Under Ground Pipeline System of Hadua Irrigation Project, Narasinghpur in District of Cuttack, Odisha including its distribution network, up to 1 Ha Chak with Outlet Management System having total planned Culturable Command Area of 3641 Ha. to supply irrigation water from Hadua Dam with provision for booster pump on EPC mode of contract (Turn Key Basis) including power connectivity, Electro-Mechanical components, PIM and operation & maintenance of complete commissioned system for 5 years. | (1) **Class of Contractor-** 'Super' class or equivalent class of Bidders.<br>(2) **EMD - Rs.1,64,41,000/-**<br>(3) The approximate value of work put to tender is **Rs.164.41 crores** (excluding GST)<br>(4) **Tender Fee-Rs.10,000/-** to be transferred online (Non-Refundable)<br>(5) **Period of Completion** - 24 (Twenty-Four) calendar months including monsoon season |

| | | |
|---|---|---|
| A. | PERIOD OF AVAILABILITY OF BIDDING DOCUMENT. | Dt. 26.09.2023 from 10.00 AM to Dt.09.11.2023upto 5.00PM |
| B. | TIME AND DATE FOR PRE-BID CONFERENCE | Dt. 10.10.2023 at 11.30AM Office of the CE & BM, Brahmani Basin, Samal. (Virtual Mode, the link will be shared through e-mail). |
| C. | LAST DATE AND TIME FOR RECEIPT OF BIDS | Dt.09.11.2023 upto 5.00 PM |
| D. | PLACE OF SALE, RECEIPT OF BIDS | Online through e-procurement. |
| E. | TIME AND DATE OF OPENING OF TECHNICAL BID | Dt. 10.11.2023 at 11.30AM **(If the opening date happens to be holiday or declared holiday, tender will be opened in the next working day)** |
| F. | PLACE OF OPENING OF BIDS | Office of the CE & BM, Brahmani Basin, Samal, Pin-759037. |
| G. | Further details can be seen from e-procurement portal https://tendersodisha.gov.in | |

Sd./- Chief Engineer & Basin Manager
Brahmani Basin, Samal

OIPR-32480/11/0003/2324

## GOVERNMENT OF ODISHA — OFFICE OF THE CHIEF CONSTRUCTION ENGINEER CENTRAL (R&B) CIRCLE, BHUBANESWAR

Mail Id: seccbbsr@gmail.com

**E-Procurement Tender Call Notice No. 15 of 2023-24**

No. 3232 (Estg.) — Bhubaneswar the 18th September 2023

No. B-927: The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bid for development, renovation & beautification work of Shree Gopinath Dev Temple at Dandamukundapur G.P. District Puri to be received in online bidding, double cover system as detailed in **https://tendersorissa.gov.in**. The details of bid documents will be available in the above website from 5.00 P.M. of 25.09.2023 to 5.00 P.M. of 09.10.2023. The bidders must posess compatible Digital Signature Certificate of Class II or III. Bids received online shall be opened at 11.00 A.M. of 10.10.2023 in the Office of the Chief Construction Engineer, Central (R&B) Circle, Bhubaneswar.

Further details can be seen from the e-procurement portal: **www.tendersorissa.gov.in**.

Addendum/Corrigendum, if required, will be available only in the Website.

Sd./- Er. P.K. Mohanty
Chief Construction Engineer
Central (R&B) Circle, Bhubaneswar

OIPR-34156/11/0019/2324

## Bhubaneswar Smart City Limited

BMC-ICOMC Building, 5th Floor, Bhoi Nagar, Bhubaneswar - 751022
E-mail Id: bbsr.bscl@gmail.com, CIN: U74990OR2016PLC020016
Telephone: 0674-2548428, Fax: 0674-2540811

No. 1941/BSCL/Admin/15/2023 — Date: 21.09.2023

**CORRIGENDUM**

No. C-1478: The due date of submission of Tender for selection of agency towards Parking Management and CFMS for Multi-Level Car Parking on Ashok Nagar, Bhubaneswar floted vide Notice No. 1795/BSCL/2023 Dated: 28th August, 2023 is extended upto 5.00 P.M. on 5th October 2023 instead of 5.00 P.M. on 21st September, 2023 on the ground of better response and invitation of a competitive price which will be opened at 3.30 P.M. on 6th October, 2023. Others terms and conditions of the tender shall remain unchanged.

Sd./- General Manager (Admin)
Bhubaneswar Smart City Limited

## Bhubaneswar Smart City Limited

BMC-ICOMC Building, 5th Floor, Bhoi Nagar, Bhubaneswar - 751022
E-mail Id: bbsr.bscl@gmail.com, CIN: U74990OR2016PLC020016
Telephone: 0674-2548428, Fax: 0674-2540811

No. 1942/BSCL/Admin/14/2023 — Date: 21.09.2023

**CORRIGENDUM**

The due date of submission of Tender for selection of agency towards Parking Management and CFMS for Multi-Level Car Parking on Saheed Nagar, Bhubaneswar floted vide Notice No. 1796/BSCL/2023 Dated: 28th August, 2023 is extended upto 5.00 P.M. on 5th October 2023 instead of 5.00 P.M. on 21st September, 2023 on the ground of better response and invitation of a competitive price which will be opened at 3.30 P.M. on 6th October, 2023. Others terms and conditions of the tender shall remain unchanged.

Sd./- General Manager (Admin)
Bhubaneswar Smart City Limited

OIPR-13070/11/0016/2324

## DIRECTORATE OF PRINTING, STATIONERY AND PUBLICATION, ODISHA, MADHUPATNA, CUTTACK - 10

**ADVERTISEMENT**

**ENGAGEMENT OF FRESH APPRENTICES IN THE SCHOOL OF PRINTING & ALLIED TRADES, CUTTACK - 10**

No. J-15: SCHOOL OF PRINTING & ALLIED TRADES invites applications from the candidates of the State of Odisha to undergo a course of stipendiary Apprenticeship Training under Apprentice Act, 1961 and Apprenticeship Rule 1992 in the following Designated printing Trades for the Session Sept./Oct. 2023 as mentioned below.

| Sl. No. | Name of Trade | Vacancy | Duration of Training |
|---|---|---|---|
| 1. | Book Binder | 72 | 02 Years |
| 2. | Litho Plate Maker | 06 | 02 Years |
| 3. | Litho Offset Machine Minder | 30 | 03 Years |

**STIPEND:** The apprentices are eligible for monthly stipend as per Apprentices Act, 1961, Apprenticeship Rules 1992 as amended from to time during their engagement period.

**AGE CRITERIA: Minimum 14 - 21 years as on date 01st September, 2023**. As per the guidelines of Govt. of Odisha, shall be followed with applicable age relaxation.

**RESERVATION:** The seats shall be reserved for different categories of candidates as per Govt. guidelines.

**HEALTH:** The candidate should have sound health to undrtake the strain of Industrial Training. His/Her height and weight must not be less than 137 cm. and 25.4 Kg. respectively. The cases of Physical Handicapped and Women Candidates will be considered depending upon their Physical Fitness recommended by the Medical Officer of this organization.

**MODE OF SELECTION:**
Selection for engagement of Apprentices for Training will be made on merit basis, considering their percentage of marks obtained in the HSC/equivalent examination.

**GENERAL INSTRUCTIONS:**

I. Before applying for above Apprenticeship Training candidates have to first register in Online portal i.e. **https://www.apprenticeshipindia.gov.in**.
II. The candidate must have an active email ID and Mobile Number which must be valid and linked with Aadhaar for the entire training period. All future communciation including Corrigendum/Addendum in regard to this advertisement with candidate will take place only through email/SMS Alert.
III. **The candidate must ascertain the correctness of all information before filling in the online registration and its final submission**.
IV. The candidate shall be wholly/exclusively responsible for the information provided in his/her online registration.
V. **After successfully registration/apply online, the candidate must take a print out of the filled in online application for future reference**.
VI. SPAT shall have no obligation to offer regular employment to Apprentices during and/or after the completion of the Apprenticeship Training. After successful completion of Apprenticeship Training, Candidates shall be relieved from the establishment.
VII. The candidature of applicant would be provisional and subject to subsequent verification of certificate and testimonials. If at any stage the particulars reveals to be not conforming his/her engagement will be terminated forthwith.
VIII. Only those candidates are eligible who have not undergone Apprenticeship Training in the past as per the Apprenticeship Act 1961/1972.
IX. SPAT will not provide any sort of accommodation during the training. Apprentices shall have to make their own arrangement.

**How to Apply:**

**Step - 1:** Candidates are first required to register in the web portal **https://www.apprenticeshipindia.gov.in** for registration as candidate. After registering one self, one can login into the home page in the apprenticeship portal as candidate then go to **apprenticeship Opportunity** then click search by Establishment Name **(SCHOOL OF PRINTING AND ALLIED TRADES)** to click on apply as the prescribed trade against vacancies appearing on the portal. The candidates have to apply for the respective trade Apprenticeship Opportunity of the Establishment i.e. School of Printing and Allied Trades. The application will not be accepted without registration and apply on the portal.

**Step - 2:** After registration in the **"https://apprenticeshipindia.gov.in"** portal, one can Login in to **Admission Portal "https://spat.org.in"** using the Registration Number received from **"https://apprenticeshipindia.gov.in"**.

**Step - 3:** Login to Admission Portal using the Credentials **Login ID (Apprentice Register No.)** and **Password (Date of Birth)**.

**Step - 4:** Fill up all the relevant fields in the Application Form. The candidate must have an active **email ID and Mobile Number** which must be valid entire training period. All future communication including Corrigendum/Addendum in regard to this advertisement with candidate will take place only through **e-mail/SMS Alerts**.

**Step - 5:** Upload the Mandatory Documents i.e. 1) Printout of Apprentice Registration No. form obtained from **(https://www.apprenticeshipindia.gov.in)**, 2) Original Institution leaving Certificate (to be retained by the SPAT till completion of Training). 3) HSC/equivalent Certificate showing Date of Birth, 4) HSC/Equivalent Mark Sheet Certificate, 5) Recent Passport Size Photo, 6) Reservation of SC/ST/SEBC/PH Certificate, 7) Aadhaar Card, 8) Residential Certificate.

**Step - 6:** Pay the course fee of Rs.100/- through QR Code in application portal and upload the payment particulars.

**Step - 7:** The candidate must ascertain the correctness of all information before filling in the online registration and its final submission.

**Step - 8:** After successfully mail, the candidate must take a print out for future reference.

**Important Note:** Your **https://www.apprenticeshipindia.gov.in. Registration Number** will be your effective Login Id and Your Date of Birth will be your effective Login Password for your future login requirement. No **Offline/Hard Copy Application is allowed**. Incomplete applications & Non-submission of required documents, Non Payment of the application fee or applications received after due date shall not be considered for selection.

* **The duration of training period may be changed as per advice of the Directorate of Technical Education and Training, Cuttack being the Apprenticeship Advisor.**

**Application Invited:**

| | Start Date | End Date |
|---|---|---|
| Online Registration in **https://www.apprenticeshipindia.gov.in** (NAPS Portal) | 25.09.2023 | 10.10.2023 |
| Submission of Online Application Form in **https://spat.org.in** (Admission Portal) | 11.10.2023 | 18.10.2023 |

For further detials, (if any) Please Contact. Email: **vp.spat.ctc@gmail.com**.

OIPR-02002/11/0011/2324 — Sd./- Director

## ଏ ସପ୍ତାହର ପ୍ରଶ୍ନ

୧– ଲାଡ୍‌ଲୀ ବେହେନା ସ୍କିମ୍ ............ ରାଜ୍ୟରେ କାର୍ଯ୍ୟକାରୀ କରାଯାଇଛି ?
୨– ନ୍ୟାଶନାଲ୍ ସ୍ପେସ୍ ଡେ' ............ ତାରିଖରେ ପାଳନ କରାଯାଏ ?
୩– ଦି ଲିଟଲ୍ ବୁକ୍ ଅଫ୍ ଜୟ ପୁସ୍ତକର ଲେଖକ ............... ?
୪– ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ହେଡ୍‌କ୍ୱାର୍ଟର .......... ଠାରେ ଅବସ୍ଥିତ ?
୫– ଭାରତର ଜାତୀୟ ସରୀସୃପ .......... ?

## ଗତ ଥରର ଉତ୍ତର

୧ କେରଳ
୨ ହଣ୍ଡୁରାସ୍
୩ ଷ୍ଟାରବକ୍ସ
୪ ମଧ୍ୟପ୍ରଦେଶ
୫ ଜୟା ବର୍ମା ସିହ୍ନା

## ଉତ୍ତରଦାତା


ଛବିଲାଲ୍ ଭାଟି, କଳାହାଣ୍ଡି


ସୁନୀଲ କୁମାର ବେହେରା ବ୍ରହ୍ମପୁର


ଶିବ ପ୍ରସାଦ ସାହୁ, ନୟାଗଡ଼

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ବଡ଼ ଫାର୍ମା କମ୍ପାନୀ




୧...... ଫିଜର୍
୨...... ଆବ୍‌ଭୀ
୩...... ଜନ୍‌ସନ୍ ଆଣ୍ଡ ଜନ୍‌ସନ୍
୪...... ମାର୍କ ଆଣ୍ଡ କୋ.
୫...... ନୋଭାର୍ଟିସ୍
୬...... ରୋଚ୍
୭...... ବ୍ରିଷ୍ଟଲ୍–ମ୍ୟେର୍ସ ସ୍କିବ୍
୮...... ସାନୋଫି
୯...... ଆଷ୍ଟ୍ରାଜେନେକା
୧୦...... ଜିଏସ୍‌କେ

## ଜାଣନ୍ତୁ ଦୁନିଆ

# ପଶୁଙ୍କ ୱାର୍ଲ୍ଡ ରେକର୍ଡ

**ପଶୁ ବି ୱାର୍ଲ୍ଡ ରେକର୍ଡ କରିପାରନ୍ତି। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ଜାଣିବା ନିଜର ସ୍ୱତନ୍ତ୍ର ଗୁଣ ଲାଗି ବିଶ୍ୱ ରେକର୍ଡରେ ସ୍ଥାନ ପାଇଥିବା କେତେକ ପଶୁଙ୍କ ସମ୍ପର୍କରେ...**



**ସବୁଠୁ ଲମ୍ବା କାନ ଥିବା କୁକୁର:** ବିଭିନ୍ନ ପ୍ରଜାତିର କୁକୁର ଆପଣମାନେ ଦେଖିଛନ୍ତି। ସେମାନଙ୍କ କାନର ଲମ୍ବା ମଧ୍ୟ ଭିନ୍ନ ଭିନ୍ନ। ହେଲେ କେବେ ଭାବିଛନ୍ତି କି, ଗୋଟିଏ କୁକୁରର କାନର ଲମ୍ବା କେବେ ଏକ ଫୁଟ୍‌ରୁ ବି ଅଧିକ ହୋଇପାରେ। ହେଲେ ଏହା ସତ। ଆମେରିକାର ଇଲିଓନିସ୍‌ରେ ଥିବା ଟାଇଗର ନାମକ ଏକ କୁକୁରର ଡାହାଣ କାନର ଲମ୍ବା ୧୩.୭୫ ଇଞ୍ଚ ହୋଇଥିବା ବେଳେ ବାମ କାନର ଲମ୍ବା ୧୩.୫ ଇଞ୍ଚ। ଯେଉଁଥିପାଇଁ ପୃଥିବୀର ସବୁଠୁ ଲମ୍ବା କାନଥିବା କୁକୁର ଭାବେ ଏହାର ନାମକୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରାଯାଇଛି।

**ଅଧିକ ଲୋମଯୁକ୍ତ ମେଣ୍ଢା:** ମେଣ୍ଢା ଦେହରେ ଅଧିକ ଲୋମ ଥାଏ, ଯାହାକୁ ଶୀତବସ୍ତ୍ର ପ୍ରସ୍ତୁତ କରିବା ଲାଗି ବ୍ୟବହାର କରାଯାଏ। ଏକଥା ପ୍ରାୟ ସମସ୍ତେ ଜାଣନ୍ତି। ହେଲେ ଅଧିକ ଲୋମ ପାଇଁ ଏହା ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବ, ଏକଥା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଅଷ୍ଟ୍ରେଲିଆର କାନ୍‌ବେରାଠାରେ ୨୦୧୫ରେ କ୍ରିସ୍ ନାମକ ଏହି ମେଣ୍ଢାକୁ ଠାବ କରାଯାଇଥିଲା ଏବଂ ଏହା ଦେହରୁ ୪୧ କିଗ୍ରା ଉଲ୍ ସଂଗ୍ରହ କରାଯାଇଥିଲା।

**ସବୁଠୁ ଛୋଟ ଗାଈ:** ବାଙ୍ଗଲାଦେଶର ଢାକାରେ ରହୁଥିବା କାଫି ସୁଫିଆନ୍ ନାମକ ବ୍ୟକ୍ତିଙ୍କ ଫାର୍ମରେ ରାଣୀ ନାମକ ଏକ ଗାଈ ଥିଲା। ଯାହାର



ଉଚ୍ଚତା ମାତ୍ର ୨୦ ଇଞ୍ଚ ହୋଇଥିବା ବେଳେ ଓଜନ ୨୬ କି.ଗ୍ରା.। ଆଉ ଏଥିପାଇଁ ତାହା ପୃଥିବୀର ସବୁଠୁ କ୍ଷୁଦ୍ର ଗାଈ ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି।

**ବଡ଼ ବିଲେଇ:** ଇଟାଲୀର ପାଭିଆଠାରେ ଜନୈକ ବ୍ୟକ୍ତିଙ୍କ ଘରେ ରହିଛି ବାରିଭେଲ୍ ନାମକ ଏକ ପୋଷା ବିଲେଇ। ଏହାର ଆକାର ୩ ଫୁଟ୍, ୧୧.୨ ଇଞ୍ଚ ହୋଇଥିବାରୁ ପୃଥିବୀର ସବୁଠାରୁ ବଡ଼ ବିଲେଇ ଭାବେ ଏହା ୨୦୧୮ରେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି।



# ଡିଜିଟାଲ ଲୋନ୍



**ଆଜିର ଯୁବପିଢ଼ିଙ୍କ ଖର୍ଚ୍ଚ ତାଲିକା ଦିନକୁଦିନ ବୃଦ୍ଧିପାଉଛି। କେବେ ବ୍ରାଣ୍ଡେଡ୍ ପୋଷାକ ତ କେବେ ନୂଆ ନୂଆ ସ୍ମାର୍ଟ ଫୋନ୍, ଲାପ୍‌ଟପ୍, ଆଉ ପୁଣି କେତେବେଳେ ସେମାନଙ୍କୁ ଦରକାର ନୂଆ ଦାମୀ ଗାଡ଼ି କିମ୍ବା ଘର। କେବଳ ଏତିକି ନୁହେଁ, ସେମାନଙ୍କ ପଢ଼ାଖର୍ଚ୍ଚ ବି ଏବେ ଆକାଶଛୁଆଁ, ଯାହାକୁ ପୂରଣ କରିବା ଲାଗି କେତେକଙ୍କୁ ଲୋଡ଼ା ହୁଏ ଲୋନ୍। ହେଲେ ଯଦି ଏହି ଲୋନ୍ ଡିଜିଟାଲ୍ ମାଧ୍ୟମରେ କରାଯାଏ, ତେବେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...**

ବର୍ତ୍ତମାନ ଘରେ ବସି ଶପିଂ କରିବା, ଖାଇବା ମଗାଇବାଠୁ ପଢ଼ିବା ପର୍ଯ୍ୟନ୍ତ ପ୍ରାୟ ସବୁ କାର୍ଯ୍ୟ ଅନ୍‌ଲାଇନ୍‌ରେ ଖୁବ୍ ସହଜରେ କରାଯାଇପାରୁଛି। କେବଳ ଏତିକି ନୁହେଁ, ଆବଶ୍ୟକ ବେଳେ ବିଭିନ୍ନ ଫାଇନାନ୍ସ କମ୍ପାନୀ ପକ୍ଷରୁ ମଧ୍ୟ ଅନ୍‌ଲାଇନ୍‌ରେ ସହଜରେ ମିଳିଯାଉଛି ଲୋନ୍। ଅନ୍‌ଲାଇନ୍‌ରେ ମିଳୁଥିବା ଏହି ଲୋନ୍ ସୁବିଧାକୁ ସାଧାରଣତଃ ଡିଜିଟାଲ୍ ଲେଣ୍ଡିଙ୍ଗ୍ କୁହାଯାଇଥାଏ। ହେଲେ ଏଥିରେ ବର୍ତ୍ତମାନ ଅନେକ ଠକେଇର ଶିକାର ହେଉଥିବା ଘଟଣା ଦେଖିବାକୁ ମିଳୁଛି।

**କିଏ ଦେଇପାରିବ ଡିଜିଟାଲ୍ ଲୋନ୍:** ବର୍ତ୍ତମାନ ମୋବାଇଲ୍ ଖୋଲିବାମାତ୍ରେ ମେସେଜ୍, ଇ-ମେଲ୍ ହେଉ କିମ୍ବା କଲ୍‌ରେ ସହଜରେ କମ୍ ସୁଧରେ ଡିଜିଟାଲ୍ ଲୋନ୍ ମିଳିବା କଥା ଜାଣିବାକୁ ମିଳୁଛି। ଆଉ ଏହି ଲୋଭରେ ଅନେକେ ବିଭିନ୍ନ ଆପ୍ ଡାଉନ୍‌ଲୋଡ୍ କରି ଲୋନ୍ ଆଣି ଠକାମିର ଶିକାର ହେଉଥିବା ଦେଖିବାକୁ ମିଳୁଛି। ହେଲେ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପକ୍ଷରୁ ସମସ୍ତ ବ୍ୟାଙ୍କ୍, ରାଜ୍ୟ ଏବଂ ଜିଲାର କୋଅପରେଟିଭ୍ ବ୍ୟାଙ୍କ୍, ଏନ୍‌ବିଏଫ୍‌ସି ଏବଂ ହାଉସିଂ ଫାଇନାନ୍ସ କମ୍ପାନିକୁ ଡିଜିଟାଲ୍ ଲୋନ୍ ଦେବାକୁ ଅନୁମତି ମିଳିଛି। ତେଣୁ ଲୋନ୍ ନେବା ପୂର୍ବରୁ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ।

**ସୁଧ ସମ୍ପର୍କରେ ଜାଣନ୍ତୁ:** ଯଦି ପ୍ରଥମ ଥର ପାଇଁ ଡିଜିଟାଲ୍ ଲୋନ୍ ନେଉଛନ୍ତି, ତେବେ ଋଣଦାତାଙ୍କଠାରୁ ଦିଆଯାଉଥିବା କି ଫ୍ୟାକ୍ଟ ଷ୍ଟେଟ୍‌ମେଣ୍ଟକୁ ଭଲ ଭାବେ ପଢ଼ନ୍ତୁ। ଲୋନ୍ ପାଇଁ ଆବଶ୍ୟକ ଆପ୍ଲିକେଶନ୍ ଫି, ପ୍ରୋସେସିଂ ଫି ସହିତ ବାର୍ଷିକ କେତେ ପ୍ରତିଶତ ସୁଧ ଏବଂ କେତେ ଲେଟ୍ ଫି ଆଦି ସମ୍ପର୍କରେ ବୁଝିନିଅନ୍ତୁ।

**କିପରି ହୁଏ ଠକେଇ...**
କେତେକ ଫେକ୍ କମ୍ପାନି ରହିଛି, ଯାହାକି ପ୍ରଥମେ କଲ୍ କିମ୍ବା ମେସେଜ୍ ଦ୍ୱାରା ବିଭିନ୍ନ ପ୍ରଲୋଭନ ଦେଖାଇ ଲୋକଙ୍କ ମନରେ ବିଶ୍ୱାସ ଜମାଇଥାଆନ୍ତି। ଲିଙ୍କ୍ ପଠାଇ ନିଜ ଆପ୍ ଡାଉନ୍‌ଲୋଡ୍ କରାଇବାକୁ କୁହନ୍ତି। ଯେତେବେଳେ ଉପଭୋକ୍ତା ଗୁଗୁଲ୍ ପ୍ଲେ ଷ୍ଟୋର୍‌ରୁ ଏଭଳି ଆପ୍ ଡାଉନ୍‌ଲୋଡ୍ କରନ୍ତି, ଇନ୍‌ଷ୍ଟଲ୍ କରିବା ବେଳେ ଫୋନ୍‌ରୁ ଫଟୋ ଗ୍ୟାଲେରି, କଣ୍ଟାକ୍ଟ ଲିଷ୍ଟ ଭଳି ପର୍ସନାଲ୍ ଡିଟେଲ୍ସ ଆକ୍ସେସ୍ ନିମନ୍ତେ ସର୍ତ୍ତ ସ୍ୱୀକାର କରିବାକୁ ହୋଇଥାଏ। ଏହାପରେ ଆପ୍ ଜରିଆରେ ଲୋନ୍ ପାଇଁ ଉପଭୋକ୍ତାଙ୍କଠାରୁ ପୂର୍ବ ତିନି ମାସର ବ୍ୟାଙ୍କ୍ ଷ୍ଟେଟ୍‌ମେଣ୍ଟ, ଆଧାର କିମ୍ବା ପ୍ୟାନ୍ କାର୍ଡ କପି ଆଦି ଜରୁରୀ ଡକ୍ୟୁମେଣ୍ଟ ନିଆଯାଇଥାଏ। କିଛି ସମୟ ଭିତରେ ବ୍ୟାଙ୍କ ଆକାଉଣ୍ଟକୁ ଲୋନ୍ ଟଙ୍କା ମଧ୍ୟ ଆସିଯାଇଥାଏ। ହେଲେ ପରେ ଅଧିକ ସୁଧ ଟଙ୍କା ନେବା ସହ କେବେକେବେ ଦିନକୁ ହଜାର ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ହୋଇଥାଏ। ତା'ଛଡା ଅନେକ ଫେକ୍ କମ୍ପାନି ଉପଭୋକ୍ତାଙ୍କ ଆକାଉଣ୍ଟରୁ ସମସ୍ତ ଟଙ୍କା ହଡ଼ପ ବି କରିନିଅନ୍ତି।











### ଜାଣିରଖନ୍ତୁ

ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ଡିଜିଟାଲ୍ ଗ୍ରୁପ୍ ପକ୍ଷରୁ ହୋଇଥିବା ଏକ ସର୍ଭେ ରିପୋର୍ଟ ମୁତାବକ ଆମ ଦେଶରେ ବର୍ତ୍ତମାନ ପ୍ରାୟ ୧୧୦୦ରୁ ଊର୍ଦ୍ଧ୍ୱ ଡିଜିଟାଲ୍ ଲେଣ୍ଡିଂ ବା ଋଣ ଦେଉଥିବା ଆପ୍ଲିକେଶନ୍ ଉପଲବ୍ଧ, ଯାହା ମଧ୍ୟରୁ ପ୍ରାୟ ୬୦୦ଟି ଆପ୍ ବେଆଇନ। ଯେଉଁମାନେ ଉପଭୋକ୍ତାଙ୍କୁ କମ୍ ସୁଧରେ ଲୋନ୍ ଯୋଗାଇ ଦେବାର ପ୍ରଲୋଭନ ଦେଖାଇ ସେମାନଙ୍କ ବ୍ୟାଙ୍କ୍ ଡାଟା ହ୍ୟାକ୍ କରି ଟଙ୍କା ଲୁଟି ନେଉଛନ୍ତି। ଏହାଦ୍ୱାରା କେବଳ ଲୁଟ୍‌ର ଶିକାର ହେଉଥିବା ବ୍ୟକ୍ତି ଅସୁବିଧାର ସମ୍ମୁଖୀନ ହେଉନାହାନ୍ତି ବରଂ ଅନ୍ୟ ଡିଜିଟାଲ୍ କମ୍ପାନିଗୁଡ଼ିକ ଉପରୁ ଜନସାଧାରଣଙ୍କ ଭରସା ତୁଟି ଯାଉଛି। ତେଣୁ ଆର୍‌ବିଆଇ ପକ୍ଷରୁ ଏଭଳି ଅଜଣା ଡିଜିଟାଲ୍ ଆପ୍‌ରୁ ଲୋନ୍ ନେବାକୁ ବାରଣ କରାଯାଇଛି। ହେଲେ ଅନେକେ ଅଳ୍ପ ସୁଧରେ ଅଧିକ ଟଙ୍କା ପାଇବା ଲୋଭରେ ଏହି ଜାଲରେ ଫସିଯାଇ ଠକାମିର ଶିକାର ହେଉଥିବା ଦେଖିବାକୁ ମିଳୁଛି। ସୁରକ୍ଷା ଦୃଷ୍ଟିରୁ ଏଥିପ୍ରତି ବିଶେଷ ସଜାଗ ହେବା ଦରକାର। ଅନ୍‌ଲାଇନ୍‌ରେ ପର୍ସନାଲ୍ ଲୋନ୍‌ର ଆବଶ୍ୟକତା ଥିଲେ ବିଶ୍ୱସ୍ତ ଏବଂ ଜଣାଶୁଣା ବ୍ୟାଙ୍କ୍, କୋଅପରେଟିଭ୍ ବ୍ୟାଙ୍କ୍ କିମ୍ବା ଫାଇନାନ୍ସ କମ୍ପାନୀର ଆପ୍‌ରୁ ହିଁ ନିଅନ୍ତୁ। କୌଣସି ପ୍ରକାର ସନ୍ଦେହ ଥିଲେ ଫାଇନାନ୍ସ ଏକ୍ସପର୍ଟ କିମ୍ବା ବ୍ୟାଙ୍କ୍ ଅଧିକାରୀଙ୍କ ସହ ଭଲ ଭାବେ କଥା ହେବା ପରେ ହିଁ ନିଅନ୍ତୁ।

## ୟୁଥ୍ ଆଲର୍ଟ

# ଶିଘ୍ର ଡ୍ରାଏ ହେଉଥିଲେ ବ୍ୟାଟେରି

**ଫୋନ୍ ବିନା ଆଜିକାଲି ଗୋଟିଏ ଦିନ ରହିବା ମୁସ୍କିଲ୍। ହେଲେ ଯେତେ ଭଲ ଫୋନ୍ ହୋଇଥାଉନା କାହିଁକି ଶିଘ୍ର ଶିଘ୍ର ବ୍ୟାଟେରି ଚାର୍ଜ କମୁଥିବାରୁ ଅନେକେ ବ୍ୟସ୍ତ ହୋଇପଡ଼ନ୍ତି। ଜାଣିବା ଏହା ପଛର ବାସ୍ତବ କାରଣ କ'ଣ ଏବଂ କେଉଁସବୁ ଦିଗ ପ୍ରତି ଧ୍ୟାନ ଦେଲେ ଫୋନ୍‌ର ବ୍ୟାଟେରି ଲାଇଫ୍ ବଢ଼ାଇ ହେବ ...**

■ ବ୍ରାଇଟ୍‌ନେସ୍ ଅଧିକ ରଖିବା ଦ୍ୱାରା ମୋବାଇଲ ବ୍ୟାଟେରି ସର୍ବାଧିକ ଖର୍ଚ୍ଚ ହୋଇଥାଏ। କେବଳ ଏତିକି ନୁହେଁ, ଏହାଦ୍ୱାରା ଆଖି ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ଫୋନ୍‌ର ବ୍ରାଇଟ୍‌ନେସ୍ ମିଡିୟମ ରଖିବାକୁ ଚେଷ୍ଟା କରନ୍ତୁ।

■ ମୋବାଇଲର ବ୍ୟାକ୍‌ଲାଇଟ୍ ଟାଇମ୍ ବା ସ୍କ୍ରିନ ଟାଇମ୍ ଯେତେ ସମ୍ଭବ କମ୍ ରଖନ୍ତୁ। ଏହାଦ୍ୱାରା ମଧ୍ୟ ଅଧିକ ଚାର୍ଜ ସରିଥାଏ।

■ ଅନାବଶ୍ୟକ ସମୟରେ ଯେପରି ଶୋଇବା, କୌଣସି ମିଟିଂରେ କିମ୍ବା ଫ୍ଲାଇଟ୍ ଥିବା ବେଳେ ଫୋନ୍ ସୁଇଚ୍ ଅଫ୍ କଲ୍ ବ୍ୟାଟେରିର ଚାର୍ଜ କମ୍ ଖର୍ଚ୍ଚ ହୋଇଥାଏ।

■ ଫୋନ୍‌କୁ ଭାଇବ୍ରେଶନ ମୋଡ୍‌ରେ ରଖିଲେ ବ୍ୟାଟେରି ଅଧିକ ଖର୍ଚ୍ଚ ହୋଇଥାଏ। ତେଣୁ ଆବଶ୍ୟକ ନ ଥିଲେ ଫୋନ୍‌କୁ ଭାଇବ୍ରେଶନ ପରିବର୍ତ୍ତେ ସ୍ଲୋ ରିଂ ଟୋନରେ ରଖନ୍ତୁ।

■ ଫୋନ୍ ସ୍କ୍ରିନ ଉପରେ ଏକାଧିକ ଆପ୍ଲିକେଶନ ଓପନ୍ ରଖିବା ଦ୍ୱାରା ବ୍ୟାଟେରି ଅଧିକ ଖର୍ଚ୍ଚ ହୋଇଥାଏ।

■ ମୋବାଇଲ୍ ଇଣ୍ଟରନେଟ୍, ୱାଇଫାଇ, ଜିପିଏସ୍ ଏବଂ ବ୍ଲୁ ଟୁଥ୍ ଆଦି ବ୍ୟବହାର କରୁ ନ ଥିବା ସମୟରେ ଏହାକୁ ବନ୍ଦ କରି ଦିଅନ୍ତୁ। କାରଣ ଏହାଦ୍ୱାରା ବ୍ୟାଟେରି ଚାର୍ଜ ଶିଘ୍ର ସରିଥାଏ। ସେହିପରି ମ୍ୟାପ୍ କିମ୍ବା ନାଭିଗେଶନ ଏବଂ ଅନ୍ୟାନ୍ୟ ଆପ୍ଲିକେଶନ ବ୍ୟବହାର କରୁ ନ ଥିବା ସମୟରେ ଏହାକୁ ସ୍କ୍ରିନ ଉପରେ ଓପନ କରି ରଖନ୍ତୁ ନାହିଁ।





■ ମୋବାଇଲକୁ ସାରା ରାତି ଚାର୍ଜରେ ବସେଇବା ଦ୍ୱାରା ବ୍ୟାଟେରି ଚାର୍ଜ କ୍ଷମତା ହ୍ରାସ ହେବା ସହ ଅନେକ ସମୟରେ ଫାଟି ମଧ୍ୟ ଯାଏ। ଏଥିପ୍ରତି ସତର୍କ ରୁହନ୍ତୁ।

# କଳିଙ୍ଗରୁ ଓଏଫ୍‌ସିର ବିଜୟ ଅଭିଯାନ

**ଇଣ୍ଡିଆନ୍ ସୁପର୍ ଲିଗ୍**

ଭୁବନେଶ୍ୱର,୨୩।୯(ସରୋଜ ଜେନା)

ଇଣ୍ଡିଆନ୍ ସୁପର୍ ଲିଗ୍(ଆଇଏସ୍‌ଏଲ୍)ରେ ବିଜୟ ସହିତ ଅଭିଯାନ ଆରମ୍ଭ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଚେନ୍ନାଇନ୍ ଏଫ୍‌ସିକୁ ୨-୦ ଗୋଲରେ ପରାସ୍ତ କରି ସମ୍ପୂର୍ଣ୍ଣ ୩ ପଏଣ୍ଟ ଅର୍ଜନ କରିଛି ଓଏଫ୍‌ସି। ଦଳ ପକ୍ଷରୁ ଜେରି ମାୱିମିଙ୍ଗଥାଙ୍ଗା ଓ ଡିଏଗୋ ମରିସିଓ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳୁଥିବା ଓଏଫ୍‌ସି ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୫୮ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା ଓଏଫ୍‌ସି। ୪-୨-୩-୧ କମ୍ବିନେଶନ ସହିତ ଓଏଫ୍‌ସି ଦଳ ମ୍ୟାଚକୁ ଓହ୍ଲାଇଥିଲା। ଷ୍ଟାର୍ଟିଂ ଲାଇନ୍ ଅପ୍‌ରେ ରୟ କ୍ରିଷ୍ଣା ରହିଥିବା ବେଳେ ଦ୍ୱିତୀୟ ହାଫ୍‌ରେ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ଆସିଥିଲେ ଡିଏଗୋ ମରିସିଓ। ମ୍ୟାଚ୍‌ର ଷଷ୍ଠ ମିନିଟରେ ବିପଜ୍ଜନକ ଖେଳ ପାଇଁ ଆମେ ରଣାୱଡେଙ୍କୁ ୟେଲୋ କାର୍ଡ ମିଳିଥିଲା। ୧୫ ମିନିଟରେ ଖରାପ ପାଗ କାରଣରୁ ଖେଳ ବନ୍ଦ ରହିବା ପରେ ପୁନର୍ବାର ଓଡ଼ିଶା ପ୍ରାଧାନ୍ୟ ବିସ୍ତାର କରିଥିଲା। ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ ଜେରୀଙ୍କ ଗୋଲରେ ଓଡ଼ିଶା ୧-୦ରେ ଆଗୁଆ ହୋଇଥିଲା। ଆମେ ରଣାୱଡେଙ୍କେ ଏକ ଶକ୍ତିଶାଳୀ ଶଟ୍‌କୁ ଚେନ୍ନାଇନ୍ ଗୋଲକିପର ସମିକ୍ ମିତ୍ର ଡିଫ୍ଲେକ୍ଟ କରିଥିଲେ। ପୁନର୍ବାର ଆମେଙ୍କ ନିକଟରେ ଶଟ୍ ମାରିବାର ସୁଯୋଗ ଥିଲେ ମଧ୍ୟ ସେ ଜେରୀଙ୍କୁ ପାଶ୍ ଦେଇଥିଲେ। ବାମପାଦରେ ଏକ ଚମତ୍କାର ଶଟ୍ ଜରିଆରେ ଜେରୀ ଦୁଇଜଣ ଡିଫେଣ୍ଡର ଓ ସମିକ୍ ମିତ୍ରଙ୍କୁ ପରାସ୍ତ କରି ଓଏଫ୍‌ସିକୁ ୧-୦ରେ ଆଗୁଆ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଓଏଫ୍‌ସି ଆକ୍ରମଣ ଜାରି ରଖିଥିଲା। ୪୭ ତମ ମିନିଟରେ ଚେନ୍ନାଇନ୍ ପକ୍ଷରୁ କନର ସିଲ୍ଡ ଗୋଲ ସ୍କୋର କରିବାକୁ ପ୍ରୟାସ କରିଥିଲେ ମଧ୍ୟ ଅମରିନ୍ଦର ଏହାକୁ ରୋକିବାରେ ସଫଳ ହୋଇଥିଲେ।



ମ୍ୟାଚ୍‌ର ଦୁଇ ଗୋଲ୍ ସ୍କୋରର ଜେରି ମାୱିମିଙ୍ଗଥାଙ୍ଗା ଓ ଡିଏଗୋ ମରିସିଓ।

୫୮ ତମ ମିନିଟରେ ରୟ କ୍ରିଷ୍ଣାଙ୍କ ସ୍ଥାନରେ ବିଗତ ସିଜନର ଗୋଲ୍ଡେନ୍ ବୁଟ୍ ବିଜେତା ଡିଏଗୋ ମରିସିଓ ବଦଳ ଖେଳାଳି ଭାବରେ ଆସିଥିଲେ। ପଡିଆକୁ ଆସିବାର ୫ ମିନିଟ ମଧ୍ୟରେ ମରିସିଓ ଗୋଲ ସ୍କୋର କରି ଓଏଫ୍‌ସିକୁ ୨-୦ରେ ଆଗୁଆ କରିଥିଲେ। ଲେଫ୍ଟ କର୍ନରରୁ ମିଳିଥିବା ଏକ ପାଶ୍‌କୁ ଆଗେଇ ନେଇଥିଲେ ମରିସିଓ। ସାମ୍ନାରେ ଜଣେ ଖେଳାଳି ଡିଫେଣ୍ଡ କରିବା ପାଇଁ ରହିଥିବା ବେଳେ ଗୋଲ କିପର ମଧ୍ୟ ରହିଥିଲେ। ତେବେ ବାମ ପାଦରେ ଏକ କ୍ରସ କରିବା ସହିତ ସିଜନର ପ୍ରଥମ ଗୋଲ ସ୍କୋର କରିଥିଲେ ମରିସିଓ। ପରବର୍ତ୍ତୀ ସମୟରେ ଓଏଫ୍‌ସି ରକ୍ଷଣାତ୍ମକ ଢଙ୍ଗରେ ଖେଳିବା ସହିତ ସିଜନର ପ୍ରଥମ ବିଜୟ ହାସଲ କରିଥିଲା। ଓଏଫ୍‌ସି କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୮ ତାରିଖରେ ମୁମ୍ବାଇ ସିଟି ଏଫ୍‌ସି ବିପକ୍ଷରେ ଏହାର ଦ୍ୱିତୀୟ ମ୍ୟାଚ୍ ଖେଳିବ।

### ଖେଳରେ ବାଧାଦେଲା ବଜ୍ରପାତ

ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ୍ ଏଫ୍‌ସି ମଧ୍ୟରେ ଇଣ୍ଡିଆନ୍ ସୁପର୍ ଲିଗ୍‌ର ତୃତୀୟ ମ୍ୟାଚ୍‌ରେ ବଜ୍ରପାତ କାରଣରୁ ଖେଳ ୫୫ ମିନିଟ ପାଇଁ ବନ୍ଦ ରହିଥିଲା। ଶନିବାର ସନ୍ଧ୍ୟାରେ ପ୍ରବଳ ବର୍ଷା ମଧ୍ୟରେ ମ୍ୟାଚ୍ ଖେଳା ଯାଇଥିଲା। ବର୍ଷାରେ ଖେଳ ହେଉଥିଲେ ମଧ୍ୟ ମ୍ୟାଚ୍‌ର ୧୫ ତମ ମିନିଟରେ ଖେଳ ବନ୍ଦ ରଖାଯାଇଥିଲା। ବର୍ଷା ଓ ବଜ୍ରପାତ କମିବା ପରେ ପୁନର୍ବାର ଖେଳ ଆରମ୍ଭ ହୋଇଥିଲା।

# ଚାପରେ ଶ୍ରେୟସ, ଅଶ୍ୱିନ

**ଭାରତ-ଅଷ୍ଟ୍ରେଲିଆ ୨ୟ ଦିନିକିଆ ଆଜି**

ଇନ୍ଦୋର, ୨୩।୯(ପି.ଟି.)

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ରବିବାର ସ୍ଥାନୀୟ ହୋଲ୍‌କାର ଷ୍ଟାଡିୟମରେ ଖେଳାଯିବ। ଆଶାନୁରୂପ ପ୍ରଦର୍ଶନ କରିପାରୁ ନ ଥିବାରୁ ବ୍ୟାଟର ଶ୍ରେୟସ ଆୟର ଓ ବୋଲର ଆର୍. ଅଶ୍ୱିନ ଚାପରେ ରହିବା ସ୍ୱାଭାବିକ। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ସମେତ ୪ ପ୍ରମୁଖ ଖେଳାଳିଙ୍କ ବିନା ଭାରତ ଶୁକ୍ରବାର ମୋହାଲିଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆକୁ ସହଜରେ ଜିତିନେଇଥିଲା। ହୋଲ୍‌କାର ଷ୍ଟାଡିୟମରେ ସାଧାରଣତଃ ହାଇସ୍କୋରିଂ ମ୍ୟାଚ ଦେଖିବାକୁ ମିଳିଥାଏ। ସହରରେ ବର୍ଷା ଯୋଗୁ ତାପମାତ୍ରା ହ୍ରାସ ପାଇଛି। ମୋହାଲିଠାରେ ଅସ୍ୱାଭାବିକ ଉତ୍ତାପ ଓ ଆର୍ଦ୍ରତା ଅନୁଭବ କରିବା ପରେ ଏଠିକାର ଜଳବାୟୁ ସେମାନେ ପସନ୍ଦ କରିବେ। ଶୁକ୍ରବାର ମ୍ୟାଚ ଭାରତୀୟ ଦଳ ପାଇଁ ସକାରାତ୍ମକ ଥିଲା। ବିଶେଷକରି ମହମ୍ମଦ ଶାମି ଓ ସୂର୍ଯ୍ୟକୁମାର ଯାଦବଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ତଥାପି ଅକ୍ଟୋବର ୫ରୁ ଆରମ୍ଭ ହେବାକୁଥିବା ବିଶ୍ୱକପ୍ ପାଇଁ ଆହୁରି କେତୋଟି ପ୍ରଶ୍ନର ଉତ୍ତରକୁ ଅପେକ୍ଷା କରାଯାଇଛି। ଦୀର୍ଘଦିନ ପରେ ଆହତଜନିତ ସମସ୍ୟାରୁ ମୁକୁଳି ସାରିଥିଲେ ମଧ୍ୟ ଗତ ଏସିଆ କପ୍‌ରେ ଭାରତର ନମ୍ବର ୪ ବ୍ୟାଟର ଆୟରଙ୍କ ପ୍ରଦର୍ଶନ ଉପରେ ନଜର ରଖାଯାଇଥିଲା। ଭିନ୍ନ କାରଣରୁ ତାଙ୍କ ପ୍ରଦର୍ଶନ ଭଲ ରହି ନ ଥିଲା। ପିଠି ମାଂସପେଶୀରେ ସମସ୍ୟା ଦେଖାଦେବାରୁ ଏସିଆ କପ୍ ଶେଷଭାଗରେ ଖେଳିପାରି ନ ଥିଲେ। ଶୁକ୍ରବାର ସେ କ୍ରିଜ୍‌ରେ ୮ଟି ବଲ୍ ସାମ୍ନା କରିଥିଲେ। ସେ ରନ୍‌ଆଉଟ ହୋଇଥିଲେ, ଯାହାକୁ ଏଡ଼ାଇ ଦିଆଯାଇପାରିଥାନ୍ତା। ଆଗାମୀ ଦୁଇଟି ମ୍ୟାଚରେ ଆଖିଦୃଶିଆ ରନ୍ ସଂଗ୍ରହ କରିପାରିଲେ ଗ୍ଲୋବାଲ ଇଭେଣ୍ଟ ପୂର୍ବରୁ ନିଜ ଓ ତାଙ୍କ ଦଳ ପାଇଁ ଶୁଭଙ୍କର। ଅନ୍ୟପକ୍ଷରେ ଦଳକୁ ପ୍ରତ୍ୟାବର୍ତ୍ତନରେ ଅଶ୍ୱିନ ଏକ ଫ୍ଲାଟ ଟ୍ରାକ୍‌ରେ ଅଷ୍ଟ୍ରେଲୀୟ ବ୍ୟାଟରଙ୍କୁ ସମସ୍ୟାରେ ପକାଇବାରେ ବିଫଳ ହୋଇଛନ୍ତି। ଅକ୍ଷର ପଟେଲ ଯଦି ଠିକଣା ସମୟରେ ଫିଟ୍ ନ ହୁଅନ୍ତି ତେବେ ଏହି ଚାମ୍ପିୟନ ସ୍ପିନରଙ୍କୁ ଶେଷ ମୁହୂର୍ତ୍ତରେ ଭାରତର ବିଶ୍ୱକପ୍ ଦଳରେ ସ୍ଥାନ ମିଳିପାରେ। କିନ୍ତୁ ଟିମ୍ ମ୍ୟାନେଜମେଣ୍ଟ ଏହି ୩୭ ବର୍ଷୀୟ ବୋଲରଙ୍କଠାରୁ ଗତ ଶୁକ୍ରବାର ପ୍ରଦର୍ଶନଠାରୁ ଅଧିକ କିଛି ଆଶା କରୁଛି। ଟିମ୍ ମ୍ୟାନେଜମେଣ୍ଟ ଅଶ୍ୱିନଙ୍କୁ ବିଶ୍ରାମ ଦେଇ ଅନ୍ୟ ଜଣେ ଅଫ୍ ସ୍ପିନର ୱାଶିଂଟନ ସୁନ୍ଦରଙ୍କୁ ଏହି ମ୍ୟାଚରେ ଖେଳାଇବା ସମ୍ଭାବନା ମଧ୍ୟ ରହିଛି। ଶାର୍ଦ୍ଦୂଳ ଠାକୁର ଏହି ମ୍ୟାଚରେ ଉନ୍ନତ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ।



ଶ୍ରେୟସ ଆୟର ଓ ଆର୍. ଅଶ୍ୱିନ।

ଗତ ମ୍ୟାଚରେ ସେ ତାଙ୍କ ୧୦ ଓଭର ବୋଲିଂରେ ୭୮ ରନ ଦେଇଥିଲେ। ଗତ ମ୍ୟାଚରେ ବ୍ୟାଟିଂ ବିଭାଗରେ ବିଶ୍ୱର ଶ୍ରେଷ୍ଠ ଟି୨୦ ବ୍ୟାଟର ସୂର୍ଯ୍ୟକୁମାର ଯାଦବଙ୍କ ପ୍ରଦର୍ଶନ ଭଲ ରହିଛି। ତାଙ୍କ ଭଳି ବ୍ୟାଟର କ୍ରିଜ୍‌ରେ ଅଧିକ ସମୟ ମହଜୁଦ ରହିଲେ ମ୍ୟାଚ ଉପରେ ପ୍ରଭାବ ପଡ଼ିବ। ଭାରତ ଭଳି ଅଷ୍ଟ୍ରେଲିଆ ମଧ୍ୟ ମିଚେଲ ଷ୍ଟାର୍କ, ଗ୍ଲେନ ମ୍ୟାକ୍ସୱେଲ୍ ଓ ଜୋସ୍ ହାଜ୍‌ଲେଉଡ୍‌ଙ୍କ ଭଳି କେତେଜଣ ପ୍ରମୁଖ ଖେଳାଳିଙ୍କ ବିନା ପ୍ରଥମ ମ୍ୟାଚ ଖେଳିଥିଲା। ସେପ୍ଟେମ୍ବର ୨୭ରେ ରାଜକୋଟଠାରେ ଖେଳାଯିବାକୁ ଥିବା ତୃତୀୟ ମ୍ୟାଚରେ ସେମାନେ ଦଳକୁ ଫେରିପାରନ୍ତି ବୋଲି ଅଧିନାୟକ ପ୍ୟାଟ୍ କମିନ୍ସ ସୂଚନା ଦେଇଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ଅଷ୍ଟ୍ରେଲିଆ ଭାରତରେ ସିରିଜ ଜିତିଥିଲା। ରବିବାର ଦଳ ପାଇଁ ନିଶ୍ଚିତ ବିଜୟ ପରିସ୍ଥିତି ସୃଷ୍ଟି ହୋଇଛି।

**ସ୍ଥାନ:** ଇନ୍ଦୋର
**ମ୍ୟାଚ୍ ଆରମ୍ଭ:** ଅପରାହ୍ନ ୩ଟା ୩୦।
**ପ୍ରସାରଣ:** ସ୍ପୋର୍ଟ୍ସ-୧୮

# ପାକିସ୍ତାନ କ୍ରିକେଟ ଦଳର ଭିଜାକୁ ଅପେକ୍ଷା

**ଦିନିକିଆ କ୍ରିକେଟ ବିଶ୍ୱକପ୍**

ଇନ୍ଦୋର,୨୩।୯(ପି.ଟି.)

ଆଇସିସି ଦିନିକିଆ ବିଶ୍ୱକପ୍ ଖେଳିବାକୁ ଭାରତ ଗସ୍ତରେ ଆସିବା ଲାଗି ଭିଜା ପାଇଁ ଅପେକ୍ଷାରେ ଅଛନ୍ତି ପାକିସ୍ତାନୀ ଖେଳାଳି ଓ ଟିମ୍ ଅଫିସିଆଲ। ପାକିସ୍ତାନ ଏହାର ଓପ୍‌ନିଂ ୱାର୍ମଅପ୍ ଖେଳିବାର ଦୁଇ ଦିନ ପୂର୍ବରୁ ଅର୍ଥାତ୍ ସେପ୍ଟେମ୍ବର ୨୭ରେ ଭାରତରେ ପହଞ୍ଚିବ। ଦଳ ଦୁବାଇ ବାଟ ଦେଇ ହାଇଦ୍ରାବାଦ ଆସିଥାନ୍ତା ଏବଂ ସେଠାରେ ଦୁଇ ଦିନ ଅଭ୍ୟାସ କରିଥାନ୍ତା। ମାତ୍ର ଏବେ ସୁଦ୍ଧା ଭିଜା ମିଳି ନ ଥିବାରୁ ଏହା ସମ୍ଭବପର ନୁହେଁ। ବାବର ଆଜାମଙ୍କ ନେତୃତ୍ୱାଧୀନ ଦଳ ଏହାର ପ୍ରଥମ ୱାର୍ମଅପ୍ ସେପ୍ଟେମ୍ବର ୨୯ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ରୁ ମିଳିଥିବା ସୂଚନା ଅନୁସାରେ, ଖେଳାଳିମାନେ ଇସ୍‌ଲାମାବାଦସ୍ଥିତ ଭାରତୀୟ ହାଇକମିଶନରୁ ଭିଜାକୁ ଅପେକ୍ଷା କରି ରହିଥିବାରୁ ଦଳର ଦୁବାଇ ଗସ୍ତକୁ ବାତିଲ କରିଦିଆଯାଇଛି। ଏହି ଅବ୍ୟବସ୍ଥା ସମ୍ପର୍କରେ ପିସିବି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଦୃଷ୍ଟି ଆକର୍ଷଣ କରିଛି। ପାକିସ୍ତାନ ଗତଥର ୨୦୧୬ରେ ଟି୨୦ ବିଶ୍ୱକପ୍ ଖେଳିବା ଲାଗି ଭାରତ ଗସ୍ତରେ ଆସିଥିଲା। ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ଯୋଗୁ ଉଭୟେ କେବଳ ଏସିଆ କପ୍ ଓ ଆଇସିସି ଟୁର୍ନାମେଣ୍ଟରେ ପରସ୍ପର ସହ ଖେଳୁଛନ୍ତି। ପିସିବି ପାସ୍‌ପୋର୍ଟ ସଂଗ୍ରହ ପାଇଁ ଶୁକ୍ରବାର ଏହାର ଅଫିସିଆଲଙ୍କୁ ଇସ୍‌ଲାମାବାଦ ପଠାଇଥିଲା। ମାତ୍ର ଭିଜା ପ୍ରକ୍ରିୟା ଏପର୍ଯ୍ୟନ୍ତ ଚାଲିଛି। ଫଳତଃ ବୋର୍ଡ ଦୁବାଇରେ ଦୁଇଦିନିଆ ଅଭ୍ୟାସ କାର୍ଯ୍ୟକ୍ରମକୁ ବାତିଲ କରିଛି। ଭିଜା ମିଳିବା ମାତ୍ରେ ପାକିସ୍ତାନ ଦୁବାଇ ବାଟ ଦେଇ ସେପ୍ଟେମ୍ବର ୨୭ରେ ହାଇଦ୍ରାବାଦରେ ପହଞ୍ଚିବ।

# ହରିୟାଣାର ବୃହତ୍ ବିଜୟ, ହାରିଲା ଓଡ଼ିଶା

**ଜାତୀୟ ଜୁନିୟର ବାଳିକା ଫୁଟ୍‌ବଲ**

ଭୁବନେଶ୍ୱର,୨୩।୯(ସରୋଜ ଜେନା)

ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଓ ଫୁଟବଲ ଆସୋସିଏଶନ୍ ଅଫ୍ ଓଡ଼ିଶା(ଫାଓ) ପକ୍ଷରୁ ଅନୁଷ୍ଠିତ ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ ୨୦୨୩ରେ ଶନିବାର ବୃହତ ବିଜୟ ହାସଲ କରିଛି ହରିୟାଣା। ଅନ୍ୟ ଦଳମାନଙ୍କ ମଧ୍ୟରେ ମଣିପୁର, ଅରୁଣାଚଳ ପ୍ରଦେଶ ଓ କେରଳ ମଧ୍ୟ ବିଜୟ ହାସଲ କରିଛନ୍ତି। ସପ୍ତମ ବାଟାଲିୟନରେ ଅନୁଷ୍ଠିତ ମ୍ୟାଚରେ ହରିୟାଣା ୧୪-୦ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ବିପାଂଶି(୧, ୪୫+୩, ୫୩, ୬୧ ଓ ୬୬) ମିନିଟରେ ୫ଟି ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ମୁସ୍କାନ(୪୧, ୯୦+୧) ମିନିଟ, ଶ୍ୱେତା ରାଣୀ(୩୪, ୩୫) ମିନିଟ ଓ ରିତିକା(୮୮, ୯୦+୩) ମିନିଟରେ ଦୁଇଟି ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ଓଡ଼ିଶାକୁ ୩-୧ ଗୋଲରେ ପରାସ୍ତ କରିଛି ଅରୁଣାଚଳ ପ୍ରଦେଶ। ୫୮ ତମ ମିନିଟରେ ରୂପଶ୍ରୀ ମୁଣ୍ଡାଙ୍କ ଗୋଲରେ ଓଡ଼ିଶା ଅଗ୍ରଣୀ ହାସଲ କରିଥିଲା। ମ୍ୟାଚ୍‌ରୁ ଶେଷ ୧୦ ମିନିଟରେ ୩ ଗୋଲ ସ୍କୋର କରି ଅରୁଣାଚଳ ମ୍ୟାଚ୍ ଛଡାଇ ନେଇଥିଲା। ଲିଙ୍ଗଡମ୍ ୟାରେ(୮୨ ମିନିଟ), ଗୁନାଇଲୁ ଟାୱସିକ୍(୮୫ ମିନିଟ) ଓ ୟୁମଲମ୍ ଲାଲି(୯୦ ମିନିଟ)ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।



ଦିଲ୍ଲୀ ଓ ମଣିପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ନାମେଇରାକାପମ ଆରିନା ଦେବୀଙ୍କ ଡବଲ ଗୋଲ ବଳରେ ମଣିପୁର ୨-୧ଗୋଲରେ ଦିଲ୍ଲୀକୁ ପରାସ୍ତ କରିଛି। ଆରିନା ମ୍ୟାଚ୍‌ର ୫୫ ଓ ୭୦ ମିନିଟରେ ଦୁଇଟି ଗୋଲ ଦେଇଥିଲେ। ଇଞ୍ଜୁରୀ ଟାଇମରେ ୯୦+୫ ମିନିଟରେ ଦିଲ୍ଲୀ ପକ୍ଷରୁ ବାଣୀ କାଲୁଚା ଗୋଟିଏ ଗୋଲ ପରିଶୋଧ କରିଥିଲେ। ଭାଗ୍ୟ ବିନୋଦଙ୍କ ଗୋଲ ବଳରେ କେରଳ ୧-୦ ଗୋଲରେ ଗୁଜରାଟକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିବା ବେଳେ ମ୍ୟାଚର ୮୧ ତମ ମିନିଟରେ ନିର୍ଣ୍ଣାୟକ ଗୋଲ୍‌ଟି ଦେଇଥିଲେ ଭାଗ୍ୟ ବିନୋଦ।

# ଭର୍ଷ୍ଟାପେନ୍‌ଙ୍କୁ ପୋଲ୍ ପୋଜିଶନ

ସୁଜୁକା (ଜାପାନ), ୨୩।୯ (ଏପି)

ଫର୍ମୁଲାୱାନ ଚାମ୍ପିୟନଶିପ୍ ଲିଡର ମାକ୍ସ ଭର୍ଷ୍ଟାପେନ୍ ଜାପାନିଜ ଫର୍ମୁଲା ୱାନ ମୋଟର ରେସ୍ ଗ୍ରାଁ ପ୍ରି ପାଇଁ ପୋଲ୍ ପୋଜିଶନ ହାସଲ କରିଛନ୍ତି। ଏଥି ସହ ସେ ଫର୍ମକୁ ଫେରିଛନ୍ତି। ସପ୍ତାହ ପୂର୍ବେ ସିଙ୍ଗାପୁରରେ ସେ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଇଥିଲା। ମାତ୍ର ସୁଜୁକା ସର୍କିଟରେ ଶନିବାର ଅନୁଷ୍ଠିତ କ୍ୱାଲିଫାଇଂରେ ସେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ରେଡ୍ ବୁଲର ଏହି ଡ୍ରାଇଭର ୧ ମିନିଟ ୨୮.୮୭୭ ସେକେଣ୍ଡ ଟାଇମିଂରେ ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରିଙ୍କଠାରୁ .୫୮୧ ସେକେଣ୍ଡ ଆଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ଟିମ୍‌ମେଟ ଲାଣ୍ଡୋ ନୋରିସ ତୃତୀୟ ହୋଇଥିଲେ। ଚଳିତ ସିଜନରେ ଭର୍ଷ୍ଟାପେନ୍‌ଙ୍କର ଏହା ହେଉଛି ୯ମ ପୋଲ୍ ପୋଜିଶନ ଏବଂ ମାସକ ପୂର୍ବରୁ ଡଚ୍ ଗ୍ରାଁ ପ୍ରି ପରେ ଏହା ପ୍ରଥମ।

# ବାରାଣସୀରେ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମର ଶିଳାନ୍ୟାସ

ବାରଣାସୀ (ଉତ୍ତର ପ୍ରଦେଶ), ୨୩।୯ (ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ବାରାଣସୀଠାରେ ଏକ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଷ୍ଟାଡିୟମର ଡିଜାଇନ ଭଗବାନ ମହାଦେବଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। କାଶି ସହରର ନାଗରିକମାନଙ୍କ ଲାଗି ଏହା ଏକ ଗୌରବର ବିଷୟ। ସେମାନେ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଦେଖିବାର ସୁଯୋଗ ପାଇବେ। ଏହାଛଡ଼ା ଏହି ଷ୍ଟାଡିୟମରେ ଯୁବ ଆଥ୍‌ଲେଟମାନଙ୍କ ଲାଗି ଅନ୍ତର୍ଜାତୀୟ ସ୍ତରର ଟ୍ରେନିଂ ବ୍ୟବସ୍ଥା ରହିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ନିକଟରେ ଭାରତର କ୍ରୀଡ଼ାରେ ଉଲ୍ଲେଖନୀୟ ସଫଳତା ଯୋଗୁ ଖେଳପ୍ରତି ରହିଥିବା ଧାରଣାରେ ପରିବର୍ତ୍ତନ ଘଟିଛି। ଯୁବଶ୍ରେଣୀ ଖେଳକୁ କ୍ୟାରିୟର ଭାବେ ଗ୍ରହଣ କରିବାକୁ ଆଗଭର ହେଉଛନ୍ତି। ଏହା ଫିଟ୍‌ନେସ ବ୍ୟତୀତ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରୁଛି। ଏହି ଷ୍ଟାଡିୟମଟି ୩୦ ଏକର ପରିମିତ ଅଞ୍ଚଳରେ ରାଜାତଲାବ ଅଞ୍ଚଳର ରିଙ୍ଗ୍ ରୋଡ୍ ନିକଟରେ ୪୫୦କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବ। ୨୦୨୫ ଡିସେମ୍ବର ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ। ଜିମ ଅଧିଗ୍ରହଣ ପାଇଁ ଉତ୍ତର ପ୍ରଦେଶ ସରକାର ୧୨୧ କୋଟି ଟଙ୍କା ବ୍ୟୟ କରିଛନ୍ତି। ନିର୍ମାଣ କାର୍ଯ୍ୟ ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୩୩୦ କୋଟି ଟଙ୍କା ବ୍ୟୟ କରିବ। କାନପୁର ଓ ଲକ୍ଷ୍ନୌ ପରେ ଉତ୍ତର ପ୍ରଦେଶର ଏହା ହେବ ତୃତୀୟ ଷ୍ଟାଡିୟମ।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜର୍ସି ପ୍ରଦାନ କରୁଛନ୍ତି କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର।

# ୨୦୧୧: ଆୟୋଜକ ଦେଶ ଭାବେ ଭାରତ ବିଜେତା

ଦିନିକିଆ କ୍ରିକେଟ ପୁରୁଷ ବିଶ୍ୱକପ୍‌ର ଦଶମ ସଂସ୍କରଣ ଭାରତରେ ଖେଳା ଯାଇଥିଲା। ବାଂଲାଦେଶ ଓ ଶ୍ରୀଲଙ୍କା ସହ ଭାରତ ଆୟୋଜକ ଦେଶ ରହିଥିବା ବେଳେ ଭାରତ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଆରମ୍ଭରୁ ଭାରତ ଓ ପାକିସ୍ତାନରେ ଏହି ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ତେବେ ୨୦୦୯ରେ ଶ୍ରୀଲଙ୍କା ଦଳ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ କାରଣରୁ ପାକିସ୍ତାନର ଆୟୋଜକ କ୍ଷମତା ପ୍ରତ୍ୟାହାର କରିଥିଲା ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ। ପାକିସ୍ତାନରେ ହେବାକୁ ଥିବା ୧୪ ମ୍ୟାଚ୍ ମଧ୍ୟରୁ ୮ ଭାରତରେ ଖେଳା ଯାଇଥିବା ବେଳେ ୪ଟି ଶ୍ରୀଲଙ୍କାରେ ଓ ଦୁଇଟି ବାଂଲାଦେଶରେ ଖେଳା ଯାଇଥିଲା। ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ଖେଳୁଥିବା ବେଳେ ୨୮ ବର୍ଷ ପରେ ଦିନିକିଆ କ୍ରିକେଟ ବିଶ୍ୱକପ୍ ଟ୍ରଫି ଉଠାଇବାର ସୌଭାଗ୍ୟ ହାସଲ କରିଥିଲା। ଶେଷ ଥର ପାଇଁ କପିଳ ଦେବଙ୍କ ନେତୃତ୍ୱରେ ଭାରତୀୟ ଦଳ ଦିନିକିଆ ବିଶ୍ୱକପ ଟ୍ରଫି ହାତେଇବାରେ ସକ୍ଷମ ହୋଇଥିଲା। ଅନ୍ୟ ପକ୍ଷରେ କ୍ରିକେଟର ଭଗବାନ ସଚିନ ତେନ୍ଦୁଲକରଙ୍କ ଏହା ଶେଷ ବିଶ୍ୱକପ୍ ହୋଇଥିବା ବେଳେ ସେ କ୍ୟାରିୟରରେ ପ୍ରଥମ ଟ୍ରଫି ଉଠାଇବାର ସୌଭାଗ୍ୟ ହାସଲ କରିଥିଲେ। ସେହିପରି ଏହି ବିଶ୍ୱକପ୍‌ରେ ଭାରତର ଟ୍ରମ୍ପ କାର୍ଡ ରହିଥିଲେ ଯୁବରାଜ ସିଂ। ଉଭୟ ବ୍ୟାଟ ଓ ବଲ୍‌ରେ ଚମତ୍କାର ପ୍ରଦର୍ଶନ ସହିତ ସେ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।

ଭାରତରେ ଖେଳାଯାଇଥିବା ଏହି ଟୁର୍ନାମେଣ୍ଟରେ ୧୪ ଦଳ ଅଂଶଗ୍ରହଣ କରିଥିଲେ। ଦୁଇଟି ଗ୍ରୁପ୍‌ର ଟପ୍-୪ ଦଳ ନକ୍‌ଆଉଟକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଭାରତ କ୍ୱାର୍ଟର ଫାଇନାଲରେ ୪ ଥର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ସେମିରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ଦଳ ଫାଇନାଲରେ ପହଞ୍ଚିଥିଲା। ଶ୍ରୀଲଙ୍କା ବିପକ୍ଷ ଫାଇନାଲକୁ ଦଳ ୬ ଉଇକେଟରେ ଜିତି ନେଇଥିଲା। ପ୍ରଥମ ଥର ପାଇଁ ଦୁଇ ଏସୀୟ ରାଷ୍ଟ୍ର ଫାଇନାଲରେ ପ୍ରବେଶ କରିଥିବା ବେଳେ ୧୯୯୨ ପରେ ପ୍ରଥମ ଥର ଫାଇନାଲ ଖେଳି ନ ଥିଲା ଅଷ୍ଟ୍ରେଲିଆ। ଏହି ବିଶ୍ୱକପ୍‌ରେ ଯୁବରାଜ ସିଂଙ୍କୁ ବାଦ୍ ଦେଲେ ଅନେକ ଖେଳାଳି ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ଦୁଇ ଓପନର ବୀରେନ୍ଦ୍ର ସେହ୍ୱାଗ ୩୮୦ ଓ ଗୌତମ ଗମ୍ଭୀର ୩୯୩ ରନ୍ ସ୍କୋର କରିଥିଲେ। ସେହ୍ୱାଗ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଗମ୍ଭୀର ୪ ଅର୍ଦ୍ଧଶତକ ହାସଲ କରିଥିଲେ। କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ୯ ମ୍ୟାଚ୍‌ରୁ ୨ଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ସହିତ ୪୮୨ ରନ୍ ସ୍କୋର କରିଥିଲେ। ଯୁବରାଜ ସିଂ ୯ ମ୍ୟାଚ୍‌ରୁ ୧ ଶତକ ଓ ୪ ଅର୍ଦ୍ଧଶତକ ସହିତ ୩୬୨ ରନ୍ ସ୍କୋର କରିଥିବା ବେଳେ ବୋଲିଂରେ ନେଇଥିଲେ ୧୫ ଉଇକେଟ। ଯୁବରାଜ ବିଶ୍ୱକପ୍ ସମୟରେ କ୍ୟାନ୍ସରରେ ଆକ୍ରାନ୍ତ ଥିଲେ ମଧ୍ୟ ଯେଉଁଭଳି ପ୍ରଦର୍ଶନ କରିଥିଲେ ତାହା ସର୍ବଦା ସ୍ମରଣୀୟ ରହିବ। ଏହି ଟୁର୍ନାମେଣ୍ଟରେ ଯୁବରାଜଙ୍କ ବ୍ୟାଟିଂ ଆଭରେଜ ୯୦.୫୦ ରହିଥିଲା। ଫାଇନାଲ ମ୍ୟାଚରେ ପ୍ଲେୟର ଅଫ୍ ଦ ମ୍ୟାଚ୍ ରହିଥିବା ମହେନ୍ଦ୍ର ସିଂ ଧୋନୀଙ୍କ ୯୧ ରନ୍ ଓ ଗୌତମ ଗମ୍ଭୀରଙ୍କ ଲଢୁଆ ୯୭ ରନ୍ ଭାରତକୁ ଟାଇଟଲ ବିଜୟୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ବୋଲିଂରେ ଜାହିର ଖାନ୍ ୨୧ ଉଇକେଟ ନେଇ ଭାରତୀୟ ବୋଲିଂର ନେତୃତ୍ୱ ନେଇଥିଲେ। ଯୁବରାଜ ସିଂ ୧୫ ଓ ମୁନାଫ ପଟେଲ ୧୧ ଉଇକେଟ ସହିତ ତାଙ୍କୁ ସହାୟତା କରିଥିଲେ।

ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଫାଇନାଲ ମ୍ୟାଚ ଖେଳା ଯାଇଥିବା ବେଳେ ଶ୍ରୀଲଙ୍କାକୁ ୬ ଉଇକେଟରେ ପରାସ୍ତ କରିଥିଲା ଭାରତ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଅଧିନାୟକ ମାହେଲା ଜୟବର୍ଦ୍ଧନେଙ୍କ ଶତକ ବଳରେ ୬ ଉଇକେଟ ହରାଇ ୨୭୪ ରନ୍ କରିଥିଲା। ଜବାବରେ ମହେନ୍ଦ୍ର ସିଂ ଧୋନୀଙ୍କ ଅପରାଜିତ ୯୧ ଓ ଗୌତମ ଗମ୍ଭୀରଙ୍କ ୯୭ ରନ୍ ବଳରେ ଭାରତ ୧୦ ବଲ୍ ବାକିଥାଇ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଛକା ମାରି ସମ୍ପୂର୍ଣ୍ଣ ଷ୍ଟାଇଲରେ ମ୍ୟାଚ ଶେଷ କରିଥିଲେ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ। ଯୁବରାଜ ସିଂଙ୍କୁ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ଘୋଷଣା କରାଯାଇଥିଲା। ତିଳକରତ୍ନେ ଦିଲସାନ୍ ୫୦୦ ରନ୍ ସହ ଟୁର୍ନାମେଣ୍ଟର ହାଇଏଷ୍ଟ ସ୍କୋରର ରହିଥିବା ବେଳେ ୨୧ ଉଇକେଟ ସହିତ ସର୍ବାଧିକ ଉଇକେଟ ହାସଲକାରୀଙ୍କ ମଧ୍ୟରେ ଯୁଗ୍ମ ପ୍ରଥମ ସ୍ଥାନରେ ଥିଲେ ଜାହିର ଖାନ୍ ଓ ଶାହିଦ ଆଫ୍ରିଦି।



ବିଶ୍ୱକପ୍ ଟ୍ରଫି ସହ ମହେନ୍ଦ୍ର ସିଂ ଧୋନୀ।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**ଆଉ ୧୧ ଦିନ**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୨୪ ସେପ୍ଟେମ୍ବର, ୨୦୨୩ Bhubaneswar, Sunday, September 24, 2023



ଜାତୀୟ ପତାକା ସହ ଭାରତୀୟ ଆଥ୍‌ଲେଟିକ ଦଳର ନେତୃତ୍ୱ ନେଉଛନ୍ତି ହରମନ୍‌ପ୍ରୀତ୍ ସିଂ ଓ ଲଭ୍‌ଲିନା ବୋର୍ଗୋହେନ୍।



ଉଦ୍‌ଘାଟନୀ ସମାରୋହରେ ଭାରତୀୟ ମହିଳା ଆଥ୍‌ଲେଟିକ୍ସ ଦଳ।

# ଏସିଆନ୍ ଗେମ୍ସ ଉଦ୍‌ଘାଟନୀ ସମାରୋହ

**ହାଙ୍ଗଝୋ,୨୩।୯(ପି.ଟି.)**

ଚାଇନାର ହାଙ୍ଗଝୋରେ ଏସିଆନ୍ ଗେମ୍ସ ୧୯ତମ ସଂସ୍କରଣର ଆନୁଷ୍ଠାନିକ ଉଦ୍‌ଘାଟନ ଶନିବାର ସନ୍ଧ୍ୟାରେ ହୋଇଛି। ଏଥିରେ ଭାରତୀୟ କ୍ରୀଡା ଦଳର ନେତୃତ୍ୱ ନେଇଥିଲେ ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ହରମନ୍‌ପ୍ରୀତ୍ ସିଂ ଓ ଅଲିମ୍ପିକ୍ସ ପଦକ ବିଜୟିନୀ ବକ୍ସର ଲଭଲିନା ବୋର୍ଗୋହେନ୍। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ପରିବେଶ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ବୈଷୟିକ କୌଶଳର ବ୍ୟବହାର କରାଯାଥିଲା। ଭାରତୀୟ ଖେଳାଳିଙ୍କୁ ଭିଜା ପ୍ରଦାନକୁ ନେଇ ବିବାଦ ମଧ୍ୟରେ ଚମତ୍କାର ଲେଜର ଲାଇଟ୍ ଶୋ ମାଧ୍ୟମରେ ଆରମ୍ଭ ହୋଇଥିଲା ଶନିବାରର ସନ୍ଧ୍ୟା। 'ଟାଇଡ୍ସ ସର୍ଜିଙ୍ଗ ଇନ୍ ଏସିଆ' ଏହି କାର୍ଯ୍ୟକ୍ରମର ଥିମ୍ ରହିଥିଲା। ଏସୀୟ ଦେଶର ଜନସାଧାରଣଙ୍କ ମଧ୍ୟରେ ଭଲପାଇବା, ବନ୍ଧୁତା ଓ ଏକତ୍ୱକୁ ଦର୍ଶାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଥିବା ବେଳେ ଅରୁଣାଚଳ ପ୍ରଦେଶର ୩ ଭାରତୀୟ ଆଥ୍‌ଲେଟଙ୍କୁ ଭିଜା ପ୍ରଦାନ ନ କରିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଉଦ୍‌ଘାଟନୀ ଉତ୍ସବରେ ଚାଇନାର ୧୦୦୦ ବର୍ଷର ସଭ୍ୟତା, କଳା ଓ ସଂସ୍କୃତିକୁ ଦର୍ଶାଇବାକୁ ପ୍ରୟାସ କରାଯାଇଥିଲା। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟବହାରରେ ବିଭିନ୍ନ ଦେଶର ଆଥ୍‌ଲେଟମାନଙ୍କ ଫ୍ଲାଗ୍‌ମାର୍ଚ୍ଚକୁ ପ୍ରଦର୍ଶିତ କରାଯାଇଥିଲା। ୪୫ ରାଷ୍ଟ୍ରର ୧୨ ହଜାର ଆଥ୍‌ଲେଟ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ବେଳେ ଚାଇନା ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ପତାକା ଦେଖାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅଲିମ୍ପିକ୍ସ କାଉନ୍‌ସିଲ୍ ଅଫ୍ ଏସିଆର ସଭାପତି ରଣଧୀର ସିଂ, ଅନ୍ତର୍ଜାତୀୟ ଅଲିମ୍ପିକ୍ସ କାଉନ୍‌ସିଲ୍ ମୁଖ୍ୟ ଥୋମାସ୍ ବାକ୍, ବିଭିନ୍ନ ରାଷ୍ଟ୍ରର ମୁଖ୍ୟ, ସମସ୍ତ ଜାତୀୟ ଅଲିମ୍ପିକ୍ସ କମିଟି ସଦସ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଭାରତୀୟ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର ଓ ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ୍ ମୁଖ୍ୟ ପି.ଟି. ଉଷା ଏହି କାର୍ଯ୍ୟକ୍ରମକୁ ବୟକଟ୍ କରିଥିଲେ। ଅରୁଣାଚଳ ପ୍ରଦେଶର ୩ ଉଷୁ ଖେଳାଳିଙ୍କୁ ଭିଜା ନ ମିଳିବା କାରଣରୁ ଉଭୟ ଏହି ନିଷ୍ପତ୍ତି ନେଇଥିଲେ।

ପ୍ରାରମ୍ଭିକ ଭାବରେ ଏହି ଟୁର୍ନାମେଣ୍ଟ ୨୦୨୨ରେ ଆୟୋଜିତ ହେବାର ଥିଲା। ମାତ୍ର କୋଭିଡ୍ କାରଣରୁ ଏହି ଟୁର୍ନାମେଣ୍ଟ ଘୁଞ୍ଚାଇବାକୁ ନିଷ୍ପତ୍ତି ନେଇଥିଲା ଚାଇନା। ଭାରତ ଏହି ଟୁର୍ନାମେଣ୍ଟ ପାଇଁ ୬୫୫ ଜଣିଆ ଆଥ୍‌ଲେଟିକ୍ସ ଟିମ୍ ପଠାଇଥିଲା। ୧୦୦ରୁ ଅଧିକ ଭାରତୀୟ ଖେଳାଳି ଉଦ୍‌ଘାଟନୀ ସମାରୋହରେ ଭାଗ ନେଇଥିଲେ। ପୁରୁଷ ହକି ଦଳର ଅଧିନାୟକ ହରମନ୍‌ପ୍ରୀତ୍ ସିଂ ଓ ଅଲିମ୍ପିକ୍ସ ପଦକ ବିଜୟିନୀ ବକ୍ସର ଲଭଲିନା ବୋର୍ଗୋହେନ ମିଳିତ ଭାବରେ ଭାରତୀୟ ଜାତୀୟ ପତାକା ବହନ କରିଥିଲେ। ପ୍ରଥମ ଥର ପାଇଁ ଭାରତ ଜଣେ ଲେଖାଏ ପୁରୁଷ ଓ ମହିଳା ଖେଳାଳିଙ୍କୁ ଧ୍ୱଜାବାହକ ଭାବରେ ଚୟନ କରିଥିଲା। ପୁରୁଷ ଆଥ୍‌ଲେଟମାନେ ବନ୍ଧଗଳା ଜ୍ୟାକେଟ୍ ସହିତ ଖାକି କୁର୍ତ୍ତା ପିନ୍ଧିଥିବା ବେଳେ ମହିଳା ଆଥ୍‌ଲେଟମାନେ ହାଇ ନେକ୍ ବ୍ଲାଉଜ୍ ଓ ଖାକି ରଙ୍ଗର ଶାଢି ପିନ୍ଧିଥିଲେ। ରବିବାର ଟେନିସ୍ ଦଳର ମ୍ୟାଚ୍ ରହିଥିବାରୁ କେବଳ ରାମକୁମାର ରାମନାଥନ୍ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ।





କୁନି ପିଲାଙ୍କ ସହ ଏସିଆନ୍ ଗେମ୍ସର ମାସ୍କଟ୍ 'ମେମୋରିଜ୍ ଅଫ୍ ଜିଆଙ୍ଗନାନ୍'।

## ପ୍ରି-କ୍ୱାର୍ଟରରେ ଟେବୁଲ ଟେନିସ ଦଳ

**ହାଙ୍ଗଝୋ,୨୩।୯(ପି.ଟି.)**

ଚାଇନାର ହାଙ୍ଗଝୋରେ ଅନୁଷ୍ଠିତ ଏସିଆନ୍ ଗେମ୍ସର ୧୯ ତମ ସଂସ୍କରଣରେ ଭାରତୀୟ ଟେବୁଲ ଟେନିସ ଦଳ ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ଉଭୟ ପୁରୁଷ ଓ ମହିଳା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଦଳ ନେପାଳକୁ ୩-୦ରେ ହରାଇଥିବା ବେଳେ ମହିଳା ଦଳ ତାଜିକସ୍ତାନକୁ ସମାନ ବ୍ୟବଧାନରେ ପରାସ୍ତ କରିଥିଲା। ଭାରତୀୟ ମହିଳା ଦୁଇ ମ୍ୟାଚ୍‌ରେ ଦୁଇଟି ବିଜୟ ସହିତ ଗ୍ରୁପ୍ ଶୀର୍ଷରେ ରହିଥିଲା। ରାଉଣ୍ଡ ଅଫ୍ ୧୬ ମ୍ୟାଚରେ ଦଳ ଥାଇଲାଣ୍ଡକୁ ଭେଟିବ। ସମାନ ଭାବରେ ଗ୍ରୁପ୍ ଏଫ୍‌ରେ ସ୍ଥାନ ପାଇଥିବା ପୁରୁଷ ଦଳ ମଧ୍ୟ ଏହାର ଉଭୟ ମ୍ୟାଚ୍ ଜିତି ଗ୍ରୁପ୍ ଶୀର୍ଷରେ ରହିଥିଲା। ପୂର୍ବରୁ ଭାରତ ମହିଳା ଦଳ ଶୁକ୍ରବାର ସିଙ୍ଗାପୁରକୁ ହରାଇଥିଲା। ନେପାଳ ବିପକ୍ଷ ମ୍ୟାଚ୍ ପାଇଁ ଭାରତ ମନିକା ବାତ୍ରା ଓ ଶ୍ରୀଜା ଆକୁଳାଙ୍କ ପରି ଖେଳାଳିଙ୍କୁ ବିଶ୍ରାମ ଦେଇଥିଲା। ଦିୟା ଚେତାଲେ ୧୧-୧, ୧୧-୬ ଓ ୧୧-୮ରେ ସିକ୍କା ଶ୍ରେଷ୍ଠଙ୍କୁ ହରାଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଆହିକା ମୁଖାର୍ଜୀ ୧୧-୩, ୧୧-୭ ଓ ୧୧-୨ରେ ନବିତା ଶ୍ରେଷ୍ଠଙ୍କୁ ହରାଇଥିଲେ। ତୃତୀୟ ମ୍ୟାଚରେ ସୁତୀର୍ଥା ମୁଖାର୍ଜୀ ୧୧-୧, ୧୧-୫ ଓ ୧୧-୨ରେ ଏଭାନା ଥାପାଙ୍କୁ ପରାସ୍ତ କରି ଭାରତକୁ ପ୍ରି କ୍ୱାର୍ଟରରେ ପହଞ୍ଚାଇଥିଲେ।



ତାଜିକସ୍ତାନ ବିପକ୍ଷ ଟେବୁଲ ଟେନିସ୍ ମ୍ୟାଚ ଅବସରରେ ଭାରତର ହରମିତ୍ ଦେଶାଇ।





## ଲୋକକଳାକୁ ପ୍ରାଧାନ୍ୟ

**ହାଙ୍ଗଝୋ,୨୩।୯**

ବିଶ୍ୱର ଯେ କୌଣସି କ୍ରୀଡା ଇଭେଣ୍ଟରେ ନାମୀଦାମୀ ରାପର ଓ କଳାକାର ମାନଙ୍କୁ ଦେଖିବାକୁ ମିଳିଥାଏ। ମାତ୍ର ଚାଇନାରେ ଅନୁଷ୍ଠିତ ୧୯ ତମ ଏସିଆନ୍ ଗେମ୍ସରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ପ୍ରଥମ ଥର ପାଇଁ କୌଣସି ଅନ୍ତର୍ଜାତୀୟ କଳାକାରଙ୍କୁ ସ୍ଥାନ ମିଳି ନ ଥିବା ବେଳେ ଚୀନ୍‌ର ସ୍ଥାନୀୟ କଳାକାରଙ୍କୁ ପ୍ରାଧାନ୍ୟ ଦିଆଯାଇଥିଲା। ବିଭିନ୍ନ ଲୋକ ନୃତ୍ୟ ସହିତ ହାଙ୍ଗଝୋର ଇତିହାସକୁ ଦେଖାଇବାକୁ ପ୍ରୟାସ କରାଯାଇଥିଲା। ଏହା ସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମାଧ୍ୟମରେ ଚୀନ୍‌ର ବୈଷୟିକ ପ୍ରଗତିକୁ ପ୍ରଦର୍ଶିତ କରାଯାଇଥିଲା। ଚୀନ୍‌ରେ ପ୍ରବାହିତ ହେଉଥିବା ନଦୀ ଗୁଡିକର ଭିଜୁଆଲ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ